


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-249 BHUBANESWAR MONDAY 4 MARCH 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୨୪୯ ଭୁବନେଶ୍ୱର ସୋମବାର ୪ ମାର୍ଚ୍ଚ ୨୦୨୪ ପୃଷ୍ଠା-୧୬ ଟ.୬.୦୦


### ମୁଖ୍ୟମନ୍ତ୍ରୀଙ୍କ ବଡ଼ ନିଷ୍ପତ୍ତି

# ନିର୍ମାଣ ଶ୍ରମିକଙ୍କୁ ସର୍ବନିମ୍ନ ୧୦୦୦ ଟଙ୍କା ପେନ୍‌ସନ୍



**୮୦ ବର୍ଷରୁ ଅଧିକଙ୍କୁ ମିଳିବ ୧୨୦୦ ଟଙ୍କା**

- ୫୦୦ ଟଙ୍କା ବଢ଼ିଲା ନିର୍ମାଣ ଶ୍ରମିକଙ୍କ ପେନ୍‌ସନ୍
- ୨୦୨୪ ଫେବୃଆରୀରୁ ପିଛିଲା ଭାବେ ଲାଗୁ
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ସମୟରେ ପ୍ରସ୍ତାବ

■ **ଭୁବନେଶ୍ୱର, ୩।୩ (ସମିସ):** ରାଜ୍ୟର ସବୁ ବର୍ଗର ଲୋକଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବୀ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ରବିବାର ନିର୍ମାଣ ଶ୍ରମିକମାନଙ୍କ ପେନ୍‌ସନ୍ ବୃଦ୍ଧି ସଂପର୍କରେ ଘୋଷଣା କରିଛନ୍ତି। ଏଣିକି ନିର୍ମାଣ ଶ୍ରମିକମାନେ ସର୍ବନିମ୍ନ ୧୦୦୦ ଟଙ୍କାର ପେନ୍‌ସନ ପାଇବେ। ନୂତନ ନିଷ୍ପତ୍ତି ଅନୁଯାୟୀ, ୬୦ ବର୍ଷ ଅତିକ୍ରମ କରିଥିବା ନିର୍ମାଣ ଶ୍ରମିକମାନେ ଏଣିକି ୫୦୦ ଟଙ୍କା ପରିବର୍ତ୍ତେ ୧୦୦୦ ଟଙ୍କା ମାସିକ ପେନ୍‌ସନ୍ ପାଇବେ। ସେହିପରି ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକମାନେ ୭୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କା ପାଇବେ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ 'ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଅଧୀନରେ ପଞ୍ଜୀକୃତ ହୋଇଥିବା ନିର୍ମାଣ ଶ୍ରମିକମାନଙ୍କ ପେନ୍‌ସନ୍ ରାଶିରେ ବୃଦ୍ଧି କରାଯାଇଛି। ଏମାନେ ସମସ୍ତେ ନିର୍ମାଣ ଶ୍ରମିକ ପେନ୍‌ସନ୍ ଯୋଜନାରେ ଉପକୃତ ହେଉଛନ୍ତି। ଏହି ନୂତନ ପେନ୍‌ସନ୍ ୨୦୨୪ ଫେବୃଆରୀ ମାସରୁ ପିଛିଲା ଭାବେ ଲାଗୁ ହେବ। ଏ ବାବଦରେ ଆବଶ୍ୟକ ଖର୍ଚ୍ଚ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବହନ କରିବ।

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ନିର୍ମାଣ ଶ୍ରମିକ ଓ ସେମାନଙ୍କ ପ୍ରତିନିଧିମାନେ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। '୫-ଟି' ଅଧ୍ୟକ୍ଷ ଏ ବିଷୟରେ ଅବଗତ କରାଇବା ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିର୍ମାଣ ଶ୍ରମିକଙ୍କ ମଙ୍ଗଳ ପାଇଁ ରାଜ୍ୟ ସରକାର ଏକାଧିକ ସହାୟତା ପ୍ରଦାନ କରି ଆସୁଛନ୍ତି। ପଞ୍ଜିକୃତ ମହିଳା ନିର୍ମାଣ ଶ୍ରମିକମାନଙ୍କୁ ମାତୃତ୍ୱ ଲାଭ ସମୟରେ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉଛି। ସେହିପରି ୧୮ ବର୍ଷରୁ ଊର୍ଦ୍ଧ୍ୱ ପଞ୍ଜିକୃତ ମହିଳା ସଦସ୍ୟ କିମ୍ବା ସଦସ୍ୟ/ସଦସ୍ୟାଙ୍କ ୧୮ ବର୍ଷରୁ ଊର୍ଦ୍ଧ୍ୱ କନ୍ୟାଙ୍କ ବିବାହ କ୍ଷେତ୍ରରେ ରାଜ୍ୟ ସରକାର ୫୦ହଜାର ଟଙ୍କା ଯାଏଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସେହିପରି ପଞ୍ଜିକୃତ ହିତାଧିକାରୀଙ୍କ ମୃତ୍ୟୁ ପରେ ହିତାଧିକାରୀଙ୍କ ନିକଟ ସମ୍ପର୍କୀୟଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦୦୦ ଟଙ୍କା ଏବଂ ହିତାଧିକାରୀଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ସହାୟତା ପ୍ରଦାନ କରାଯାଉଛି। ଏହାବ୍ୟତୀତ ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ପାଠପଢ଼ା କ୍ଷେତ୍ରରେ ରାଜ୍ୟ ସରକାର ସହାୟତା ପ୍ରଦାନ କରି ଆସୁଛନ୍ତି।

# 'ମ୍ୟାଜିକ୍ କାର୍ଡ' ପଞ୍ଜୀକରଣ ୫ରୁ

### ଯୁବଶକ୍ତିଙ୍କ ସ୍ୱପ୍ନ ସାକାର ପାଇଁ ମୁଖ୍ୟମନ୍ତ୍ରୀ ଦେବେ ସବୁ ସହାୟତା: ପାଣ୍ଡିଆନ



- କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ '୫-ଟି' ଅଧ୍ୟକ୍ଷ
- ତିନି ଜିଲ୍ଲାର ୩୭,୧୬୦ ପିଲା ପାଇଲେ ୩୬.୮୧ କୋଟି
- ଜୀବନର ଲକ୍ଷ୍ୟ ହାସଲ ପାଇଁ ବଳ ଦେବ 'ନୂଆ-ଓ' ଛାତ୍ରବୃତ୍ତି
- ସ୍ୱାଧୀନତା ଦିବସରୁ ଛାତ୍ରଛାତ୍ରୀଙ୍କୁ ନବୀନ ମ୍ୟାଜିକ୍ ସ୍ମାର୍ଟକାର୍ଡ

■ **ଭୁବନେଶ୍ୱର,୩।୩(ସମିସ):** ଆସନ୍ତା ୫ ତାରିଖରୁ ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍ ପାଇଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହେବ। ଆଗାମୀ ସ୍ୱାଧୀନତା ଦିବସ ଅର୍ଥାତ୍ ଅଗଷ୍ଟ ୧୫ ତାରିଖରେ ଛାତ୍ରଛାତ୍ରୀଙ୍କ ହାତରେ ଏହି ମ୍ୟାଜିକ୍ କାଡର୍ ପ୍ରଦାନ କରାଯିବ। ଯୁବଶକ୍ତିଙ୍କ ବଡ଼ ସ୍ୱପ୍ନ ସାକାର ପାଇଁ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ସହାୟତା ଯୋଗାଇଦେବେ। ରବିବାର କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲା ଗସ୍ତରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ଆଦେଶ ବଣ୍ଟନ କରିବା ଅବସରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ ରବିବାର କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲା ଗସ୍ତ କରିଥିଲେ। ଶ୍ରୀ ପାଣ୍ଡିଆନ୍ କଳାହାଣ୍ଡିର ଧର୍ମଗଡ଼ ଠାରେ ଆୟୋଜିତ ନୂଆ-ଓ ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହାପରେ ବଲାଙ୍ଗିରର ଟିଟିଲାଗଡ଼ ଓ ପରେ ବରଗଡ଼ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ 'ନୂଆ-ଓ' ବୃତ୍ତି ଅନୁମୋଦନ ନିର୍ଦ୍ଦେଶନାମା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ ଥିବା ୮୦ଟି ମହାବିଦ୍ୟାଳୟର ୩୭,୧୬୦ ଜଣ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ବୃତ୍ତି ମିଳିଛି। ତିନି ଜିଲ୍ଲାର ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ୩୬.୮୧ କୋଟି ଟଙ୍କା ବ୍ୟୟ କରାଯାଇଛି। ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଦେଇ '୫-ଟି' ଅଧ୍ୟକ୍ଷ କହିଥିଲେ, ଯୁବକଯୁବତୀମାନେ ସବୁବେଳେ ଜୀବନରେ ବଡ଼ ସ୍ୱପ୍ନ ଦେଖିବା ଉଚିତ। ଆଉ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ନିଷ୍ଠାପର ଉଦ୍ୟମ କରିବା ମଧ୍ୟ ଜରୁରୀ। ପରିଶ୍ରମ କରୁଥିବା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିବେ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ପଦକ୍ଷେପ ସ୍ୱରୂପ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡର ପ୍ରଚଳନ କରିବାକୁ ଯାଉଛନ୍ତି। ସବୁ ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ମିଳିବ। ଏଥିଲାଗି ଅନ୍‌ଲାଇନ୍‌ରେ ପଞ୍ଜୀକରଣ ପାଇଁ ▶ପୃଷ୍ଠା-୯


Hero

ଲକ୍ଷ୍ୟ ସହିତ ବୁଝାମଣା ନାହିଁ।
ଘରକୁ ଆଣନ୍ତୁ, ମାଇଲେଜ୍ ର ହିରୋ

ନୂଆ HF-Deluxe



ସ୍ପେଶାଲ ଅଫର୍
ଏକ୍ସ-ଶୋରୁମ ମୂଲ୍ୟ
~~₹63,948~~
₹60,848* ରୁ ଆରମ୍ଭ
₹3,100/-ପର୍ଯ୍ୟନ୍ତ ସଞ୍ଚୟ
ଏହି ଅଫର କେବଳ 1 ଦିନ ପାଇଁ ବୈଧ

ନୂଆ ଫିଚର୍ସ
USB ଚାର୍ଜର | 3 ଆକର୍ଷକ ଷ୍ଟ୍ରାଇପ୍ସ

ଜବରଦସ୍ତ ମାଇଲେଜ୍ XSENS FI | କମ ମେଣ୍ଟେନାନ୍ସ ଖର୍ଚ୍ଚ | ଅଭୁତ ମଜଭୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | ଉତ୍ତମ ସୁରକ୍ଷା 130 mm ରିୟର ବ୍ରେକ୍

କମ ସୁଧ ହାର @ 6.99%^ | କମ ଡାଉନ ପେମେଣ୍ଟ ₹4999^ | ଆଧାର ଆଧାରିତ^ ଲୋନ୍ ଏବଂ କ୍ୟାଶ୍ EMI | INDIA'S FIRST 5 YEAR WARRANTY* | 6000 km OR 6 Months ସର୍ଭିସ୍ ଇଣ୍ଟରଭଲ୍ | କଲ୍ ଟୋଲ ଫ୍ରି 1800 266 0018

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us at www.HeroMotoCorp.com or call our toll-free no.: 1800 266 0018 . Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer is for a limited period or till stock lasts. Offer amount may vary for model/variant and states. ¥Starting price of HF100 in Bhubaneswar.

For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Bhubaneswar: Rohan Hero** - 9289922474, **Bharat Hero** - 7799766378, **DD Hero** - 0674-2747448 / 9439650824, **Arundhati Hero** - 9289923183, **Cuttack: JMG Hero** - 9289922178, **Sunny Hero** - 9289922697, **Essen Hero** - 9289923078, **Angul: Parbati Hero** - 9289922902, **Balasore: Neelam Hero** - 9289922519, **Baripada: Aditya Hero** - 7799766370, **Bhadrak: Sanjib Hero** - 9289922608, **Chandikhol: S. K. Hero** - 9289922900, **Jajpur Road: Soumik Hero** - 9289922611, **Jaleswar: Sai Hero** - 9289922844, **Jatni: Vishal Hero** - 9289922984, **Keonjhar: Supreme Hero** - 9289922182, **Nayagarh: Bhagabati Hero** - 9289922687, **Puri: Sanjib Hero** - 9289923107, **Behrampur: Lakshmi Motors, Dharma Nagar** - 9289923187, **Lakshmi Automotives, Gajapati Nagar** - 9289922184, **Jeypore: Supreme Hero** - 9289922183, **Phulbani: Narayani Hero** - 9289922991, **Raygada: Ajit Hero** - 9289922819, **Bargarh: Aakash Hero** - 9289922181, **Bhawanipatna: Arundhati Hero** - 9289922837, **Bolangir: Arundhati Hero** - 9289923033, **Jharsuguda: Vijaylaxmi Hero** - 9289922595, **Rourkela: Dua Hero** - 9289922179, **Sambalpur: Sri Shyam Hero** - 9289922484, **Sonepur: Jai Jawan Hero** - 9289922800, **Sundergarh: Robotech Hero** - 9289923063, **Dhenkanal: Som Hero** - 9289922614, **Talcher: Tarini Hero** - 9289922736. **Authorized HeroSure Dealers: Bhubaneshwar: Arundhati Motobikes** - 7682841658, **Rourkela: Dua Motors** - 6372753989.

WT.5687.2024ORI







ସକାଳ THE SAKALA
www.sakalaepaper.com

## ଟଳିବ ପାକିସ୍ତାନର ରାଜନୈତିକ ସଙ୍କଟ !

# ଶେହବାଜ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ

- ଦ୍ୱିତୀୟଥର ପାଇଁ ସମ୍ଭାଳିବେ ଦାୟିତ୍ୱ
- ଅଭିଭାଷଣରେ ନିଜକୁ ବିରୋଧୀ ଦଳ ନେତା କହି ଲଜ୍ଜିତ ହେଲେ
- ଭୋଟ୍ ଚୋର କହି ସଂସଦରେ ହୋହଲ୍ଲା କଲେ ପିଟିଆଇ ନେତା



ଇସଲାମାବାଦ, ୩।୩ (ଏଜେନ୍ସି)

ପାକିସ୍ତାନରେ ନିର୍ବାଚନ ଶେଷ ହେବା ପରେ ପ୍ରାୟ ତିନି ସପ୍ତାହରୁ ଅଧିକ ସମୟ ଧରି ଲାଗି ରହିଥିବା ରାଜନୈତିକ ସଙ୍କଟ ଟଳିବାକୁ ଯାଉଛି । ଏହି ନିର୍ବାଚନରେ କୌଣସି ଦଳ ସରକାର ଗଢିବାକୁ ବହୁମତ ହାସଲ କରି ନଥିଲା । ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କ ପିଏମଏଲ-ଏନ ଏବଂ ବିଲାୱଲ ଭୁଟ୍ଟୋଙ୍କ ପିପିପି ଦଳ ମେଣ୍ଟ କରି ସରକାର ଗଢିବାକୁ ନିଷ୍ପତ୍ତି ନେଇଥିଲେ । ଏହାସତ୍ତ୍ୱେ ମଧ୍ୟ ସରକାର ଗଠନ କରିବା ସମ୍ଭବ ହୋଇ ନଥିଲା । କାରଣ ପ୍ରଧାନମନ୍ତ୍ରୀ କିଏ ହେବ ତାହାକୁ ନେଇ ଟଣାଓଟରା ଚାଲିଥିଲା । ତେବେ ପୂର୍ବ ଘୋଷଣା ଅନୁସାରେ ନୱାଜ୍ ସରିଫଙ୍କ ଭାଇ ଶେହବାଜ୍ ସରିଫ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ରବିବାର ପାକିସ୍ତାନ ଜାତୀୟ ଆସେମ୍ବ୍ଲିରେ ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଛି । ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଜଣେ ନେତା ବିଜୟୀ ହେବା ପାଇଁ ୧୬୯ ସଦସ୍ୟଙ୍କ ସମର୍ଥନର ଆବଶ୍ୟକ ରହିଥିବା ବେଳେ ଶେହବାଜଙ୍କ ସପକ୍ଷରେ ୨୦୧ ଭୋଟ ପଡ଼ିଛି । ଅନ୍ୟପକ୍ଷରେ ପିଟିଆଇ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଉମର ଆୟୁବଙ୍କ ସପକ୍ଷରେ ୯୨ ଭୋଟ ପଡ଼ିଥିବା ଜଣାପଡ଼ିଛି । ଶେହବାଜ ଏହି ନିର୍ବାଚନରେ ବିଜୟୀ ହୋଇଛନ୍ତି ବୋଲି ବାଚସ୍ପତି ଆୟାଜ ସିଦ୍ଦିକି ଘୋଷଣା କରିଛନ୍ତି । ଆସନ୍ତାକାଲି ଶେହବାଜ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସୂଚନା ଦିଆଯାଇଥିଲା ବେଳେ ସେ ଦ୍ୱିତୀୟ ଥର ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ହୋଇଛି । କିନ୍ତୁ ଶେହବାଜ୍‌ଙ୍କୁ ବିରୋଧ କରି ଇମ୍ରାନ ଖାନଙ୍କ ପିଟିଆଇ ଦଳର ସଦସ୍ୟମାନେ ଆସେମ୍ବ୍ଲିରେ ପ୍ରବଳ ହଟଗୋଳ କରିଛନ୍ତି । ପିଏଲଏମ-ଏନ ଦଳକୁ ଭୋଟ ଚୋର କହି ସେମାନେ ପ୍ରବଳ ପାଟିତୁଣ୍ଡ କରିବା ସହିତ ଏହି ଦଳ ଦେଶକୁ ପ୍ରତାରିତ କରିଛି ବୋଲି କହିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଚୟନ ହେବା ପରେ ଶେହବାଜ ସମସ୍ତ ସହଯୋଗୀ ଏବଂ ନିଜ ଭାଇ ନୱାଜ ସରିଫଙ୍କୁ ଧନ୍ୟବାଦ ଦେଇଥିଲେ ।କିନ୍ତୁ ନିଜର ପ୍ରଥମ ଅଭିଭାଷଣରେ ସେ ଲଜ୍ଜିତ ହୋଇଥିଲେ । ଶାହବାଜ ନିଜକୁ ପ୍ରଧାନମନ୍ତ୍ରୀ ପରିବର୍ତ୍ତେ ବିରୋଧୀ ଦଳ ନେତା କହିଥିଲେ । ସେ ପ୍ରାୟ ଦେଢ଼ ଘଣ୍ଟାର ଭାଷଣ ସମୟରେ ଗାଜା ଆକ୍ରମଣ, କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସରକାର ଉପରେ ମଧ୍ୟ ବର୍ଷିଥିଲେ ।

## ନୌସେନା ଜାହାଜରୁ ନୌସୈନିକ ନିଖୋଜ

କୋଚି, ୩।୩ (ଏଜେନ୍ସି): ଭାରତୀୟ ନୌସେନା ଜାହାଜରୁ ଜଣେ ନୌସୈନିକ ନିଖୋଜ ହୋଇଯାଇଛନ୍ତି । ୬ ଦିନ ହେଲା ଜମ୍ମୁ ଅଧିକାରୀ 'ସି ମ୍ୟାନ ୨ ର୍ୟାଙ୍କ'ର ସାହିଲ ବର୍ମା (୧୯) ଙ୍କ କୌଣସି ସନ୍ଧାନ ମିଳିନାହିଁ । ସେ ଗତ ୨୭ ତାରିଖରେ କୋଚିରୁ ନିଖୋଜ ହୋଇ ଯାଇଥିଲେ । ସାହିଲ ୨୦୨୨ରେ ନୌସେନାରେ ସାମିଲ ହୋଇଥିଲେ । ନୌସେନାର ପଶ୍ଚିମ କମାଣ୍ଡ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି । ସାହିଲଙ୍କୁ ଖୋଜିବା ପାଇଁ ଜାହାଜ ଏବଂ ବିମାନ ମାଧ୍ୟମରେ ତଲାସୀ ଅଭିଯାନ ଜାରି ରହିଛି । 'ବୋର୍ଡ ଅଫ୍ ଇନକ୍ୱାରି' ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ରିପୋର୍ଟ ଅନୁଯାୟୀ ସାହିଲ ନିଖୋଜ ହୋଇଥିବା ଜାହାଜଟି ଗତ ୨୫ ତାରିଖରେ କୋଚି ଛାଡ଼ି ଥିଲା । ସାହିଲଙ୍କୁ ଶେଷ ଥର ପାଇଁ ସେହିଦନ ଦେଖା ଯାଇଥିଲା । ସେ କେଉଁ ପରିସ୍ଥିତିରେ ନିଖୋଜ ହୋଇଥିଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଗତ ୨୯ ତାରିଖରେ ଏ ବିଷୟରେ ସାହିଲଙ୍କ ପରିବାରକୁ ସୂଚନା ଦିଆଯାଇଥିଲା । ତାଙ୍କ ବାପା ସୁଭାଷ ଚନ୍ଦ୍ର କହିଛନ୍ତି ଯେ ୨୯ରେ ଜାହାଜ କ୍ୟାପ୍ଟେନ ଫୋନ କରିଥିଲେ । ୨୭ ତାରିଖରୁ ପୁଅର କୌଣସି ସନ୍ଧାନ ମିଳୁ ନ ଥିବା କହିଥିଲେ ।



- ୬ ଦିନହେଲା ସନ୍ଧାନ ମିଳୁନି

## ଇସ୍ତଫା ଦେବେ ହାଇକୋର୍ଟ ବିଚାରପତି ଅଭିଜିତ୍ ବନ୍ଦୋପାଧ୍ୟାୟ

# ଲୋକସଭା ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା

କୋଲକାତା,୩।୩(ଏଜେନ୍ସି)



କୋଲକାତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଭିଜିତ୍ ବନ୍ଦୋପଧ୍ୟାୟ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ରବିବାର ଘୋଷଣା କରିଛନ୍ତି । ଆସନ୍ତା ମଙ୍ଗଳବାର ସେ ଇସ୍ତଫା ଦେବା ସହିତ ସେହି ଦିନ ହିଁ ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ପଠାଇ ଦେବେ ବୋଲି କହିଛନ୍ତି । ଏବେ ସେ ଆଉ ନ୍ୟାୟିକ ବିଭାଗରେ କାର୍ଯ୍ୟ କରିବେ ନାହିଁ ଏବଂ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ସମସ୍ତ ମାମଲାଗୁଡିକରେ ସେ ବିଚାର କରିବେ ନାହିଁ ବୋଲି କହିଛନ୍ତି । ଜଷ୍ଟିସ୍ ଅଭିଜିତ୍‌ଙ୍କ ଏଭଳି ଅଚାନକ ନିଷ୍ପତ୍ତି ବିଭିନ୍ନ ମହଲରେ ଗୁଞ୍ଜରଣ ସୃଷ୍ଟି କରିଥିଲା ବେଳେ ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଏଭଳି କାହିଁକି ନିଷ୍ପତ୍ତି ନେଲେ ତାହାକୁ ନେଇ ଆଲୋଚନା ଜୋର ଧରିଛି । ସେ କେଉଁ କାରଣ ପାଇଁ ଇସ୍ତଫା ଦେବାକୁ ଯାଉଛନ୍ତି ତାହା ଅଭିଜିତ୍ ସ୍ପଷ୍ଟ କରିନାହାନ୍ତି । ତେବେ ସେ ଲୋକସଭା ନିର୍ବାଚନ ଲଢିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି । ପଶ୍ଚିମବଙ୍ଗର ତାମଲୁକ୍ ଲୋକସଭା ଆସନରୁ ଅଭିଜିତ ନିର୍ବାଚନ ଲଢିବା ପ୍ରାୟ ନିଶ୍ଚିତ ବୋଲି ଶୁଣିବାକୁ ମିଳୁଛି । ଏହି ଆସନରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ୨୦୦୯ ରୁ ୨୦୧୬ ପର୍ଯ୍ୟନ୍ତ ସାଂସଦ ରହିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ସ୍କୁଲ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଘୋଟାଲା ମାମଲାରେ ଜଷ୍ଟିସ୍ ଅଭିଜିତ୍ ରାଜ୍ୟ ସରକାରଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହିତ ଏହି ମାମଲାରେ ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କେବଳ ସେତିକି ନୁହେଁ, ଏହି ଘୋଟାଲାକୁ ନେଇ ବର୍ତ୍ତମାନ ସୁଦ୍ଧା ପଡ଼ିରହିଥିବା ସମସ୍ତ ମାମଲାରେ ତୁରନ୍ତ ବିଚାର ହେବା ଦରକାର ବୋଲି କହି ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ସୁପ୍ରିମକୋର୍ଟଙ୍କ କଡ଼ା ନଜରକୁ ଆସିଥିଲେ । ଏହି ସାକ୍ଷାତକାର ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପଶ୍ଚିମବଙ୍ଗ ଶିକ୍ଷକ ଘୋଟାଲା ମାମଲା ଅନ୍ୟ ଜଣେ ବିଚାରପତିଙ୍କୁ ନ୍ୟସ୍ତ କରିବାକୁ କୋଲାକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗୁରୁତର ହେଉଛି ଗାଜା ସଙ୍କଟ

# ଅନାହାର ମୃତ୍ୟୁ ଅପେକ୍ଷାରେ ୨୨ ଲକ୍ଷ ଲୋକ

ତେଲ ଅଭିଭ, ୩।୩ (ଏଜେନ୍ସି): ଇସ୍ରାଏଲ ଆକ୍ରମଣରେ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି । ଯୁଦ୍ଧ ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଛନ୍ତି । ତେବେ ଯୁଦ୍ଧ ମଧ୍ୟରେ ଖାଦ୍ୟ ସଙ୍କଟ ଗୁରୁତର ସ୍ଥିତି ସୃଷ୍ଟି କରୁଛି । ଲୋକେ ଦିନକୁ ଥରେ ହେଲେ ବି ଖାଇବାକୁ ପାଉନାହାନ୍ତି । ସ୍ଥିତି ଏପରି ହୋଇଛି ଯେ ଲୋକେ ଖାଇବାକୁ ନ ପାଇ ଅକାଳରେ ପ୍ରାଣ ହରାଉଛନ୍ତି । ଏବେ ୨୨ ଲକ୍ଷ ଲୋକ ଅନାହାର ମୃତ୍ୟୁ ଅପେକ୍ଷାରେ ଅଛନ୍ତି ବୋଲି ମିଳିତ ଜାତିସଂଘ (ୟୁଏନ) ପକ୍ଷରୁ କୁହାଯାଇଛି । ଗାଜାରେ ଖାଦ୍ୟ ପାଇଁ ସଂଘର୍ଷ ଆରମ୍ଭ ହୋଇଯାଇଛି । ଖାଦ୍ୟ ସଙ୍କଟ ମଧ୍ୟରେ ଇସ୍ରାଏଲ ସେନାର ଜୁଲମ ମଧ୍ୟ ଲୋକଙ୍କୁ ଭୋଗିବାକୁ ପଡୁଛି । ଗତ ୧ ତାରିଖରେ ଖାଦ୍ୟ ନେବାକୁ ଯାଇଥିବା ଲୋକଙ୍କ ଉପରେ ଇସ୍ରାଏଲ ସେନା ଗୁଳି ମାଡ଼ କରିଥିଲା । ଏଥିରେ ୧୧୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ଗୁଳିମାଡ଼ ପରେ ଯେଉଁ ଗାଡ଼ିରେ ରିଲିଫ ସାମଗ୍ରୀ ଯାଇଥିଲେ ସେହି ଗାଡ଼ି ମୃତଦେହ ଏବଂ ଆହତଙ୍କୁ ଧରି ଡାକ୍ତରଖାନା ଯାଇଥିଲା । ଏ ପର୍ଯ୍ୟନ୍ତ ଯୁଦ୍ଧରେ ୩୦ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କ ଜୀବନ ଗଲାଣି ।

ଏପରି ସମୟରେ ଆମେରିକା ପ୍ରଥମ ଥର ପାଇଁ ଗାଜାକୁ ସହାୟତା ପଠାଇଛି । ଆମେରିକା ସେନା ବିମାନରୁ ପାରାଚୁଟ ମାଧ୍ୟମରେ ସମୁଦ୍ର କୂଳରେ ଖାଦ୍ୟ ପ୍ୟାକେଟ ପକାଇଛି । ୬୬ଟି ବାକ୍ସରେ ୩୮ ହଜାର ମିଲ୍ ପଠା ଯାଇଛି । ଏହାକୁ ନେବା ପାଇଁ ଲୋକେ ସମୁଦ୍ରକୁ ଡେଇଁଛନ୍ତି । ଅନ୍ୟପକ୍ଷରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ୬ ମାସ ପର୍ଯ୍ୟନ୍ତ ଅସ୍ତ୍ରବିରତି ପାଇଁ ଆଲୋଚନା ଜାରି ରହିଛି ।

**ଆମେରିକା ପାରାଚ୍ୟୁଟ୍‌ରୁ ଖସାଇଲା ଖାଦ୍ୟ ପ୍ୟାକେଟ**

**ଖାଦ୍ୟ ପାଇଁ ସମୁଦ୍ରକୁ ଡେଇଁଲେ ହଜାର ହଜାର ଲୋକ**



## ପାକ୍‌ରେ ଆଉ ଜଣେ ଭାରତ ବିରୋଧୀ ଆତଙ୍କବାଦୀ ଖତମ୍

ଇସଲାମାବାଦ, ୩।୩ (ଏଜେନ୍ସି): ଭାରତ ଆଉ ଜଣେ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀକୁ ପାକିସ୍ତାନର ଖୈବର ପଖ୍ତୁନଖ୍ୱାରେ ହତ୍ୟା କରାଯାଇଛି । ତେବେ ଏହି ଆତଙ୍କବାଦୀର ମୃତ୍ୟୁ କେଉଁ ପରିସ୍ଥିତିରେ ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଏହି ଆତଙ୍କବାଦୀ ଜମିଲ-ଉର-ରହମାନ ଜିହାଦୀ ସଂଗଠନ 'ୟୁନାଇଟେଡ ଜିହାଦ କାଉନସିଲ' ର ସାଧାରଣ ସମ୍ପାଦକ ଏବଂ ତହରିକ-ଉଲ-ମୁଜାହିଦିନର ଅମିର ଥିଲା । ଶନିବାର ସନ୍ଦେହଜନକ ସ୍ଥିତିରେ ଅବୋଟାବାଦରେ ତାହାର ମୃତ୍ୟୁ ହୋଇଥିଲା । ତାକୁ ହତ୍ୟା କରାଯାଇଥିବା କୁହାଯାଉଛି । ରହମାନ କାଶ୍ମୀର ପୁଲୱାମାର ବାସିନ୍ଦା ଥିଲା । ୨୦୨୨ ଅକ୍ଟୋବରରେ ଭାରତ ତାକୁ ଆତଙ୍କବାଦୀ ଘୋଷଣା କରିଥିଲା । ସେ ଜମ୍ମୁ-କାଶ୍ମୀରର ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା । ଏହା ସହିତ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ ମଧ୍ୟ କାମ କରୁଥିଲା ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ପାକିସ୍ତାନ, ପିଓକେ ଏବଂ କାଶ୍ମୀର ମଧ୍ୟରେ କାର୍ଯ୍ୟ କରୁଥିବା ଜୈସ-ଇ-ମହମ୍ମଦ (ଜେଇଏମ), ଲସ୍କର-ଇ-ତୋଏବା (ଏଲଇଟି), ହିଜବୁଲ ମଜାହିଦିନ ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନରେ ସାମିଲ ହେବା ପାଇଁ ଯୁବବର୍ଗଙ୍କୁ ପ୍ରଶିକ୍ଷଣ ଦେଉଥିଲା । ସେ ଅନୁପ୍ରବେଶ ସହିତ ଅନ୍ୟ ଆତଙ୍କବାଦୀ କାର୍ଯ୍ୟରେ ସହାୟତା କରୁଥିଲା ।

## ଭୂସ୍ଖଳନରେ ମହିଳାଙ୍କ ସମେତ ୩ ଶିଶୁ ମୃତ

ନୂଆଦିଲ୍ଲୀ, ୩।୩ (ଏଜେନ୍ସି):ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ସହିତ ତୁଷାରପାତ ଜାରି ରହିଛି । ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ହିମସ୍ଖଳନ ହୋଇଛି । ଜମ୍ମୁ ରିୟାସିରେ ରବିବାର ଭୂସ୍ଖଳନ ଘଟି ଏକ ଘର ଭୁଶୁଡ଼ି ଯାଇଛି । ଏଥିରେ ଜଣେ ମହିଳାଙ୍କ ସମେତ ୩ ଶିଶୁଙ୍କ ମୃତ୍ୟୁ ହୋଇଛି । ୨ ଜଣ ମଧ୍ୟ ଆହତ ହୋଇଛନ୍ତି । ସେହିପରି ଦୁଇ ଦିନ ହେଲା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ବନ୍ଦ ରହିଛି । ଅନ୍ୟପକ୍ଷରେ ହିମାଚଳ ପ୍ରଦେଶର ଲାହୋଲ ଏବଂ ସ୍ପିତି ଜିଲ୍ଲାରେ ତାଣ୍ଡି ଅଞ୍ଚଳରେ ରବିବାର ସକାଳେ ହିମସ୍ଖଳନ ହୋଇଛି । ଏଠାରେ ବରଫ ଗାଁ ଭିତରକୁ ପଶି ଯାଇଛି । ବର୍ଷା ଏବଂ ତୁଷାରପାତ ଯୋଗୁଁ ୫ ଏନ୍‌ଏଚ୍ ସମେତ ରାଜ୍ୟର ୫୦୦ ରାସ୍ତା ବନ୍ଦ ରହିଛି । ଚେନାବ ନଦୀ ପ୍ରବାହ ମଧ୍ୟ ବନ୍ଦ ହୋଇଯାଇଛି । ଏହା ବ୍ୟତୀତ ଉତ୍ତରପ୍ରଦେଶରେ ଝଡ଼ବାତ୍ୟା ଏବଂ ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ହୋଇଛି ।

## ଚାଷୀଙ୍କ ପୁଣି ରଣହୁଙ୍କାର

# ୬ରେ 'ଦିଲ୍ଲୀ ଚଲୋ', ୧୦ରେ ରେଲରୋକୋ ଆନ୍ଦୋଳନ

ନୂଆଦିଲ୍ଲୀ,୩।୩(ଏଜେନ୍ସି): ଏମଏସ୍‌ପି ଗ୍ୟାରେଣ୍ଟି ଦାବିରେ ପଞ୍ଜାବ-ହରିୟାଣା ସୀମାରେ ଧାରଣା ଦେଉଥିବା ଚାଷୀ ପୁଣିଥରେ କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଛନ୍ତି ।ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଦାବି ପୂରଣ କରିବା ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ୬ ତାରିଖରେ ସେମାନେ ଦିଲ୍ଲୀରେ ବିକ୍ଷୋଭ କରିବେ ବୋଲି କହିଛନ୍ତି । ଦେଶର ପ୍ରତ୍ୟେକ ଭାଗରୁ ଚାଷୀମାନେ 'ଦିଲ୍ଲୀ ଚଲୋ' ଅଭିଯାନରେ ସାମିଲ ହୋଇ ଏହି ଦିନ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚାଷୀ ସଂଗଠନ ନେତା ଜଗଜିତ୍ ସିଂ ଦାଲେୱାଲ କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପଞ୍ଜାବ ସୀମାରେ ଆହୁରି ଅଧିକ ସଂଖ୍ୟକ ଚାଷୀଙ୍କୁ ଏକାଠି ହେବାକୁ କୁହାଯାଇଥିବା ସେ କହିଛନ୍ତି । ମାର୍ଚ୍ଚ ୬ରେ ଦିଲ୍ଲୀ ଚଲୋ ଅଭିଯାନ ବ୍ୟତୀତ ୧୦ ତାରିଖରେ ସାରା ଦେଶରେ ରେଳ ରୋକୋ ଆନ୍ଦୋଳନ ମଧ୍ୟ କରାଯିବ ବୋଲି ଦାଲେୱାଲ କହିଛନ୍ତି । ଦିନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେଶର ସମସ୍ତ ଭାଗରେ ଚାଷୀମାନେ ରେଳ ରୋକୋ ଆନ୍ଦୋଳନରେ ସାମିଲ ହେବେ । ୬ରେ ଦିଲ୍ଲୀ ଅଭିଯାନ ପାଇଁ ରେଳ , ବସ୍ ଏବଂ ଟ୍ରାକ୍ଟରରେ ବିଭିନ୍ନ ସ୍ଥାନରୁ ଆସି ଚାଷୀମାନେ ଦିଲ୍ଲୀ ସୀମାରେ ଏକାଠି ହେବେ ବୋଲି ସେ କହିଛନ୍ତି ।



## ● ରାୟଗଡ଼ା-ପଲାସା ପାସେଞ୍ଜର ଦୁର୍ଘଟଣା ମାମଲା

# ମୋବାଇଲରେ ଖେଳ ଦେଖୁଥିଲେ ଡ୍ରାଇଭର

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଗତ ବର୍ଷ ଅକ୍ଟୋବର ୨୯ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅନ୍ତର୍ଗତ କଣ୍ଟକପାଲିର ହାୱଡ଼ା-ଚେନ୍ନଇ ଲାଇନରେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ଏଠାରେ ରାୟଗଡା ପାସେଞ୍ଜର ଟ୍ରେନ ଏବଂ ଭିଶାଖାପାଟଣା ପଲାସା ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା । ଏଥିରେ ୧୪ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ୫୦ରୁ ଅଧିକ ଜଣ ମଧ୍ୟ ଆହତ ହୋଇଥିଲେ । ଏବେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏହି ଟ୍ରେନ ଦୁର୍ଘଟଣାର କାରଣ ଦର୍ଶାଇଛନ୍ତି । ଏହି ସମୟରେ ଟ୍ରେନ୍‌ର ଡ୍ରାଇଭର (ଲୋକ ପାଇଲଟ) ଏବଂ ସହଯୋଗୀ ମୋବାଇଲରେ କ୍ରିକେଟ ମ୍ୟାଚ୍ ଦେଖୁଥିଲେ । ସୁରକ୍ଷା ନିୟମକୁ ଅଣଦେଖା କରି ଉଭୟେ ଦୁଇଟି ଅଟୋ ସିଗ୍‌ନାଲକୁ ଲକ୍ଷ୍ୟ କରି ନ ଥିଲେ । ଏହି ଦୁର୍ଘଟଣାରେ ଉଭୟ ଡ୍ରାଇଭର ଏବଂ ସହଯୋଗୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ଏବେ ଏଭଳି ସମସ୍ୟାକୁ ବନ୍ଦ କରିବା ପାଇଁ ଟ୍ରେନ୍‌ରେ ନୂଆ ସିଷ୍ଟମ ଲଗାଯାଉଛି । ଲୋକ ପାଇଲଟ ଏବଂ ତାଙ୍କ ସହଯୋଗୀ କେବଳ ଟ୍ରେନ୍ ଉପରେ ଧ୍ୟାନ ଦେବାର ବ୍ୟବସ୍ଥା କରାଯାଉଛି ।

## ସରିଲା କେନ୍ଦ୍ର କ୍ୟାବିନେଟର ଶେଷ ବୈଠକ

ନୂଆଦିଲ୍ଲୀ, ୩।୩ (ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ଶେଷ ବୈଠକ ବସିଛି । ଏଥିରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ଯାଆନ୍ତୁ, ଜିତିକି ଆସନ୍ତୁ । ଖୁବଶୀଘ୍ର ଆମେ ଏକାଠି ହେବା ବୋଲି କହିଛନ୍ତି । ଏହି ବୈଠକରେ ଆଗାମୀ ୫ ବର୍ଷର ଯୋଜନା, ବିକଶିତ ଭାରତ ୨୦୪୭ ପାଇଁ ଭିଜନ ଡକୁମେଣ୍ଟ ଏବଂ ବିଜୟପରେ ପ୍ରଧାନମନ୍ତ୍ରୀଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ଶହେ ଦିନର ହେବାକୁ ଥିବା ଯୋଜନା ବିଷୟରେ ଚର୍ଚ୍ଚା କରାଯାଇଥିଲା । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ମୋଦୀ ଭାଷଣ ଦେଇ ମନ୍ତ୍ରୀଙ୍କୁ ବିବାଦଠାରୁ ଦୂରେଇବାକୁ ଏବଂ ଡିପ୍‌ଫେକରୁ ସାବଧାନ ରହିବାକୁ କହିଥିଲେ । ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କ ପାଖକୁ ଯାଇ ଜନକଲ୍ୟାଣ ପାଇଁ ସରକାର ନେଇଥିବା ପଦକ୍ଷେପ ବିଷୟରେ ସୂଚନା ଦେବାକୁ କହିଛନ୍ତି ।

## ରାଜନୀତି ଛାଡ଼ିଲେ ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ, ୩ ।୩(ଏଜେନ୍ସି): ଦିଲ୍ଲୀର ଚାନ୍ଦିନୀଚୌକ ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ବରିଷ୍ଠ ବିଜେପି ନେତା ଡଃ ହର୍ଷବର୍ଦ୍ଧନ ସକ୍ରିୟ ରାଜନୀତିରୁ ଓହରିଯାଇଛନ୍ତି । ଆସନ୍ତା ଲୋକସଭା ନିର୍ବାଚନରେ ତାଙ୍କୁ ଚାନ୍ଦିନୀଚୌକ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାନଯାଇ ତାଙ୍କ ସ୍ଥାନରେ ପ୍ରବୀଣ ଖଣ୍ଡେଲୱାଲଙ୍କୁ ଦଳୀୟ ଟିକେଟ୍ ଦିଆଯାଇଛି । ଡଃ ହର୍ଷ ବର୍ଦ୍ଧନ ୫ଥର ବିଧାୟକ ଭାବେ ଓ ୨ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି । ସେ କେନ୍ଦ୍ର କ୍ୟାବିନେଟରେ ଥରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଥରେ ପରିବେଶ ବିଭାଗ ମନ୍ତ୍ରୀ ଥିଲେ । ସେ ଜଣେ କର୍ଣ୍ଣ, ନାସା ଓ ଗଳା(ଇଏନଟି)ସର୍ଜନ । ପୂର୍ବ ଦିଲ୍ଲୀର କ୍ରିଷ୍ଣାନଗରରେ ତାଙ୍କର କ୍ଲିନିକ ରହିଛି । ରାଜନୀତି ଛାଡ଼ିଥିବାରୁ ଏବେ ସେ ନିଜ କ୍ଲିନିକରେ ଗରିବ ଓ ଅସହାୟ ରୋଗୀଙ୍କ ଚିକିତ୍ସା କରିବେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ର ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କ ଆଗ୍ରହ ଓ ଆହ୍ୱାନକ୍ରମେ ସେ ରାଜନୀତିରେ ଯୋଗ ଦେଇଥିଲେ । ସେ ଦୀର୍ଘ ୩୦ ବର୍ଷ ରାଜନୀତିରେ ରହିଲେ ଓ ନିର୍ବାଚନ ରାଜନୀତିରେ ସଫଳତା ହାସଲ କରିଥିଲେ । ବର୍ତ୍ତମାନ ବିନମ୍ରତାର ସହ ସେ ରାଜନୀତି ଛାଡ଼ି କ୍ଲିନିକକୁ ଫେରିବେ ବୋଲି ତାଙ୍କ ଏକ୍ସ (ପୂର୍ବର ଟ୍ୱିଟର)ଆକାଉଣ୍ଟରେ ଲେଖିଛନ୍ତି ।

## ୩ ରାଜ୍ୟରେ ନିକିଙ୍କୁ ହରାଇଲେ ଟ୍ରମ୍ପ

ୱାଶିଂଟନ, ୩।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ରିପବ୍ଲିକାନ ପାର୍ଟିର ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି । ରିପବ୍ଲିକାନ ଦଳର ଆଶାୟୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ୩ ରାଜ୍ୟ ମିଚିଗନ, ମିସୋରି ଏବଂ ଇଡ଼ାହୋରୁ ବିଜୟୀ ହୋଇଛନ୍ତି । ସେ ସାଉଥ କାରୋଲିନାରୁ ପୂର୍ବତନ ଗଭର୍ଣ୍ଣର ନିକି ହେଲିଙ୍କୁ ହରାଇଛନ୍ତି । ଆୟୋୱା, ନ୍ୟୁ ହାମ୍ପସାୟର, ନେଭାଡ଼ା ଦକ୍ଷିଣ କାରୋଲିନା ସମେତ ୮ ରାଜ୍ୟରେ ବିଜୟ ସହିତ ଟ୍ରମ୍ପ ନିଜ ପ୍ରାର୍ଥୀତ୍ୱକୁ ମଜବୁତ କରିଛନ୍ତି । ମିଚିଗନରେ ରିପବ୍ଲିକାନ ଦଳର ପ୍ରାଥମିକ ସଦସ୍ୟ ଏବଂ କାକସ୍ ମିଶି ଏକ ହାଇବ୍ରିଡ ବ୍ୟବସ୍ଥା ବନାଇଛନ୍ତି । ଏଥିରୁ ଟ୍ରମ୍ପ ରାଜ୍ୟର ସମସ୍ତ ୧୩ ସହରରୁ ବିଜୟୀ ହୋଇଛନ୍ତି ।

# 'ପାକିସ୍ତାନ ତୁଳନାରେ ଭାରତର ବେକାରି ସମସ୍ୟା ଦୁଇଗୁଣ'

ଗ୍ୱାଲିୟର,୩।୩(ଏଜେନ୍ସି)



ଦେଶର ସାଂପ୍ରତିକ ବେକାରି ସମସ୍ୟାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ବର୍ତ୍ତମାନ ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ, ପାକିସ୍ତାନ, ବାଂଲାଦେଶ ଏବଂ ଭୁଟାନ ଭଳି ଛୋଟ ଦେଶଙ୍କ ତୁଳନାରେ ଭାରତର ସ୍ଥିତି ଅତ୍ୟନ୍ତ ଜଟିଳ ରହିଛି ବୋଲି ସେ କହିଛନ୍ତି । ଏପରିକି ପାକିସ୍ତାନ ତୁଳନାରେ ଭାରତରେ ବୋକରି ସମସ୍ୟା ଦୁଇ ଗୁଣ ଅଧିକ ବୋଲି ରାହୁଲ କହିଛନ୍ତି । ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ରାହୁଲ ରବିବାର ଗ୍ୱାଲିୟରରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ ନୋଟବନ୍ଦୀ କରି ଛୋଟ ଛୋଟ ବ୍ୟବସାୟୀଙ୍କ ହାତ ବନ୍ଦ କରିଦେଇଥିଲେ । ଏହାପରେ ଜିଏସଟି ଲାଗୁ କରି ସ୍ଥିତିକୁ ଆହୁରି ଜଟିଳ କରି ଦେଇଥିଲେ । ଯାହାକୁ ନେଇ ଦେଶର ବାଣିଜ୍ୟ ବ୍ୟବସାୟ କ୍ଷେତ୍ର ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବ । ସହିତ ବେକାରି ସମସ୍ୟା ବଢ଼ିବାରେ ଲାଗିଛି ବୋଲି ରାହୁଲ କହିଛନ୍ତି । କିନ୍ତୁ ଅନ୍ୟପକ୍ଷରେ ମୋଦୀ ସରକାର ବଡ଼ ବଡିଆଙ୍କ ଧନ ଆହୁରି କେମିତି ବଢିବ ତାହାକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ବିଶେଷକରି ଅବରପତିଙ୍କ ପାଇଁ ଏହି ସରକାର ଖୁବ୍ ଯତ୍ନଶୀଳ ହେବା ସହିତ ସେମାନଙ୍କ ହଜାର ହଜାର କୋଟି ଟଙ୍କାର ଋଣ ମାଫ୍ କରିବାକୁ ପଛାଇ ନାହିଁ । ଯଦି ଶିଳ୍ପପତିଙ୍କ ଋଣ ମାଫ୍ କରାଯାଇପାରୁଛି ତେବେ ଚାଷୀଙ୍କ ଋଣ କାହିଁକି ଛାଡ ହୋଇପାରିବନି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି । ଯଦି ଭାରତ ମାତା କି ଜୟ କହି ଆମେ ଦେଶର ବନ୍ଦନ କରୁଛେ ତେବେ ୭୫ ପ୍ରତିଶତ ଦେଶବାସୀଙ୍କ ମଧ୍ୟ ଜୟ ହେବା ଦରକାର ବୋଲି ରାହୁଲ କହିଛନ୍ତି ।

## ଇଣ୍ଡିଆ ମେଣ୍ଟ ରାଲିରେ ବର୍ଷିଲେ ଲାଲୁ

# ମୋଦୀ ହିନ୍ଦୁ ନୁହନ୍ତି, ନୀତୀଶ ପଲଟୁରାମ୍

ପାଟନା,୩।୩(ଏଜେନ୍ସି)



ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏଠାରେ ଇଣ୍ଡିଆ ମେଣ୍ଟ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରିବା ସହିତ ତାଙ୍କ ବିରୋଧରେ ବର୍ଷିଛନ୍ତି । ମୋଦୀ ନିଜକୁ ଜଣେ କଟର ହିନ୍ଦୁ ବୋଲି କହୁଥିଲେ ହେଁ ସେ ପ୍ରକୃତରେ ହିନ୍ଦୁ ନୁହନ୍ତି । କାରଣ ଯେଉଁ ବ୍ୟକ୍ତି ନିଜ ମାଆଙ୍କ ଅନ୍ତ୍ୟେଷ୍ଟିରେ ଲଣ୍ଡା ହୋଇ ଏବଂ ଦାଢି କାଟି ଶୌଚ ହୋଇନାହାନ୍ତି ସେ ବ୍ୟକ୍ତି କିଭଳି ହିନ୍ଦୁ ହେବେ ବୋଲି ଲାଲୁ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପକ୍ଷରେ ସବୁ ବେଳେ ପରିବାରବାଦ ରାଜନୀତିକୁ ନେଇ ପ୍ରଶ୍ନ ଉଠାଉଥିବା ମୋଦୀ ନିଜର ପରିବାର କାହିଁକି କରିନାହାନ୍ତି ବୋଲି ମଧ୍ୟ ଲାଲୁ କହିଛନ୍ତି । ଯେଉଁମାନେ ନିଜ ପରିବାରର ସଦସ୍ୟଙ୍କୁ ରାଜନୀତିରେ ସାମିଲ କରିଛନ୍ତି ସେମାନଙ୍କୁ ମୋଦୀ ନିଶାଣ କରିଛନ୍ତି । କିନ୍ତୁ ତାଙ୍କର କାହିଁକି କୌଣସି ସନ୍ତାନ ସନ୍ତତି ନାହାନ୍ତି ବୋଲି ଲାଲୁ ପ୍ରଶ୍ନ କରିଛନ୍ତି । ମୋଦୀଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ଲାଲୁ ନିଶାଣ କରି ତାଙ୍କୁ ପଲଟୁରାମ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଆମେ ନୀତୀଶଙ୍କ ପ୍ରତି କିଛି କହିବାର ନାହିଁ । କାରଣ ତାଙ୍କ ଚରିତ୍ର ,ଚଳଣ ଯାହା ରହିଛି ତାହାକୁ ସମସ୍ତେ ଜାଣନ୍ତି । ତେଣୁ ପଲଟୁରାମ ଶବ୍ଦ ତାଙ୍କ ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି । ରବିବାର ପାଟନାସ୍ଥିତ ଗାନ୍ଧୀ ମୈଦାନରେ ଅନୁଷ୍ଠିତ ବିରୋଧୀ ମେଣ୍ଟର ଏହି ରାଲିରେ ଲାଲୁଙ୍କ ବ୍ୟତୀତ ତାଙ୍କ ପୁଅ ତେଜସ୍ୱୀ ଯାଦବ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସମାଜବାଦ ପାର୍ଟି ନେତା ଅଖିଳେଶ ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-249 •BHUBANESWAR •MONDAY •4 MARCH 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୯ •ଭୁବନେଶ୍ୱର •ସୋମବାର •୪ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦

## ୩୬ ଡିଗ୍ରୀ ଉପରେ ୭ ସହର ତାପମାତ୍ରା

■ **ଭୁବନେଶ୍ୱର, ୩।୩ (ସମିସ):** କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ତାପମାତ୍ରା ଉପରମୁହାଁ ହୋଇଛି। ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ପାର୍ କରିଥିବା ବେଳେ ରବିବାର କ୍ରମାଗତ ଦ୍ୱିତୀୟ ଦିନରେ ବି ସ୍ଥିତି ସମାନ ରହିଛି। ରବିବାର ରାଜ୍ୟର ୭ଟି ସହରରେ ତାପମାତ୍ରା ୩୬ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୩୭ ଡିଗ୍ରୀ ସହ ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଅନ୍ୟପଟେ ରାଜ୍ୟରେ ସୋମବାର କିଛି ସ୍ଥାନରେ ପଶ୍ଚିମାଝଡ଼ ଯୋଗୁଁ ବର୍ଷା ଆଶଙ୍କା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ ଓ ଯାଜପୁର ଆଦିରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

**ବିଜେଡି ରଣନୀତି**

# ଏକତରଫା ବିଜୟ ଲକ୍ଷ୍ୟ

## ରୂପାନ୍ତରଣର ସାରଥିଙ୍କୁ ରୋକିବାରେ ବିରୋଧୀ ଅସମର୍ଥ



### ▶▶ ପୌର-ପଞ୍ଚାୟତ ଭୋଟ ସଂଖ୍ୟା ଅତିକ୍ରମ ଯୋଜନା
### ▶▶ ପଶ୍ଚିମ ଓଡ଼ିଶା ଭୋଟ ହାର ବଜାୟ ରଖିବାକୁ ନକ୍ସା

■ **ଭୁବନେଶ୍ୱର, ୩।୩ (ସମିସ):** ଆଉ ଦୁଇ ସପ୍ତାହ ମଧ୍ୟରେ ଆରମ୍ଭ ହୋଇଯିବ ସାଧାରଣ ଓ ବିଧାନସଭା ନିର୍ବାଚନ ପ୍ରକ୍ରିୟା। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରାଜ୍ୟର ନିର୍ବାଚନ ଫଳାଫଳକୁ ନେଇ ବହୁ ପ୍ରାକ୍ ନିର୍ବାଚନୀ ଆକଳନ ପ୍ରକାଶ ପାଇ ସାରିଛି। ପ୍ରାୟ ସବୁ ଆକଳନଗୁଡ଼ିକ ରାଜ୍ୟରେ ବିଜେଡି ସପକ୍ଷରେ ମତ ଦେଇଛନ୍ତି। ଏପରିକି ବିଜେଡ଼ି ଆଗାମୀ ନିର୍ବାଚନରେ ୧୮ ଲୋକସଭା ଆସନ ଓ ୧୨୮ରୁ ଊର୍ଦ୍ଧ୍ୱ ବିଧାନସଭା ଆସନରେ ବିଜୟୀ ହେବ ବୋଲି ପୂର୍ବାନୁମାନ କରିଛନ୍ତି। ଦଳ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ଦଳୀୟ ନେତାମାନେ ଏ ସଂକ୍ରାନ୍ତରେ ଭବିଷ୍ୟବାଣୀ କରି ସାରିଛନ୍ତି। ଏପରିକି ଏକତରଫା ଭାବରେ ବିଜେଡି ବିଜୟ ନେଇ ଆକଳନ କରିଛନ୍ତି। ଏଥିପାଇଁ ଦଳ ପକ୍ଷରୁ ବହୁ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ନିର୍ବାଚନ ନିମନ୍ତେ ଦଳ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ସାରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଦିନକୁଦିନ ବିରୋଧୀ ବଳହୀନ ହେବାରେ ଲାଗିଛନ୍ତି। ବିରୋଧୀ ଦଳରୁ ବହୁ ନେତା ପ୍ରତିଦିନ ବିଜେଡିରେ ଯୋଗ ଦେଇ ଦଳର ବିଜୟ ରଥର ଗତିକୁ ଅଧିକ ଦ୍ରୁତତର କରିବାରେ ଲାଗିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାଗହୀନ ରାଜନୈତିକ ଯାତ୍ରା, ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧତା, ନିଜ ପରିବାର ସଦସ୍ୟ ଭାବରେ ରାଜ୍ୟବାସୀଙ୍କ କଲ୍ୟାଣ ସାଙ୍ଗକୁ ରୂପାନ୍ତରଣ ସାରଥୀଙ୍କ ସମର୍ପିତ ସେବା ଓଡ଼ିଶାକୁ ନୂଆ ଉଚ୍ଚତାରେ ପହଞ୍ଚାଇଛି । ରାଜ୍ୟରେ ବିଜେଡି ସପକ୍ଷରେ ଯେଉଁ ଉଚ୍ଚ ଲହରୀ ସୃଷ୍ଟି ହୋଇଛି, ତାକୁ ଛୁଇଁବା ତ ଦୂରର କଥା, ମୁଣ୍ଡ ଉଠାଇ ଦେଖିବାକୁ ବି ବିରୋଧୀ ଅସମର୍ଥ ହୋଇଛନ୍ତି ।

ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ୧.୧୧ କୋଟି ଭୋଟ ପାଇଥିବାବେଳେ ବିଜେପି ମାତ୍ର ୬୩.୨୩ ଲକ୍ଷ ଓ କଂଗ୍ରେସ ୨୮.୫୪ ଲକ୍ଷ ଭୋଟ ପାଇଥିଲା । ୮୫୨ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ଶାସକ ବିଜୁ ଜନତା ଦଳ ସର୍ବାଧିକ ୭୬୬ଟି ଜୋନ୍ ଦଖଲ କରିଥିଲା। ଅନ୍ୟପକ୍ଷରେ ବିଜେପି ମାତ୍ର ୪୨ ଓ କଂଗ୍ରେସ ୩୭, ସ୍ୱାଧିନ ୩, ଜେଏମ୍ଏମ୍-୩ ଏବଂ ସିପିଆଇ(ଏମ୍) ଗୋଟିଏ ଜିଲ୍ଲା ପରିଷଦ ଜୋନ୍ ହାତେଇଥିଲେ। ଅନୁରୂପ ଭାବରେ ପୌର ନିର୍ବାଚନରେ ବିଜେଡି ୯୫ଟି ସ୍ଥାନରେ ସଂଖ୍ୟା ଗରିଷ୍ଠତା ସହ ୩ ମହାନଗର ମେୟର ଓ ୭୩ଟି ଅଧ୍ୟକ୍ଷ ପଦ ଦଖଲ କରିଥିଲା। ଅନ୍ୟପକ୍ଷରେ ବିଜେପି ମାତ୍ର ୧୬ଟି ସ୍ଥାନରେ ଅଧ୍ୟକ୍ଷ ପଦ ହାତେଇ ଥିବାବେଳେ ୫ଟି ପୌରାଞ୍ଚଳରେ ସଂଖ୍ୟା ଗରିଷ୍ଠତା ପାଇଥିଲା। କଂଗ୍ରେସ ୪ଟି ସ୍ଥାନରେ ସଂଖ୍ୟା ଗରିଷ୍ଠତା ପାଇଥିବା କଂଗ୍ରେସ ୭ ପୌରାଧ୍ୟକ୍ଷ ପଦ ଦଖଲ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜେପି ଦଖଲ କରିଥିବା ୧୬ଟି ପୌର ପରିଷଦ ଅଧ୍ୟକ୍ଷ ପଦରୁ ୧୨ଟି, ସ୍ୱାଧୀନ ପ୍ରାର୍ଥୀ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ୯ ପୌରାଞ୍ଚଳ ମଧ୍ୟରୁ ୭ଟି ଓ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ୭ ପୌରାଞ୍ଚଳ ମଧ୍ୟରୁ ୩ଟିରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ▶ପୃଷ୍ଠା-୯

# ୬ରେ ବିଏସ୍‌କେୱାଇ-ନବୀନ କାର୍ଡର ଶୁଭାରମ୍ଭ

## ସମ୍ବଲପୁର ଓ ଖୋର୍ଦ୍ଧାରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୩।୩ (ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ଲକ୍ଷ ଲକ୍ଷ ଗରିବ ଜନସାଧାରଣ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ ଡାକ୍ତରଖାନାଗୁଡ଼ିକରେ ଜଟିଳ ରୋଗର ନିଃଶୁଳ୍କ ଚିକିତ୍ସା ସେବା ପାଉଥିବାବେଳେ ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା – ନବୀନ କାର୍ଡର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଯୋଗେ ସମ୍ବଲପୁର ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରେ ମୁଖ୍ୟମନ୍ତ୍ରୀ ଏହି କାର୍ଡ ଶୁଭାରମ୍ଭ କରିବାକୁ ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଯୋଜନାରେ ରାଜ୍ୟର ପ୍ରାୟ ୯୦ ପ୍ରତିଶତ ଲୋକ ଉପକୃତ ହେବାକୁ ଥିବାବେଳେ ହିତାଧିକାରୀଙ୍କୁ ଜଟିଳ ରୋଗ ପାଇଁ ଏହି କାର୍ଡ ଦ୍ୱାରା ମାଗଣା ଚିକିତ୍ସା ମିଳି ପାରିବ।




ବିଏସ୍‌କେୱାଇରୁ ବଞ୍ଚିତ ଗ୍ରାମାଞ୍ଚଳର ଲୋକେ ଏହି କାର୍ଡ ଦ୍ୱାରା ବିଶେଷ ଭାବେ ଉପକୃତ ହେବେ।

ଅର୍ଥ ଅଭାବରୁ ରାଜ୍ୟରେ କାହାକୁ ବି ଉତ୍ତମ ଚିକିତ୍ସା ସେବାରୁ ବଞ୍ଚିତ ନ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ବିଏସ୍‌କେୱାଇରେ ଏହି ତୃତୀୟ ପର୍ଯ୍ୟାୟରେ ସରକାରୀ କର୍ମଚାରୀ ଓ ଆୟକରଦାତାଙ୍କ ବ୍ୟତୀତ ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ସବୁ ପରିବାର ଏହି ନବୀନ କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ସେମାନେ ମଧ୍ୟ ▶ପୃଷ୍ଠା-୯

## ନିଜକୁ ଗୁଳି କରି ଜୀବନ ହାରିଲେ ଯବାନ

■ **ମହାକାଳପଡ଼ା, ୩।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା କେୟାରବାଙ୍କସ୍ଥିତ ଡିଆରଡିଓ କେନ୍ଦ୍ରରେ କାର୍ଯ୍ୟରତ ଜଣେ ଯବାନ ନିଜ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମୃତ ଯବାନ ହେଲେ, ରାଜଶେଖରନ ଏସ୍. (୩୮) । ତାଙ୍କ ଘର ତାମିଲନାଡ୍ରୁ ତ୍ରିପୁତ୍ତୁର ଜିଲ୍ଲା ନକ୍ରମପାଲି ଥାନା ଏଲପାଲୀ ଗ୍ରାମରେ। ଶନିବାର ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସେ ଡ୍ୟୁଟିରେ ଥିଲେ। ରାତି ପ୍ରାୟ ୧ଟା ୫୫ରେ ସେ ନିଜ ବନ୍ଧୁକରୁ ନିଜକୁ ଗୁଳି କରିଥିବା କୁହାଯାଉଛି। ରାଜଶେଖରନ୍ ଚେୟାର ଉପରେ ବସି ବନ୍ଧୁକକୁ ନିଜ ମୁହଁରେ ଲଗାଇ ପାଦରେ ଟ୍ରିଗର୍ ଚଳାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁଳିଟି ତାଙ୍କ ଓଠ ବାଟେ ପଶି ମୁଣ୍ଡପଟ ଦେଇ ▶ପୃଷ୍ଠା-୯

## କେନ୍ଦୁଝର-ପାରାଦୀପ ମଧ୍ୟରେ ଗଡ଼ିବ ଟ୍ରେନ୍

### ୫ରେ ଚଣ୍ଡିଖୋଲରୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ସହ ଶୁଭଦେବେ ପ୍ରଧାନମନ୍ତ୍ରୀ

■ **ଭୁବନେଶ୍ୱର, ୩।୩ (ସମିସ):** ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୫ ତାରିଖରେ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୯,୬୦୦ କୋଟି ଟଙ୍କାର ଏକାଧିକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ତୈଳ ଏବଂ ଗ୍ୟାସ, ରେଳବାଇ, ସଡ଼କ, ପରିବହନ ଓ ରାଜପଥ ଏବଂ ପରମାଣୁ ଶକ୍ତି କ୍ଷେତ୍ର ସହିତ ଜଡ଼ିତ। ଏହିକ୍ରମରେ କେନ୍ଦୁଝରଗଡ଼ ମାର୍ଗ ଦେଇ ପୁରୀ ଏବଂ ଆନନ୍ଦ ବିହାର (ନୂଆଦିଲ୍ଲୀ) ମଧ୍ୟରେ ନୂତନ ଟ୍ରେନ୍ ଚଳାଚଳକୁ କେନ୍ଦୁଝରଗଡ଼ ରେଳ ଷ୍ଟେସନରୁ ଶୁଭାରମ୍ଭ କରିବା ସହ କେନ୍ଦ୍ରାପଡା ଜିଲ୍ଲା ମଧ୍ୟଦେଇ ହରିଦାସପୁର - ପାରାଦୀପ ରେଳ ମାର୍ଗରେ ଯାତ୍ରୀବାହୀ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ। ପ୍ରଥମ ଥର ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ଟ୍ରେନ୍ ଗଡ଼ିବ।

ପ୍ରଧାନମନ୍ତ୍ରୀ ପାରାଦୀପ ରିଫାଇନାରୀରେ ଭାରତୀୟ ତୈଳ ନିଗମ ଲିମିଟେଡ୍ ମୋନୋ ଏଥାଇଲନ୍ ଗ୍ଲାଇକଲ୍ ପ୍ରକଳ୍ପକୁ ସହ ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୩୪୪ କିମି ପାଇପଲାଇନ୍‌କୁ ମଧ୍ୟ ଉଦ୍‌ଘାଟନ ▶ପୃଷ୍ଠା-୯







# ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ

**ପୁରୀ, ୩।୩ (ସମିସ):** ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ। ରବିବାର ଭକ୍ତଙ୍କ ଭିଡ଼ ଭିତରେ ବାଂଲାଦେଶର ୪ଜଣ ଅଣହିନ୍ଦୁ ମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତେବେ ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ନିଷିଦ୍ଧ ଥିବା ବେଳେ କିପରି ଏମାନେ ପ୍ରବେଶ କଲେ, ତାହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏମାନେ ପ୍ରକୃତରେ ଦର୍ଶନ ଉଦ୍ଦେଶ୍ୟରେ ଆସିଛନ୍ତି ନା ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା, ତାହାର ଖୋଳତାଡ଼ କରୁଛି ପୁଲିସ।



- ଆସିଥିଲେ ୯ଜଣ, ମନ୍ଦିରକୁ ଯାଇଥିଲେ ୫
- ଥାନାରେ ଅଟକ ରଖି ପଚରାଉଚରା
- ରହୁଥିବା ହୋଟେଲକୁ ନେଇ ଯାଞ୍ଚ କଲା ପୁଲିସ
- ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ପୁଲିସ ସୂଚନା ଅନୁଯାୟୀ, ବାଂଲାଦେଶରୁ ୯ଜଣ ଆସିଥିଲେ। ଏମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ଥିବା ବେଳେ ୮ଜଣ ଅଣହିନ୍ଦୁ ରହିଛନ୍ତି। ତେବେ ରବିବାର ସନ୍ଧ୍ୟାରେ ୪ଜଣ ଅଣହିନ୍ଦୁ ସନ୍ଦେହଜନକ ଭାବେ ଉତ୍ତରଦ୍ୱାର ନିକଟ ପରିକ୍ରମା ମାର୍ଗରେ ବସିଥିବା ବଜରଙ୍ଗ ଦଳର କିଛି କର୍ମକର୍ତ୍ତା ଦେଖିଥିଲେ। ସେମାନଙ୍କୁ ପଚରାଉଚରା କରିବା ପରେ ତାଙ୍କର ୫ ଜଣ ଲୋକ ମନ୍ଦିରକୁ ଯାଇଥିବା କହିଥିଲେ। ସେମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ଓ ୪ଜଣ ଅଣହିନ୍ଦୁ ବୋଲି ସେମାନଙ୍କଠାରୁ ଜାଣିବାକୁ ପାଇଥିଲେ। ଏହାପରେ ବଜରଙ୍ଗ ଦଳର କର୍ମୀମାନେ ସେମାନଙ୍କୁ ସିଂହଦ୍ୱାର ଥାନା ପୁଲିସର ଜିମା ଦେଇଛନ୍ତି। ପୁଲିସ ୯ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ସେମାନେ କେବେଠାରୁ ଆସିଲେଣି, କେଉଁଠି ରହୁଥିଲେ ଏବଂ ସେମାନଙ୍କ ପାସ୍‌ପୋର୍ଟ, ଭିସା ଆଦି କାଗଜପତ୍ର ଯାଞ୍ଚ କରିଛି। ୩ ଜଣଙ୍କ ପାସ୍‌ପୋର୍ଟ ଜବତ କରାଯାଇଥିବା ବେଳେ ଅନ୍ୟମାନଙ୍କ ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ସେମାନେ ରହୁଥିବା ହୋଟେଲକୁ ଯାଇ ତନଖି କରାଯାଇଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ପ୍ରତିଟି ଦିଗକୁ ନେଇ ଛାନଭିନ୍ କରୁଛି ସିଂହଦ୍ୱାର ଥାନା ପୁଲିସ। ପ୍ରକୃତରେ କେତେଜଣ ମନ୍ଦିରକୁ ପ୍ରବେଶ କରିଥିଲେ, ସେନେଇ ସିସିଟିଭି ଯାଞ୍ଚ କରାଯାଉଛି।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର କହିଛନ୍ତି, କିଛି ଅଣହିନ୍ଦୁ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ସେହି ଅଣହିନ୍ଦୁମାନଙ୍କୁ ଥାନାରେ ଅଟକ ରଖାଯାଇ ଭେରିଫିକେସନ୍ କରାଯାଉଛି। ସେମାନେ କେବେଠୁ ପୁରୀ ଆସିଛନ୍ତି, କେଉଁ ହୋଟେଲରେ ରହୁଛନ୍ତି ଏବଂ କେଉଁଠାରୁ ଆସିଛନ୍ତି ପଚରାଉଚରା କରାଯାଉଥିବା ବେଳେ ପାସ୍‌ପୋର୍ଟ ଯାଞ୍ଚ ହେଉଛି। ଯଦି କିଛି ଅନିୟମିତତା ଘଟିଥିବ, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କ ଭିତରେ ଜଣେ ହିନ୍ଦୁ ଥିବା ମଧ୍ୟ ଜଣାପଡ଼ିଛି। ସେମାନେ କେଉଁ ଭିସାରେ ଆସିଛନ୍ତି ତାହାର ମଧ୍ୟ ଯାଞ୍ଚ କରାଯିବ ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁ ହିଁ ପ୍ରବେଶ କରିପାରିବେ। ହେଲେ ଅଣହିନ୍ଦୁ ବାଂଲାଦେଶୀ ନାଗରିକମାନେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପ୍ରସାଦ ଧରି ଫେରିଛନ୍ତି। ତେବେ ମନ୍ଦିରକୁ ବାରମ୍ବାର ଅଣହିନ୍ଦୁଙ୍କ ପ୍ରବେଶ ନିଶ୍ଚିତ ଭାବେ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କେନ୍ଦ୍ରାପଡ଼ାରେ ତୀବ୍ର ଆଲୋଡ଼ନ

# ବନ୍ଦଘରୁ ବାପା-ମା'-ପୁଅଙ୍କ ଶବ ଉଦ୍ଧାର

**ରାଜନଗର, ୩।୩ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ତାଳଚୁଆ ପଞ୍ଚାୟତ ରାଜେନ୍ଦ୍ରନଗର ଗାଁର ଏକ ବନ୍ଦଘରୁ ଆଜି ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ, ଶ୍ରୀଦାମ ମଣ୍ଡଳ(୫୩), ତାଙ୍କ ସ୍ତ୍ରୀ ଜୟନ୍ତୀ (୪୫) ଓ ବଡ଼ପୁଅ ପରୀକ୍ଷିତ ମଣ୍ଡଳ (୨୭)। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୁଲିସ ଘରର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରାଦ୍ୱୀପରେ ରହୁଥିବା ସାନପୁଅ ଗୌରହରି ଖବର ପାଇ ଆସିବା ପରେ ତା' ଅଭିଯୋଗ ଆଧାରରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏହା ଆତ୍ମହତ୍ୟା ନା କିଛି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଅପଚେଷ୍ଟା କରିଛନ୍ତି; ସେନେଇ ପୁଲିସ ତଦନ୍ତ ଚଳାଇଛି।

ଏହି ଘଟଣାକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି। ଶ୍ରୀଦାମ ଗରିବ ପରିବାରର ହୋଇଥିବା ବେଳେ ଘରେ ଛେଳି, କୁକୁଡ଼ା, ଗାଈ ରଖିବା ସହ ମୂଲ ଲାଗି ପରିବାର ଚଳାନ୍ତି। ବଡ଼ପୁଅ ପରୀକ୍ଷିତ ଜନ୍ମରୁ ମାନସିକ ବିକାରଗ୍ରସ୍ତ। କଥା କହିପାରେନା। ସାନପୁଅ ଗୌରହରି (୨୩) ତାଳଚୁଆ ବଜାରରେ ତେଜରାତି ଦୋକାନ କରିଥିଲେ। ବ୍ୟବସାୟରେ କ୍ଷତି ହେବା ପରେ ସେ ଦୋକାନ ଭାଙ୍ଗି ଦେଇ ତାଙ୍କ ମାମୁଁ ପାଖରେ ପାରାଦୀପରେ ରହି କାମ କରୁଛି। ଶ୍ରୀଦାମ ୪ମାସ ତଳେ ଘରର ଛାତ ପକାଇ ସେହି ଘରେ ରହୁଥିଲେ। ତାଙ୍କର ସାନଭାଇ ସୁଦାମଙ୍କ କହିବା କଥା, ଗତକାଲି ରାତି ୯ଟା ବେଳେ ଭାଇ ଓ ଭାଉଜ ଖାଇପିଇ ଶୋଇଥିଲେ। ତେବେ ରାତିରେ ଏମିତି କ'ଣ ଘଟିଗଲା ଯେ ସେମାନେ ଜୀବନ ହାରିଲେ, ତାହା ସେ ଜାଣିନାହାନ୍ତି। ଆମ ଘର ତାଙ୍କ ଘର ମଝିରେ ଅନ୍ୟ ଏକ ଭାଇର ବନ୍ଦଘର ରହିଥିବାରୁ ସେ ରାତିରେ କିଛି ଜାଣିପାରିନଥିଲେ ବୋଲି କହିଛନ୍ତି। ନପୁଅ ଗୌରହରିର କହିବା କଥା,







ମା'ଙ୍କ ସହ ସେ ୩ଦିନ ତଳେ କଥା ହୋଇଥିଲେ। କାହିଁକି ବାପା-ମା' ଓ ଭାଇ ତାଙ୍କୁ ଅନାଥ କରି ଚାଲିଗଲେ, ସେ ବିଷୟରେ ସେ କିଛି ଜାଣିନାହାନ୍ତି। ପୁଲିସ ତଦନ୍ତରୁ ସବୁକିଛି ସ୍ପଷ୍ଟ ହେବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁର ଶ୍ରୀଦାମ ମଣ୍ଡଳଙ୍କ ମୃତଦେହ ତାଙ୍କ ଘରଛାତ ବିମ୍‌ରୁ ତଳକୁ ଓହଳି ଥିବା ସକାଳୁ ଦେଖିବାକୁ ମିଳିଥିଲା। ଗାଁର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଟ୍ୟୁସନ୍ ଯିବା ବେଳେ ତାର ସାଙ୍ଗକୁ ଡାକିବାକୁ ଆସିଥିବା ବେଳେ ଶ୍ରୀରାମଙ୍କ ମୃତଦେହ ଝୁଲୁଥିବା ଦେଖି ଚିତ୍କାର କରିଥିଲେ। ଶ୍ରୀଦାମଙ୍କ ଅନ୍ୟ ଭାଇ ଓ ପରିବାର ଲୋକେ ସେଠାରେ ପହଞ୍ଚି ଏହା ଦେଖିବା ପରେ ଘରର କବାଟ ବାଡ଼େଇଥିଲେ। କିନ୍ତୁ କେହି କବାଟ ଖୋଲି ନଥିଲେ। ତାଙ୍କର ସ୍ତ୍ରୀ ଜୟନ୍ତୀ ଓ ବଡ଼ପୁଅ ପରୀକ୍ଷିତ ମଣ୍ଡଳଙ୍କୁ ନପାଇ ତାଙ୍କ ଭାଇମାନେ ଗ୍ରାମବାସୀଙ୍କୁ ଜଣାଇବା ସହ ପୁଲିସକୁ ଖବର ଦେଇଥିଲେ। ଦିନ ପ୍ରାୟ ୧୦ଟା ବେଳେଏସ୍‌ଡିପିଓ କ୍ଷମାସାଗର ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଟିମ୍ ମାଜିଷ୍ଟ୍ରେଟ ତଥା ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ ଓ ଜୟନ୍ତୀଙ୍କ ମୃତଦେହ ଚଟାଣରେ ପଡ଼ିଥିଲା।

ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ତଦନ୍ତକୁ ଜୋରଦାର କରିଛି। ଦିନ ପ୍ରାୟ ୫ଟା ବେଳେ ପୁଲିସ ଘର ଭିତରେ ପଡ଼ିଥିବା ଜୟନ୍ତୀ ଓ ପରୀକ୍ଷିତଙ୍କ ମୃତଦେହକୁ ବାହାରକୁ ଆଣି ତାଙ୍କ ଦେହରେ କେଉଁଠି ଚିହ୍ନ ରହିଛି କି ତନଖି କରିବା ସହ ତାଙ୍କ ମୃତ୍ୟୁର କାରଣ ଖୋଜିବା ଆରମ୍ଭ କରିଛି। ଶ୍ରୀଦାମ ଓ ତାଙ୍କ ପରିବାରଲୋକେ

- ସ୍ୱାମୀଙ୍କ ମୃତଦେହ ଝୁଲୁଥିଲା
- ପୃଥକ୍ ପୃଥକ୍ ଘରୁ ମା' ଓ ପୁଅର ଶବ ଉଦ୍ଧାର
- ହତ୍ୟା ନା ଆତ୍ମହତ୍ୟା



ଅତ୍ୟନ୍ତ ନିରୀହ ହୋଇଥିବା ବେଳେ କାହାରି ସହ ତାଙ୍କର ବିବାଦ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିସ୍ଥଳେ ୩ଜଣ କାହିଁକି ଆହହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଲେ ନାଁ ତାଙ୍କୁ କେହି ହତ୍ୟା କରିଛି, ସେ ନେଇ ସନ୍ଦେହ ବଢ଼ିବାରେ ଲାଗିଛି।

ମୃତ ଶ୍ରୀଦାମଙ୍କ ଭାଇ, ପରିବାରଲୋକେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁଲିସ ଘରର କବାଟ ତାଡ଼ିଥିଲା। ଘରର ଦୁଇଟି କବାଟ ତାଡ଼ିବା ପରେ ଗୋଟିଏ ଘର ଖଟ ଉପରେ ପରୀକ୍ଷିତର ମୃତଦେହ କମଳ ଘୋଡ଼ାଇ ହୋଇଥିବା ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟ ଏକ ଘରେ

# ରାଜ୍ୟ ବିଜେପିର ଭେଳା ବୁଡ଼ାଇବେ ବିଜେଡିରୁ ବିତାଡ଼ିତ ନେତା

**ଭୁବନେଶ୍ୱର,୩।୩(ସମିସ):** ଏଥର ନିର୍ବାଚନରେ ପୁଣିଥରେ ୨୦୧୯ ଭଳି ଦଶା ଭୋଗିବ ଓଡ଼ିଶା ବିଜେପି। ବିଜେଡିରୁ ବିତାଡ଼ିତ, ଜନବିରୋଧୀ ନେତାମାନେ ହିଁ ଓଡ଼ିଶା ବିଜେପି ପାଇଁ କାଳ ସାଜିବେ। ଗୋଟିଏ ପଟରେ ନୂଆ ନେତା ସୃଷ୍ଟି କରିବାରେ ରାଜ୍ୟ ବିଜେପିର



- ଜନବିରୋଧୀ ନେତାଙ୍କୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେନି
- ୨୦୧୯ ଭଳି ଶୋଚନୀୟ ପରାଜୟ ଲଭିବ ରାଜ୍ୟ ବିଜେପି

ଅପାରଗତା ଓ ଜଣଙ୍କ ପରେ ଜଣେ ତଡ଼ାଖିଆ ନେତାଙ୍କୁ କୋଳେଇନେବା ରାଜ୍ୟ ବିଜେପିକୁ ମହଙ୍ଗା ପଡ଼ିବ ଏବଂ ଆଗାମୀ ନିର୍ବାଚନରେ ପୂର୍ବଭଳି ଶୋଚନୀୟ ପରାଜୟ ବରଣ କରିବ ବୋଲି ବିଜେଡି କହିଛି।

ରବିବାର ଶଙ୍ଖ ଭବନରେ ଗଣମାଧ୍ୟମଙ୍କୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର କହିଛନ୍ତି, ଓଡ଼ିଶା ବିଜେପି ଏବେ ବି ନିଜ ପୁରୁଣା ଫର୍ମୁଲାରୁ ବାହାରିପାରି ନାହିଁ। ୨୦୧୯ ମସିହାରେ ଯେଉଁ ନେତାମାନଙ୍କର ବିଜେଡିରୁ ଟିକଟ ପାଇବାର ସମ୍ଭାବନା ନଥିଲା, ଯେଉଁମାନଙ୍କୁ ଦଳରୁ ବାହାର କରାଯାଇଥିଲା, ଯେଉଁମାନେ ବିଜେଡିରେ ଆଉ ନିଜ ଭବିଷ୍ୟତ ଦେଖିପାରୁ ନ ଥିଲେ, ସେହି ନେତାଙ୍କୁ ଓଡ଼ିଶା ବିଜେପି ନିଜ ଦଳରେ ସାମିଲ କରି ନିର୍ବାଚନ ମୈଦାନକୁ ଓହ୍ଲାଇଥିଲା। ଆଉ ସେହି ନିର୍ବାଚନର ଫଳାଫଳ କଣ ହେଲା ତାହା ସଭିଏଁ ଜାଣିଛନ୍ତି। ଏଥର ମଧ୍ୟ ବିଜେଡିରୁ ବିତାଡ଼ିତ, ଜଘନ୍ୟ ଅପରାଧରେ ସାମିଲ ଥିବା ଏବଂ ଟିକଟ ପାଇବା ଯୋଗ୍ୟତା ହରାଇଥିବା ନେତାମାନଙ୍କ ଭରସାରେ ଅଛି ରାଜ୍ୟ ବିଜେପି। ସେମାନଙ୍କୁ ନିଜ ଦଳରେ ସାମିଲ କରି ନିର୍ବାଚନ ବୈତରଣୀ ପାର ହେବା ଲକ୍ଷ୍ୟରେ ଅଛି। କିନ୍ତୁ ସମସ୍ତେ ଜାଣିଛନ୍ତି, ଏହିଭଳି ଜଘନ୍ୟ ଅପରାଧୀକ ତତ୍ତ୍ୱ, ଜନବିରୋଧୀ ଏବଂ ଜନତାଙ୍କ ବିଶ୍ୱାସ ହରାଇଥିବା ନେତାଙ୍କୁ ଓଡ଼ିଶାବାସୀ କେବେ ବି ଗ୍ରହଣ କରିବେନି। ୨୦୧୯ ଭଳି ଏଥର ନିର୍ବାଚନରେ ମଧ୍ୟ ଭୋଟର୍ ଓଡ଼ିଶା ବିଜେପିକୁ ଉଚିତ୍ ଜବାବ ଦେବେ।

ଶ୍ରୀ ମହାପାତ୍ର କହିଛନ୍ତି ଯେ ଯେଉଁମାନଙ୍କ ପାଇଁ ବିଜେଡି ଦ୍ୱାର ବନ୍ଦ ହେଉଛି, ସେମାନେ ବିଜେପି ମୁହାଁ ହେଉଛନ୍ତି। ଅତି ଆଦରରେ ଓଡ଼ିଶା ବିଜେପି ଶିବିରରେ ସେମାନଙ୍କୁ ସାମିଲ କରାଯାଉଛି। ଏଭଳି ନେତାଙ୍କୁ ସାମିଲ କରିବା ଫଳରେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଓଡ଼ିଶା ବିଜେପି ନୂଆ ନେତା ସୃଷ୍ଟି କରିବାରେ ବିଫଳ ହୋଇଛି। ସେମାନଙ୍କର ଅପାରଗତା ଜଳଜଳ ହୋଇ ବାରି ହୋଇପଡୁଛି। ଏଥିରୁ ୨୦୧୯ ତୁଳନାରେ ୨୦୨୪ରେ ଓଡ଼ିଶା ବିଜେପି ଆହୁରି ଖରାପ ଓ ନୈରାଶ୍ୟଜନକ ପ୍ରଦର୍ଶନ କରିବ ବୋଲି ସ୍ପଷ୍ଟ ସଂକେତ ମିଳୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ବିଜେପି ଛାଡ଼ି ବିଜେଡିରେ ଯୋଗଦେଲେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର,୩।୩(ସମିସ):** ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ଶ୍ରୀ ମହାନ୍ତିଙ୍କ ସହ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକର ଶତାଧିକ ବିଜେପି କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ସେମାନଙ୍କୁ ଦଳରେ ସ୍ୱାଗତ ଜଣାଇଛନ୍ତି। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ଯାଜପୁର ଜିଲ୍ଲା, ବିଶେଷକରି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ସଂଗଠନ ଆହୁରି ମଜଭୁତ ହେବ ବୋଲି ଡଃ ପାତ୍ର ଓ ଶ୍ରୀ ବଳବନ୍ତରାୟ କହିଛନ୍ତି।



ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତା ନରେଶ ଚନ୍ଦ୍ର ମହାନ୍ତି ତାଙ୍କୁ ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ରଶ୍ମୀ ରଞ୍ଜନ ମହାନ୍ତି, ନଟବର ସାହୁ, ସୁରେନ୍ଦ୍ର ନାୟକ, ମୀନକେତନ ମଲ୍ଲିକ, ଭରତ ମଲ୍ଲିକ, ପ୍ରମୋଦ ସାମଲ, ସ୍ମୃତିରଞ୍ଜନ ମହାନ୍ତି, ମାନଗୋବିନ୍ଦ ମଲ୍ଲିକ, ନିରଞ୍ଜନ ସାହୁ, ପ୍ରତାପ ବେହେରା, ହରେକୃଷ୍ଣ ସାହୁ, ଶ୍ରୀକାନ୍ତ ପରିଡ଼ା, ବିଜୟ ବେହେରା, ତ୍ରିନାଥ ପରିଡ଼ା, ରମେଶ ବେହେରା, ପଦ୍ମନାଭ ବରାଳ, ଲକ୍ଷ୍ମୀଧର ବରାଳ, ଗୋବିନ୍ଦ ବାରିକ, ଗିରିଧାରୀ ବାରିକ, ଗୌରାଙ୍ଗ ଦାସ, ସିଲୁ ଦାସ, ବୁଲୁ ଦାସ, ସଞ୍ଜୟ କୁମାର ପଣ୍ଡା, ଅଜୟ ରଣା, ଦୁର୍ଯ୍ୟୋଧନ ଦଳେଇ, ବଳରାମ ଦଳେଇ, ପ୍ରହଲ୍ଲାଦ ସାହୁ, ଜଗବନ୍ଧୁ ସାହୁ, ଉପେନ୍ଦ୍ର ସାହୁ, ଶେଷଦେବ ମଲ୍ଲିକ, ବାବୁଲି ମଲ୍ଲିକ, ନନ୍ଦ କୁମାର ମଲ୍ଲିକ, କୈଳାସ ମଲ୍ଲିକ, ରାକେଶ ସାହୁ, ବାଇଧର ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ଶତ୍ରୁଘ୍ନ ବେହେରା, ସଞ୍ଜୟ ବାରିକ, ରମାକାନ୍ତ ସାହୁ, ସୁବାସ ପରିଡ଼ା, ଗୋପାଳ ସାହୁ ସଦାନନ୍ଦ ପଣ୍ଡା, ରଜତ ଦଳେଇ, ସୁଧାକର ରଣା, ବୃନ୍ଦାବନ ଦଳେଇ, ଘନଶ୍ୟାମ ବେହେରା, ବନମାଳୀ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ସାଂସଦ ଡକ୍ଟର ସସ୍ମିତ ପାତ୍ର ଧନ୍ୟବାଦ ଦେଇଥିଲେ।

## ଲୋକକଥା



ପୋକା କଣା ଯେତେ ଅଦରକାରୀ ହେ
'ଫୁଲ' ସବୁ ନିଏ ଗୋଟେଇ,
ଭୋଅଟ ଆଗରୁ ଯୋଗାଡ଼ କରନ୍ତି
ଭରିବାକୁ ନିଜ ଟୋକେଇ !
ପରିସ୍ଥିତି ଯାଏ ବୁଝେଇ,
ଭୋଟରଙ୍କୁ କିଛି ଅଜଣା ନାହିଁ ହେ
ପରିଣତି ଦେବେ ଦେଖେଇ !!

## ମାଓବାଦୀଙ୍କୁ ବିସ୍ଫୋରକ ଯୋଗାଣ ଅଭିଯୋଗରେ ଓଡ଼ିଶାରୁ ୨ ଗିରଫ ଘଟଣା

# ଫସାଇଥିଲା ଛତିଶଗଡ଼ ପୁଲିସ; ମୁକୁଳାଇଲେ ଓଡ଼ିଶା ସରକାର

**ଜୟପୁର, ୩।୩ (ସମିସ):** ମାଓବାଦୀଙ୍କୁ ବିସ୍ଫୋରକ ସାମଗ୍ରୀ ଯୋଗାଣ ଅଭିଯୋଗରେ ଛତିଶଗଡ଼ ପୁଲିସ ଦ୍ୱାରା ୨୦୧୬ରେ ଗିରଫ ହୋଇଥିବା କୋରାପୁଟ ଜିଲ୍ଲା ଜୟପୁର ଅଞ୍ଚଳର ଦୁଇଜଣ ବ୍ୟକ୍ତିଙ୍କୁ ଛତିଶଗଡ଼ ଜଗଦଲପୁରସ୍ଥିତ ଦୌରାଜଜ୍ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ, ଜୟପୁର ସଦର ଥାନା ତେଲିଆ ଗ୍ରାମର ନିରଞ୍ଜନ ଦାଶ(୪୦) ଏବଂ ଜୟପୁର ଟାଉନ ଥାନା ଗୌଡ଼ସାହି ତଥା ପୌରସଂସ୍ଥାର କର୍ମଚାରୀ ଦୁର୍ଯ୍ୟୋଜଟି ମହାକୁଡ଼ (୫୩)। ଓଡ଼ିଶା ସରକାର ଓ ପୁଲିସର ସହଯୋଗ ପାଇଁ ଦୀର୍ଘ ୮ବର୍ଷ ପରେ ଦୁଇଜଣଯାକ ନ୍ୟାୟ ପାଇଛନ୍ତି। ଛତିଶଗଡ଼ ପୁଲିସ ସେମାନଙ୍କ ନାମରେ କରିଥିବା ମିଥ୍ୟା ମାମଲାରୁ ଦୁହେଁ ମୁକୁଳିଛନ୍ତି। ନିର୍ଦ୍ଦୋଷରେ ଖଲାସ ହୋଇଥିବା ନିରଞ୍ଜନ ଏବଂ ତାଙ୍କ ଭାଇ ଗଗନ କୁମାର ଦାଶ ଜୟପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶା ସରକାର ଓ ଓଡ଼ିଶା ପୁଲିସର ସହଯୋଗ ପାଇଁ ଆଜି ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ବୋଲି ନିରଞ୍ଜନ କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାର, ତତ୍କାଳୀନ ରାଜ୍ୟ ଗୃହ ସଚିବ ଅସିତ ତ୍ରିପାଠୀ ଏବଂ କୋରାପୁଟ ଜିଲ୍ଲା ଏସ୍‌ପି ଚରଣ ସିଂ ମୀନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଛତିଶଗଡ଼ ପୁଲିସ ନିଜର ଆତ୍ମବଡ଼ିମା ଦେଖାଇବା ଏବଂ ସେଠାକାର ରାଜ୍ୟ ସରକାରଙ୍କଠାରୁ ସମ୍ମାନ ହାସଲ କରିବା ପାଇଁ ଦୁହିଁଙ୍କୁ ମଛରେ ଫସାଇଥିଲେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ ସେତେବେଳେ ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ଚାଲିଥିବା ବେଳେ ରାଜ୍ୟସ୍ତରୀୟ ଜଣେ ଉଚ୍ଚ ପୁଲିସ ଅଧିକାରୀଙ୍କ ଜଗଦଲପୁର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ତେଣୁ ନାଁ ନେବା ପାଇଁ କିଛି ବିସ୍ଫୋରକ ସାମଗ୍ରୀ ଦେଖାଇବା ସହ ଏକ ମାମଲା ରୁଜୁ କରି ଏପରି ନାଟକୀୟ ଢ଼ଙ୍ଗରେ ସେମାନଙ୍କୁ ଗିରଫ କରାଯାଇଥିଲା ବୋଲି ସେ କହିଛନ୍ତି।



ସୂଚନାନୁଯାୟୀ, ୨୦୧୬ ଜୁଲାଇ ୨୮ ତାରିଖ ମଧ୍ୟାହ୍ନରେ ଛତିଶଗଡ଼ ପୁଲିସର ଦୁଇଟି ବଲେରୋରେ ପ୍ରାୟ ୧୦ରୁ ୧୫ଜଣ ପୁଲିସ ସାଦା ପୋଷାକରେ ଆସି କୋଟପାଡ଼ ଥାନା ନୂଆଗାଁ ଗ୍ରାମଠାରେ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ନିରଞ୍ଜନ ଏବଂ ଦୁର୍ଯ୍ୟୋଜଟିଙ୍କୁ ଗିରଫ କରିଥିଲେ। ୨୯ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ତତ୍କାଳୀନ ବସ୍ତର ଏସ୍‌ପି ରାଜେନ୍ଦ୍ର ନାରାୟଣ ଦାସ ଓଡ଼ିଶାର ଦୁଇଜଣଙ୍କୁ ବିସ୍ଫୋରକ ସାମଗ୍ରୀ ସହ ଗିରଫ କରାଯାଇଛି ବୋଲି କହିଥିଲେ। ସେମାନେ ମାଓବାଦୀଙ୍କୁ ଯୋଗାଣ ପାଇଁ ଆସିଥିବାବେଳେ ଛତିଶଗଡ଼ ପୁଲିସ ତାଙ୍କୁ ଗିରଫ କରିଛି ବୋଲି ସୂଚନା ଦେଇଥିଲେ।

**୮ ବର୍ଷ ପରେ ମିଳିଲା ନ୍ୟାୟ**

ଛତିଶଗଡ଼ ରାଜ୍ୟ ଓ ପୁଲିସ ବିରୋଧରେ ନିରଞ୍ଜନ ଛତିଶଗଡ଼ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ବିଳାସପୁରସ୍ଥିତ ହାଇକୋର୍ଟ ପକ୍ଷରୁ ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କୁ ନିରପେକ୍ଷ ତଦନ୍ତ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ତଳକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଗୃହ ବିଭାଗ ମାଧ୍ୟମରେ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ଛତିଶଗଡ଼ ପୁଲିସ ପକ୍ଷରୁ ୫ବର୍ଷ ପର୍ଯ୍ୟନ୍ତ କୌଣସି ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇନଥିଲା। ପୁଣି ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାଖଲ କରିଥିଲେ। କିନ୍ତୁ ଛତିଶଗଡ଼ ରାଜ୍ୟ ପୁଲିସ ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ, ତାହାକୁ ଜଗଦଲପୁର ଦୌରାଜଜ୍ କୋର୍ଟ ପକ୍ଷରୁ ଖାରଜ କରାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ସରକାର ଓ ପୁଲିସର ସତ୍ୟାସତ୍ୟ ରିପୋର୍ଟ ନିରଞ୍ଜନ ଓ ଦୁର୍ଯ୍ୟୋଜଟିଙ୍କ ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇଥିଲା। ଏହାକୁ ଛତିଶଗଡ଼ ଜିଲ୍ଲା କୋର୍ଟ ଗ୍ରହଣ କରିବା ସହ ଦୁହିଁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-249 ◆BHUBANESWAR ◆MONDAY ◆4 MARCH 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୯ ◆ଭୁବନେଶ୍ୱର ◆ସୋମବାର ◆୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

**ମାଲକାନଗିରି, ୩।୩ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଂକେର ଜିଲ୍ଲାରେ ପୁଲିସ୍-ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଜଣେ ପୁଲିସ କନଷ୍ଟେବଲ ସହିଦ ହୋଇଥିବା ବେଳେ ଜଣେ ମାଓବାଦୀ ନିହତ ହୋଇଛି। ଏ ସଂପର୍କରେ ବସ୍ତର୍ ରେଞ୍ଜ ଆଇଜି ସୁନ୍ଦର ରାଜ ପି. ଦେଇଥିବା ସୂଚନାନୁଯାୟୀ, କାଂକେର ଜିଲ୍ଲା ଛୋଟେବେଠିଆ ଥାନା ଅନ୍ତର୍ଗତ ବିଦୁର ଜଙ୍ଗଲରେ ମାଓବାଦୀଙ୍କ ବୈଠକ ଚାଲୁଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଡିଆରଜି ଓ ବିଏସ୍ଏଫ୍ ବାହିନୀ ଉକ୍ତ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ। ଯବାନମାନେ ଚାରିପଟୁ ଘେରାବନ୍ଦୀ କରିବାକୁ ଯୋଜନା କରୁଥିବାବେଳେ ମାଓବାଦୀମାନେ ଏହା ଜାଣି ପାରି ଗୁଳିଚାଳନା କରିଥିଲେ। ଯବାନଙ୍କ ପକ୍ଷରୁ ମଧ୍ୟ ଜବାବ ଦିଆଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ଚାଳନା ହୋଇଥିଲା। ତେବେ ଯବାନଙ୍କ ଆକ୍ରମଣର ସାମ୍ନା କରି ନପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଏହି ଗୁଳି ଚାଳନାରେ ବସ୍ତର ଫାଇଟର୍ସର କନଷ୍ଟେବଲ ରମେଶ କୁରେଠୀ ସହିଦ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ସମୟରେ ଜଣେ ମାଓବାଦୀର ମୃତଦେହ ଜବତ କରାଯାଇଥିଲା। ଏଥିସହ ଗୋଟିଏ ଏକେ-୪୭ ରାଇଫଲ ମଧ୍ୟ ଜବତ କରାଯାଇଥିବା ଆଇଜି ସୁନ୍ଦର ରାଜ କହିଛନ୍ତି।

**କନଷ୍ଟେବଲ ସହିଦ**




# ଶିମିଳିପାଳ ବାଘଙ୍କୁ ସୁରକ୍ଷା ଦେବେ ହାତୀ

**ବାରିପଦା,୩।୩(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘବଂଶ ବୃଦ୍ଧି ବନ ବିଭାଗକୁ ଉତ୍ସାହିତ କରିଛି। ବାଘଙ୍କ ସୁରକ୍ଷା ଓ କଳାବାଘ ପାଇଁ ଶିମିଳିପାଳ ସ୍ୱତନ୍ତ୍ର ପରିଚୟକୁ ଅତୁଟ ରଖିବା ପାଇଁ ବନବିଭାଗ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି। ଏହି ସୁରକ୍ଷା ବ୍ୟବସ୍ଥାରେ ଖୁବ୍‌ଶୀଘ୍ର କୁମ୍‌କୀ ହାତୀ ଯୋଡ଼ିହେବେ। ଏଥିପାଇଁ ଚନ୍ଦକା ଅଭୟାରଣ୍ୟରୁ ଗୋଟିଏ କୁମକୀ ହାତୀ 'ଯଶୋଦା'କୁ ଅଣାଯାଇ



- ଚନ୍ଦକାରୁ ଆସିଲା ଯଶୋଦା, ସାତକୋଶିଆରୁ ଫେରିବେ ମହେନ୍ଦ୍ର ଓ ରାଜକୁମାର
- ତାଲିମ୍ ଦେବାକୁ ଆସାମରୁ ଆସିବେ ୨ ମାହୁନ୍ତ
- ନିୟମିତ ପାଟ୍ରୋଲିଂ ଓ ବାଘଙ୍କ ସମ୍ବନ୍ଧରେ ନିୟମିତ ତଥ୍ୟ ହାସଲରେ ନିଭାଇବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

କୋର୍ ଏରିଆ ଜେନାବିଲର ସ୍ଥାୟୀ ଆଶ୍ରୟସ୍ଥଳରେ ରଖାଯାଇଛି। ସେଠାରେ ପୂର୍ବରୁ ୮ ବର୍ଷର 'ବବଲୁ', ୧୭ ବର୍ଷର 'ଶିବାନୀ' ଓ ଅନ୍ୟ ଏକ ବୟସ୍କ ହାତୀ 'ଶୋଭା' ରହୁଛନ୍ତି। ଅପରପକ୍ଷରେ ଚଳିତ ମାସରେ ଶିମିଳିପାଳରୁ ସାତକୋଶିଆ ଯାଇଥିବା ୨ଟି କୁମକୀ ହାତୀ 'ମହେନ୍ଦ୍ର' ଓ 'ରାଜକୁମାର' ପୁଣି ଶିମିଳିପାଳକୁ ଫେରିବେ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ନିକଟରେ ଶେଷ ହୋଇଥିବା ବାଘ ଗଣନା ରିପୋର୍ଟରେ ଶିମିଳିପାଳରେ ବାଘସଂଖ୍ୟା ବୃଦ୍ଧି ଉତ୍ସାହଜନକ। ରିପୋର୍ଟ ଅନୁସାରେ, ଏହି ଅଭୟାରଣ୍ୟରେ ମୋଟ ୨୭ଟି ବାଘ ରହିଛନ୍ତି। ସେମାନଙ୍କ ସୁରକ୍ଷା ସହ ବଂଶବୃଦ୍ଧି ପାଇଁ ବାଘଙ୍କ ସମ୍ବନ୍ଧରେ ନିୟମିତ ତଥ୍ୟ ହାସଲ ପାଇଁ କୁମକୀ ହାତୀଙ୍କ ସହଯୋଗ ଜରୁରୀ। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଅନେକ ହାତୀ ନିୟୋଜିତ ଥିବା ବେଳେ ଶିମିଳିପାଳରେ ଅନୁରୂପ ହାତୀ ସହଯୋଗରେ ପାଟ୍ରୋଲିଂ ଓ ଅନୁଧ୍ୟାନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିଷ୍ପତ୍ତି ହୋଇଛି। ୨୭୫୦ ବର୍ଗକିମି ପରିବ୍ୟାପ୍ତ ଶିମିଳିପାଳର ୨୫୦୦ବର୍ଗ କିମି କୋର୍ ଅଞ୍ଚଳରେ କର୍ମଚାରୀ ଚାଲିଚାଲି ବାଘଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଅସମ୍ଭବ। ହାତୀଙ୍କ ସହାୟତାରେ ବାଘଙ୍କ ଚଳପ୍ରଚଳ ଅଗମ୍ୟ ଅଞ୍ଚଳରେ କର୍ମଚାରୀ ପହଞ୍ଚି ପାରିବେ। ସେମାନଙ୍କ ସମ୍ବନ୍ଧରେ ନିୟମିତ ତଥ୍ୟ ବିଭାଗକୁ ଦେଇପାରିବେ। ଏଣୁ 'ମହେନ୍ଦ୍ର' ଓ 'ରାଜକୁମାର' ଫେରିଲେ ହାତୀଙ୍କ ସଂଖ୍ୟା ୬ରେ ପହଞ୍ଚିବ। ସମସ୍ତେ ଜେନାବିଲର ସ୍ଥାୟୀ ଆଶ୍ରୟସ୍ଥଳରେ ରହି ବିଭିନ୍ନ ଅଞ୍ଚଳକୁ ପାଟ୍ରୋଲିଂରେ ଯିବେ। ଯଶୋଦା, ମହେନ୍ଦ୍ର ଓ ରାଜକୁମାରଙ୍କ ଦାୟିତ୍ୱ ପାଇଁ ସ୍ଥାନୀୟ ମାହୁନ୍ତଙ୍କୁ ନିଯୁକ୍ତ କରାଯିବ। ଏହି ମାହୁନ୍ତଙ୍କୁ ତାଲିମ ଦେବା ପାଇଁ ଆସାମରୁ ୨ଜଣ ପ୍ରଶିକ୍ଷକ ମାହୁନ୍ତ ଆସିବେ। ତାଲିମ୍ ଶେଷ ହେବା ପରେ ସେମାନେ ପୁଣି ଫେରିଯିବେ।

ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟରେ ବାଘବଂଶ ବୃଦ୍ଧି ପାଇଁ ମହାବୀର ଓ ସୁନ୍ଦରୀ ୨ଟି ବାଘ ଅଣାଯାଇଥିବା ବେଳେ ମହାବୀରର ମୃତ୍ୟୁ ଘଟିଥିଲା। ଏଣୁ ସୁନ୍ଦରୀ ବାଘୁଣୀ ହିଂସ ପ୍ରବୃତ୍ତି ବଢ଼ିଥିଲା। ତାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ୨୦୧୮ ମସିହା ଜାନୁଆରୀ ୨୬ ତାରିଖରୁ ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ନିଆଯାଇଥିଲା। ତେବେ ଯୋଜନା ଅସଫଳ ସହିତ ସୁନ୍ଦରୀକୁ ମଧ୍ୟପ୍ରଦେଶ ବାନ୍ଧବଗଡ଼ ଜାତୀୟ ବ୍ୟାଘ୍ର ଉଦ୍ୟାନକୁ ଫେରାଇ ନିଆଯାଇଥିଲା। ତା' ସତ୍ତ୍ୱେ ମହେନ୍ଦ୍ର ଓ ରାଜ କୁମାରକୁ ଶିମିଳିପାଳ ଫେରା ଯାଇନଥିଲା। ଏନେଇ ବନବିଭାଗ, ପରିବେଶବିତ୍ ଓ ଜିଲ୍ଲାବାସୀ ବିଭିନ୍ନ ସମୟରେ ଦାବି କରିଆସୁଥିଲେ। ତେବେ ବନ ବିଭାଗର ନିଷ୍ପତ୍ତି ଅନୁସାରେ ସେମାନେ ଫେରୁଥିବା ଖବର ସାଧାରଣରେ ଖୁସି ଆଣିଛି। ଏହାଦ୍ୱାରା ଶିମିଳିପାଳ ସୁରକ୍ଷାରେ ବିଶେଷ ସଫଳତା ମିଳିବ।

## ଅଭୟାରଣ୍ୟରୁ ଦୁର୍ଦ୍ଧାନ୍ତ ଶିକାରୀ ଗିରଫ

**ବାରିପଦା, ୩।୩ (ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ଜଣେ ଦୁର୍ଦ୍ଧାନ୍ତ ଶିକାରୀ ଗିରଫ ହୋଇଛି। ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ବନ ବିଭାଗ ଟିମ୍ ତାକୁ ଧରିବାରେ ସଫଳ ହୋଇଛି। ଶିକାରୀଜଣକ ହେଲେ ବାଇଗା ହୋ। ଅଭୟାରଣ୍ୟ ସୁରକ୍ଷା ନିମନ୍ତେ ବନ



**ବନ ବିଭାଗ କ୍ୟାମେରା ପାଇଁ ଧରାପଡ଼ିଲା**

ବିଭାଗ ପକ୍ଷରୁ ଖଞ୍ଜା ଯାଇଥିବା ରିମୋଟ୍ କ୍ୟାମେରା ଜରିଆରେ ଶିକାରୀଜଣକ ଧରାପଡ଼ିଥିବା ଜଣାଯାଇଛି। ଏ ସଂପର୍କରେ ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ୱାଇଲ୍ଡ ଲାଇଫ ସୁଶାନ୍ତ କୁମାର ନନ୍ଦ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ଜଙ୍ଗଲ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ରିମୋଟ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ଅଭୟାରଣ୍ୟର ବନ୍ୟଜନ୍ତୁଙ୍କୁ ଶିକାରୀଙ୍କ ଦାଉରୁ ଏବଂ କାଠମାଫିଆଙ୍କ ଦୌରାତ୍ମ୍ୟରୁ ସୁରକ୍ଷା ପ୍ରଦାନ ନିମନ୍ତେ ୨୪ ଘଣ୍ଟିଆ ଅନୁଧ୍ୟାନ କରୁଛି। ଏହି କ୍ୟାମେରା ଜରିଆରେ ଦୁର୍ଦ୍ଧାନ୍ତ ଶିକାରୀ ଧରାପଡ଼ିଛି। ଶିକାର ନିମନ୍ତେ ମାରଣାସ୍ତ୍ର ନେଇ ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳରେ ପ୍ରବେଶ କରିଥିବା ବେଳେ ଉକ୍ତ କ୍ୟାମେରାଗୁଡ଼ିକରେ ବାଇଗା ହୋ ଧରାପଡ଼ିଥିଲା। ଅନ୍ୟପଟେ ଶିମିଳିପାଳ ଅଭୟାରଣ୍ୟର ସବୁ ଜାଗାରେ ସୁରକ୍ଷା ନିମନ୍ତେ ଆଗକୁ ଆହୁରି କ୍ୟାମେରା ଖଞ୍ଜାଯିବ ବୋଲି ପିସିସିଏଫ୍ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି।

## ୩୫୧ ଜୀବନ୍ତ କଇଁଛ ଉଦ୍ଧାର; ୩ ଗିରଫ

- କୋଲକାତାରୁ କର୍ଣ୍ଣାଟକକୁ ହେଉଥିଲା ଚାଲାଣ
- ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରେ ମାଡ଼ି ବସିଲା ଡିଆର୍‌ଆଇ

**ଭୁବନେଶ୍ୱର, ୩।୩ (ସମିସ):** କଟକ ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରୁ ଆଜି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ୩୫୧ଟି ଜୀବନ୍ତ କଇଁଛ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୩ଜଣଙ୍କୁ ଗିରଫ କରିଛି। ଜବତ ଏହି ପାଙ୍ଗସୁରା ଟେନ୍‌ଟୋରିଆ ପ୍ରଜାତିର କଇଁଛଗୁଡ଼ିକୁ ବନବିଭାଗର ଜିମା ଦିଆଯାଇଛି। ଏହି କଇଁଛଗୁଡ଼ିକୁ କୋଲକାତାରୁ କର୍ଣ୍ଣାଟକ ଚାଲାଣ କରାଯାଉଥିଲା ବୋଲି ଜଣାଯାଇଛି। ଗିରଫ ୩ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି। ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ଡିଆର୍‌ଆଇ ସନ୍ଦେହ କରୁଛି।



କୋଲକାତାର କେଉଁ ଜାଗାରୁ ଏହି କଇଁଛ ଅଣାଯାଇଥିଲା, କର୍ଣ୍ଣାଟକର କେଉଁ ସହରକୁ ଚାଲାଣ ହେଉଥିଲା ଏବଂ ଏକାବେଳକେ ଏତେଗୁଡ଼ିଏ କଇଁଛକୁ ସେମାନେ କେଉଁ କାମରେ ଲଗାଇଥା'ନ୍ତେ, ସେ ସଂପର୍କରେ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯାଉଛି। ଡିଆର୍‌ଆଇଠାରୁ ମିଳିଥିବା ଅନୁଯାୟୀ, ଶନିବାର ଦିନବେଳା ଭାରତୀୟ କଇଁଛ ନେଇ ଏକ କାର୍ ଯୋଗେ ୩ଜଣ ଯୁବକ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। କଟକ ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରେ ଡିଆର୍‌ଆଇ ଏବଂ ବନ ବିଭାଗର ମିଳିତ ଟିମ୍ ଚଢ଼ଉ କରି ଉକ୍ତ କାର୍‌କୁ ଅଟକାଇଥିଲେ। କାର୍ ଭିତରେ ଏକ ବ୍ୟାଗ୍‌ରେ ଜୀବନ୍ତ କଇଁଛକୁ ଦେଖି ସେମାନଙ୍କୁ ଅଟକ ରଖାଯାଇଥିଲା। କୋଲକାତାରୁ କଇଁଛ ନେଇ ସେମାନେ ଜାତୀୟ ରାଜପଥ ଦେଇ କର୍ଣ୍ଣାଟକ ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ କଇଁଛ ସିଡ୍ୟୁଲ୍-୧ ବନ୍ୟପ୍ରାଣୀ ଅନ୍ତର୍ଭୁକ୍ତ। ତେଣୁ ୩ ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟପ୍ରାଣୀ ଅଧିନିୟମ ଅନୁସାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆର୍‌ଆଇ ପକ୍ଷରୁ କୁହାଯାଇଛି।

# ଜିଲ୍ଲାରୁ ଜିଲ୍ଲାକୁ ଉଡ଼ିବ ବିମାନ

**ଭୁବନେଶ୍ୱର,୩।୩(ସମିସ):** ଓଡ଼ିଶାରୁ ଜାତୀୟ ଓ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଉଡ଼ାଣରେ ଅଭିବୃଦ୍ଧି ଆସୁଥିବା ବେଳେ ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସହର ମଧ୍ୟରେ ଛୋଟ ବିମାନ ଚଳାଚଳ ଆରମ୍ଭ ହେବ। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ଏୟାରଲାଇନ୍ସଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇଛି। ରାଜ୍ୟ ସରକାର ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦେବେ। ଯଦି ବିମାନ ଚଳାଚଳ କମ୍ପାନୀ ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତି, ତା'ହେଲେ ରାଜ୍ୟର ୧୦ଟି ଛୋଟ ବିମାନବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ ହେବ।

- ଛୋଟ ବିମାନ ଚଳାଚଳ ପାଇଁ ପ୍ରସ୍ତାବ ଆହ୍ୱାନ
- ପ୍ରଥମ ପର୍ଯ୍ୟାୟରେ ୧୦ ସ୍ଥାନରୁ ଉଡ଼ାଣ ଲକ୍ଷ୍ୟ

ରାଜ୍ୟରେ ଥିବା ୨୬ଟି ବିମାନବନ୍ଦର ମଧ୍ୟରୁ ସମ୍ପ୍ରତି ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ରଙ୍ଗେଇଲୁଣ୍ଡାରୁ ବିମାନ ଚଳାଚଳ ହେଉଛି। ଏଥିସହ ଉତ୍‌କେଳା ଓ ମାଲକାନଗିରିରୁ ସିଡ୍ୟୁଲ୍ଡ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ଏହା ବ୍ୟତିତ ଓଡ଼ିଶାରେ ୨୦ଟି ବିମାନବନ୍ଦର ଏବଂ ଅନେକ ହେଲିପ୍ୟାଡ୍ ରହିଛି। ଏହାର ପ୍ରାୟ ଅଧା ବିମାନବନ୍ଦର/ଏୟାରଷ୍ଟ୍ରିପ୍‌କୁ କାର୍ଯ୍ୟକ୍ଷମ କରି ସେଠାରୁ ଛୋଟ ଛୋଟ ବିମାନ ଚଳାଚଳ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ କିଛି ଏୟାରଲାଇନ୍ସ ସହ ଆଲୋଚନା ପରେ ବିମାନ ସେବା ଆରମ୍ଭ ପାଇଁ ପ୍ରସ୍ତାବ ଆହ୍ୱାନ କରାଯାଇଛି। ମୟୂରଭଞ୍ଜର ଅମର୍ଦ୍ଦା ରୋଡ଼ ଓ ଦାଣ୍ଡବୋସ, କେନ୍ଦୁଝରର ବଡ଼ବିଲ ଓ ରାଇସୁଆଁ, ସମ୍ବଲପୁରର ହିରାକୁଦ, ବରଗଡ଼ର ପଦ୍ମପୁର, ନୂଆପଡ଼ା, ବଲାଙ୍ଗିରର ତୁଷରା, କନ୍ଧମାଳର ଗୁଡାରୀରୁ ଛୋଟ ବିମାନ ଚଳାଚଳ ଆରମ୍ଭ ପାଇଁ ଯୋଜନା ହୋଇଛି।



୯ ସିଟ୍ ଏବଂ ୨୦ ସିଟ୍ ବିଶିଷ୍ଟ ଛୋଟ ବିମାନ ଚଳାଚଳ ପାଇଁ ପ୍ରସ୍ତାବ ଆହ୍ୱାନ କରାଯାଇଛି। ଯେ କୌଣସି ସିଡ୍ୟୁଲ୍ଡ ଏବଂ ନନ୍-ସିଡ୍ୟୁଲ୍ଡ ଏୟାରଲାଇନ୍ସ ବିମାନ ସେବା ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ ହେବେ। ଗୋଟିଏ ଦିନରେ ସର୍ବନିମ୍ନ ୩ଟି ଏବଂ ସର୍ବାଧିକ ୭ଟି ଏୟାରଷ୍ଟ୍ରିପ୍‌କୁ ଉଡ଼ାଣ କରିପାରିବେ। ଗୋଟିଏ ନିର୍ଦ୍ଦିଷ୍ଟ କମ୍ପାନୀର ବିମାନ ଯେପରି ସମସ୍ତ ରୁଟ୍‌କୁ ସଂଯୋଗ କରିବ ତାହା ସୁନିଶ୍ଚିତ କରାଯିବ। ରାଜ୍ୟ ସରକାରଙ୍କ ଠାରୁ ଭାୟାବଲ୍ ଗ୍ୟାପ୍ ଫଣ୍ଡି (ଭିଜିଏଫ୍) ଅବା ଆର୍ଥିକ ପ୍ରୋତ୍ସାହନ ପାଇବାକୁ ହେଲେ ଗୋଟିଏ ସପ୍ତାହରେ ଅନ୍ତତଃ ଦୁଇଟି ବିମାନ ଚଳାଚଳ କରୁଥିବା ଜରୁରୀ। ଯଦି ବିମାନ ଚଳାଚଳ ସମୟ ଅବା ଦିବସରେ କିଛି ପରିବର୍ତ୍ତନ କରାଯାଏ ତା ହେଲେ ନିୟମ ଅନୁସାରେ ଯାତ୍ରୀମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯିବ।

ଅନ୍ତର୍ଜାତୀୟ, ଘରୋଇ ରୁଟ୍ ହେଉ ଅବା ଆନ୍ତଃରାଜ୍ୟ ରୁଟ୍, ସବୁଠି ବିମାନ ଚଳାଚଳକୁ ରାଜ୍ୟ ସରକାର ଅଗ୍ରାଧିକାର ହେଉଛନ୍ତି। ନିଜ ଉଦ୍ୟମରେ ଭୁବନେଶ୍ୱରରୁ ଦୁବାଇ, ବ୍ୟାଙ୍ଗକକ୍ ଏବଂ ସିଙ୍ଗାପୁରକୁ ରାଜ୍ୟ ସରକାର ବିମାନ ଚଳାଚଳ ଆରମ୍ଭ କରିବା ପରେ ଦୁଇ ତିନି ମାସ ଭିତରେ ଏୟାର ଏସିଆ ଭୁବନେଶ୍ୱର-କୁଆଲାଲୁମ୍ପୁର ମଧ୍ୟରେ ବିମାନ ସେବା ଆରମ୍ଭ ପାଇଁ ଆଗ୍ରହ ପ୍ରକାଶ କରିଛି। ସେହିପରି ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ରାଜ୍ୟରେ ଶିଳ୍ପାୟନରେ ଦ୍ରୁତ ଅଭିବୃଦ୍ଧି ସହିତ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ବିମାନ ସେବାର ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଏପରିସ୍ଥଳେ ଆନ୍ତଃରାଜ୍ୟ ବିମାନ ସେବା ଆରମ୍ଭ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଆଗାମୀ ଦିନରେ ରାଜ୍ୟର ଅଭିବୃଦ୍ଧିକୁ ଖୋରାକ ଯୋଗାଇବ ବୋଲି କୁହାଯାଉଛି।

■ ଜଳସମ୍ପଦ ବିଭାଗର ଅଭିନବ ପ୍ରୟାସ

# ଆରମ୍ଭ ହେବ 'ହୀରା ଲିଫ୍ଟ'; ବ୍ୟୟ ଅଟକଳ ୬୬୨ କୋଟି

**ଭୁବନେଶ୍ୱର,୩।୩ (ସମିସ):** ରାଜ୍ୟରେ ଅଧିକରୁ ଅଧିକ ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ରାଜ୍ୟ ସରକାର କ୍ରମାଗତ ପଦକ୍ଷେପ ନେଇ ଆସୁଛନ୍ତି। ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ କ୍ଷେତକୁ ଜଳ ଯୋଗାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ବିଭାଗ ପକ୍ଷରୁ 'ହୀରା ଲିଫ୍ଟ' ନାମରେ ଏକ ନୂଆ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ସମ୍ପୂର୍ଣ୍ଣ ରୂପେ ସୌର ଶକ୍ତିରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ବିଭାଗ ମୋଟ ୬୬୨ କୋଟି ଟଙ୍କା ଖର୍ଚ୍ଚ କରିବ। ଏହି ସୋଲାର ସିଷ୍ଟମ ପ୍ରତିଷ୍ଠା ପାଇଁ ପ୍ରାୟ ୫୦୦ ଏକର ଜାଗା ଆବଶ୍ୟକ ପଡ଼ିବ, ଏବଂ ବିଭାଗ ପକ୍ଷରୁ ଖୁବଶୀଘ୍ର ପ୍ରକଳ୍ପ ବାବଦରେ ଏକ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯିବ। ପ୍ରକଳ୍ପଟି ସୌର ଶକ୍ତି ଉପରେ ଆଧାରିତ ହୋଇଥିବାରୁ ଏହାକୁ ବିଭାଗ ଅନୁମତି ଦେବାର ସର୍ବାଧିକ ସମ୍ଭାବନା ରହିଛି।

ସେହିପରି ଆଗକୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଥିବା ବେଳେ ବିଭିନ୍ନ

**ପ୍ରକଳ୍ପ ପରିଚାଳନାରେ ଉପଯୋଗ ହେବ ସୌରଶକ୍ତି**

**ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ବିସ୍ତୃତ ପ୍ରକଳ୍ପ ରିପୋର୍ଟ**

ଆବଶ୍ୟକୀୟ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫେବ୍ରୁଆରୀ ଶେଷ ସୁଦ୍ଧା ଜଳସମ୍ପଦ ବିଭାଗକୁ ଆବଣ୍ଟିତ ହୋଇଥିବା ଅର୍ଥର ପ୍ରାୟ ୬୬ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଭାଗ ଯେଉଁ ଖର୍ଚ୍ଚ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହାକୁ ପୂରଣ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ପ୍ରତି ସପ୍ତାହରେ ସମସ୍ତ କଣ୍ଟ୍ରୋଲିଂ ଅଫିସରଙ୍କ ବିଭାଗୀୟ ଖର୍ଚ୍ଚର ଅନୁଧ୍ୟାନ କରିବେ। ଅପରପକ୍ଷେ ରାଜ୍ୟରେ ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପ ଯେପରି ଧାର୍ଯ୍ୟ ସମୟ ଅନୁସାରେ ସରିବ ସେନେଇ ବିଭାଗ ଗୁରୁତ୍ୱ ଦେଇଛି। ବିଭାଗ ପକ୍ଷରୁ ପୂର୍ବରୁ ଜିଲ୍ଲାୱାରୀ ଜଳପ୍ରଭାରୀ ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କୁ ନିୟମିତ ଭାବେ ଜିଲ୍ଲା ଗସ୍ତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।







# କଟକ ସିଟି

**ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ**

# ଟେଣ୍ଡରରେ ଅଟକିଛି 'ଏଚ୍‌ଏଲ୍‌ଏ' ଲାବୋରେଟୋରୀ

**କଟକ,୩।୩(ସମିସ)**

- ମେସିନ ଅଣାଯିବା ପାଇଁ ଗତବର୍ଷ ହୋଇଥିଲା ଟେଣ୍ଡର
- ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଖୋଲିବ ଲାବୋରେଟୋରୀ

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପ୍ରତି କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ସଫଳତାର ଅଧ୍ୟାୟ ଯୋଡ଼ି ଚାଲିଛି। ଏଠାରେ ୨୦୦ରୁ ଅଧିକ ସାଧାରଣ କିଡ୍‌ନୀ ପ୍ରତିରୋପଣ ହୋଇଛି। ଇତି ମଧ୍ୟରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସଂଖ୍ୟା ମଧ୍ୟ ୧୦ ଛୁଇଁ ସାରିଲାଣି। ଖୁବ୍‌ଶୀଘ୍ର ଏଠାରେ ଯକୃତ ପ୍ରତିରୋପଣ ଏବଂ ହୃତ୍‌ପିଣ୍ଡ ପ୍ରତିରୋପଣ ଆରମ୍ଭ କରାଯିବ। ଏପରିକି ଖୁବ୍‌ଶୀଘ୍ର ବୋନ୍ ବ୍ୟାଙ୍କ ମଧ୍ୟ ଖୋଲିବ। କିନ୍ତୁ ପ୍ରତିରୋପଣ ନିମନ୍ତେ ଅତ୍ୟାବଶ୍ୟକ ଏଚ୍‌ଏଲ୍‌ଏ ମ୍ୟାଚିଂ ଲାବୋରେଟୋରୀ ଏଠାରେ ଖୋଲାଯିବାକୁ ଯୋଜନା ରହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହା ସଫଳ ରୂପ ନେଇପାରିନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତବର୍ଷ ଏ ନେଇ ଟେଣ୍ଡର ଡକାଯାଇଥିଲା। କିନ୍ତୁ ଲାବୋରେଟୋରୀ ଯୋଜନା କେବଳ ଟେଣ୍ଡରରେ ସୀମିତ ରହିଯାଇଛି। ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଉଦ୍ୟମ କରିବା ଉଚିତ ବୋଲି କିଛି ଡାକ୍ତର କହିଛନ୍ତି।

ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ ତଥା ଏଚ୍‌ଏଲ୍‌ଏ। ପ୍ରତ୍ୟେକ ପ୍ରତିରୋପଣ ନିମନ୍ତେ ଏଚଏଲ୍‌ଏ ମ୍ୟାଚିଂ ନିହାତି ଜରୁରୀ। ଏହା ରକ୍ତ ନମୁନା ମ୍ୟାଚିଂ ଭଳି ସାଧାରଣ ପ୍ରକ୍ରିୟା ନୁହେଁ। ରକ୍ତ କଣିକାରେ ଥିବା ପ୍ରୋଟିନକୁ ଆଣ୍ଟିଜେନ କୁହାଯାଏ। ଏଚ୍‌ଏଲ୍‌ଏ ମ୍ୟାଚିଂରେ ଆଣ୍ଟିଜେନ ମେଳ ଖାଉଛି କି ନାହିଁ ତାହା ପରୀକ୍ଷା କରାଯାଏ। ରୋଗୀ ଏବଂ ଡୋନରଙ୍କର ଏଚ୍‌ଏଲ୍‌ଏ ରିପୋର୍ଟ ମେଳ ଖାଇଲେ ପ୍ରତିରୋପଣ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିଡ଼୍‌ନୀ ପ୍ରତିରୋପଣ କ୍ଷେତ୍ରରେ ଏସ୍‌ସିବି ମେଡ଼ିକାଲର ୟୁରୋଲୋଜି ବିଭାଗ ସଫଳପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ୧୦ କାଡାଭେରିକ ପ୍ରତିରୋପଣ ସମେତ ୨୦୦ରୁ ଅଧିକ ସାଧାରଣ କିଡ୍‌ନୀ ପ୍ରତିରୋପଣ ଏଠାରେ ହୋଇ ସାରିଲାଣି। ଗତ ୧୩ବର୍ଷ ହେବ ଏସ୍‌ସିବିରେ ପ୍ରତିରୋପଣ ହେଉଛି। ହେଲେ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ କିଛି ନିର୍ଦ୍ଦିଷ୍ଟ ଘରୋଇ ଲାବ୍ରୋଟୋରୀ ଜରିଆରେ ନମୁନା ରାଜ୍ୟ ବାହାରକୁ ପଠାଯାଉଛି। ଯେଉଁଥିପାଇଁ ଅନେକ ସମୟରେ ଅସନ୍ତୋଷ ଉପୁଜିବା ସହିତ ସମୟର ଅପଚୟ ହେଉଛି ବୋଲି ଡାକ୍ତରଙ୍କ ଅଭିଯୋଗ ରହିଛି। ପୂର୍ବରୁ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ ୫ ରୁ ୬ ଦିନ ଲାଗୁଥିଲା। ଯେଉଁଥି ପାଇଁ ଡାକ୍ତରମାନଙ୍କୁ ପ୍ରତିରୋପଣ ନିମନ୍ତେ ଅପେକ୍ଷା କରିବାକୁ ପଡୁଥିଲା। ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନମୁନା ପଠାଯାଉଛି। ଏସ୍‌ସିବି ମେଡ଼ିକାଲରେ ଲାବ୍ରୋଟୋରୀ ଖୋଲିବା ପାଇଁ ଡାକ୍ତରଙ୍କ ମହଲରେ ଦାବି ଜୋର ଧରିଲାଣି। ପୂର୍ବରୁ ଏଚ୍‌ଏଲ୍‌ଏ ମ୍ୟାଚିଂ ଲାବୋରେଟୋରୀ ଖୋଲିବା ନିମନ୍ତେ କିଛି ଡାକ୍ତର ପ୍ରତିବାଦର ସ୍ୱର ଉଠାଇଥିଲେ। ଲାବୋରେଟୋରୀ ଆରମ୍ଭ କରାନଗଲେ ପ୍ରତିରୋପଣ ବନ୍ଦ କରାଯିବ ବୋଲି ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ(ଓଏସ୍‌ଏମସିଏଲ) ନିକଟରେ ଦାବି ମଧ୍ୟ ରଖିଥିଲେ। ରାଜ୍ୟ ସରକାର ଦାବି ଶୁଣିବା ପରେ ପଦକ୍ଷେପ ନେଇଥିଲେ। ଗତବର୍ଷ ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଆସିଥିଲା। ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏଚ୍‌ଏଲଏ ମ୍ୟାଚିଂ ଲାବୋରେଟୋରୀ ଖୋଲିବ ବୋଲି ଚୂଡାନ୍ତ ହୋଇଥିଲା। ଏପରିକି ଲାବୋରେଟୋରୀ ସ୍ଥାପନ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଏହି ସବୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନି।



**● ବରଯାତ୍ରୀ ଶୋଭାଯାତ୍ରାରେ ନିଆରା ଦୃଶ୍ୟ**

## ଡିଜେ ବଦଳରେ ହରେକୃଷ୍ଣ ହରେରାମ



**କଟକ,୩।୩(ସମିସ):** ପରିବର୍ତ୍ତିତ ସମାଜରେ ଲୋକଙ୍କ ଚଳଣୀ ବଦଳୁଛି। ଚିନ୍ତା ଓ ଚେତନା ଏବେ ଆଧୁନିକତାର ବାଟରେ। ସମାଜ ସହ ଖାପ ଖୁଆଇବାକୁ ଚେଷ୍ଟା କରି ଲୋକେ ନିଜକୁ ଆଧୁନିକ ବୋଲି ଆତ୍ମପ୍ରଚାର କରୁଛନ୍ତି। ମାତ୍ର ବାଙ୍କୀ ଅଞ୍ଚଳରେ ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି, ଯାହାକି ସମସ୍ତଙ୍କୁ ଚକିତ କରିଦେଇଛି। ଏଠାରେ ରବିବାର ଏକ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଯେଉଁଥିରେ ନାଁ ବାଜୁଥିଲା ଡିଜେ, ନାଁ ଶୁଭୁଥିଲା ଆଧୁନିକ ଗୀତ। ମାଇକ୍‌ରେ ଶୁଭୁଥିଲା କେବଳ ହରେକୃଷ୍ଣ.. ହରେ ରାମ। ଆଉ ଏହି ଆଧ୍ୟାତ୍ମିକ ଜପନାମରେ ଝୁମୁଥିଲେ ସମସ୍ତ ବରଯାତ୍ରୀ। କୌଣସି ଏକ ଅଷ୍ଟପ୍ରହରୀର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ଏହା ଥିଲା ଏକ ବିବାହର ଆୟୋଜନ। ଏମିତିକି ବରଯାତ୍ରୀରେ ସାମିଲ ହୋଇଥିବା ସମସ୍ତ ସଦସ୍ୟ ମଧ୍ୟ ମଥାରେ ହରି ଚିତା କୁଟାଇଥିବା ବେଳେ ଗଳାରେ ପକାଇଥିଲେ ତୁଳସୀ ମାଳ। ନିଶ୍ଚିନ୍ତକୋଇଲି ବ୍ଲକ ବିଶମପଡା ଗ୍ରାମର ଜଳଧର ସେଠୀ ବାଙ୍କୀ ସୁନାଦେଇପୁର ଗ୍ରାମର ଲକ୍ଷ୍ମଣ ଦଳେଇଙ୍କ ଝିଅ ଏଲିଙ୍କୁ ରବିବାର ବୈଦିକ ରୀତିନୀତିରେ ବିବାହ କରିଛନ୍ତି। ତେବେ ଜଳଧର କୌଣସି ବଡ ଶୋଭଯାତ୍ରା କି ରୋଶଣୀ ନେଇ ବିବାହ ସ୍ଥଳକୁ ଯାଇନଥିଲେ। ତାଙ୍କ ଇଚ୍ଛା ମୁତାବକ ବରଗାଡି ସୁସଜ୍ଜିତ ହୋଇଥିଲା। ନିଜକୁ ବର ବେଶରେ ଭଲଭାବେ ସଜାଇଥିଲେ। କିନ୍ତୁ ଡିଜେ ବରାଦ ନକରି ସେ ବରଯାତ୍ରୀଙ୍କୁ ନଚାଇବା ପାଇଁ ଡାକିଥିଲେ ସଂକୀର୍ତ୍ତନ ଦଳକୁ। ସମସ୍ତ ବରଯାତ୍ରୀ ମଧ୍ୟ ଏଭଳି ଆୟୋଜନରେ କୌଣସି ବିରୋଧ କରିନଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହରେ କୃଷ୍ଣ.. ହରେ ରାମ ଗୀତରେ ବରଯାତ୍ରୀମାନେ ନୃତ୍ୟ ଜାରି ରଖିଥିଲେ। ସୁନାଦେଇପୁର ଗ୍ରାମରେ ଏହି ବରଯାତ୍ରୀ ଶୋଭାଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି କରିଥିଲା। ବରଯାତ୍ରୀରେ ସାମିଲ ହୋଇଥିବା ମହିଳା ଜୟନ୍ତୀ ପ୍ରଧାନ କହିଛନ୍ତି ଯେ, ହରେ କୃଷ୍ଣ.. ହରେ ରାମ ଜପ କଲେ ଅନେକ ପାପରୁ ମୁକ୍ତି ମିଳେ। ଏଭଳି ଜପନାମରେ ବରଯାତ୍ରୀ ଯିବା ସୌଭାଗ୍ୟର କଥା। ବିନା ଦ୍ୱିଧାରେ ଆମେ ହରେ କୃଷ୍ଣ.. ହରେ ରାମ ଗୀତରେ ନୃତ୍ୟ କରିଥିଲୁ। ସମସ୍ତ ବରଯାତ୍ରୀଙ୍କୁ ଏହା ଆତ୍ମସନ୍ତୋଷ ଦେଇଛି ବୋଲି ଜୟନ୍ତୀ କହିଛନ୍ତି। ବର ଜଳଧର କହିଥିଲେ ଯେ, ଆମେ ସନାତନ ଧର୍ମର ଲୋକ। ସନାତନ ଧର୍ମର ପ୍ରଚାରପ୍ରସାର ପାଇଁ ଉଦ୍ୟମ କରିବା ପ୍ରତ୍ୟେକ ସନାତନୀର ଧର୍ମ। ଡିଜେ ପାଇଁ ଟଙ୍କା ଖର୍ଚ୍ଚ କରି ଆଧୁନିକ ଗୀତରେ ସମସ୍ତଙ୍କୁ ନଚାଇବା ଅପେକ୍ଷା ଠାକୁରଙ୍କ ଜପରେ ସମସ୍ତଙ୍କୁ ଝୁମାଇବାରେ ଖୁସି ମିଳିଛି ବୋଲି ଜଳଧର କହିଛନ୍ତି।

## ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର



**କଟକ,୩।୩(ସମିସ):** ସାରସ୍ୱତ ଅନୁଷ୍ଠାନ ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଓ ଆଲୋଚନା ଚକ୍ର ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଉଚ୍ଚଶିକ୍ଷା ମନ୍ଦିର ପରିଷରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଡ.ଅଭୟ କୁମାରଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଆସରକୁ ଉଦଘାଟକ ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବି ପତିତପାବନ ମହାପାତ୍ର,ମୁଖ୍ୟବକ୍ତା ଭାବେ ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତିକୈଳାସଚନ୍ଦ୍ରଜେନା,ବରେଣ୍ୟଅତିଥିଭାବେବ୍ରହ୍ମାନନ୍ଦମହାନ୍ତି ଯୋଗ ଦେଇଥିଲେ। କବୟତ୍ରୀ ଗୀତାଂଜଳି ପୃଷ୍ଟି ଓ ସଂନ୍ଧ୍ୟା ଶତପଥିଙ୍କ ସଂଯୋଜନାରେ ଚିନ୍ମୟୀ ଆଚାର୍ଯ୍ୟ,ସୁକାନ୍ତି ମହାନ୍ତି,ଅନ୍ନପୂର୍ଣ୍ଣା ସାହୁ,ଡ. ବସନ୍ତ କୁମାରୀ ନନ୍ଦ,ରଘୁନାଥ ତ୍ରୀପାଠି,ଲୋକନାଥ ସେଠୀ,ସଚ୍ଚିଦାନନ୍ଦ କର,କମଳାକାନ୍ତ ନାୟକ,ବିଧୁଭୁଷଣ ମହାନ୍ତି,ନଳିନୀପ୍ରଭା ଦାଶ,ସ୍ନେହଲତା ଦ୍ୱିବେଦୀ,ରାଜୀବ କୁମାର ଷଡଙ୍ଗୀ,ବାବାଜୀ ଚରଣ ଲେଙ୍କା,ବସନ୍ତ କୁମାର ସାହୁ,ଦେବେନ୍ଦ୍ର ନାଥ ସାହୁ,ରାଜକିଶୋର ସ୍ୱାଇଁ,ଚୈତନ୍ୟ କୁମାର ରାଉତ,ସନ୍ତୋଷ କୁମାର ପଣ୍ଡା,ପ୍ରଦୀପ ରଂଜନ ମିଶ୍ର,ପ୍ରତାପ ଚନ୍ଦ୍ର ବେହେରା,ନିରୁପମା ସାହୁ,ବାବାଜୀ ଚରଣ ଲେଙ୍କା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସଂପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତପନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ଦ୍ୱୈତନଗରୀରେ ଆହୁରି କଠୋର ପୁଲିସ**

# ମଦୁଆ ଡ୍ରାଇଭର୍‌ଙ୍କୁ ଗାଡ଼ି ମନା

**ଭୁବନେଶ୍ୱର, ୩।୩(ସମିସ):**




ମଦୁଆ ଗାଡ଼ି ଡ୍ରାଇଭର୍‌ଙ୍କ ପ୍ରତି କଠୋର ହୋଇଛି କମିସନରେଟ୍ ପୁଲିସ। ମଦପିଇ ଗାଡ଼ି ଚଳାଇବାକୁ କମିସନରେଟ୍ ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମଦୁଆ ଡ୍ରାଇଭର୍‌ଙ୍କୁ ପ୍ରତିହତ କରିବା ପାଇଁ 'ମୋ ରାସ୍ତା ମୋ ସୁରକ୍ଷା' ଅଭିଯାନକୁ ଆହୁରି ତୀବ୍ର କରାଯାଇଛି। ସହରର ପ୍ରତି ଛକରେ ଜୋରଦାର ଚେକିଂ କରାଯାଇ ବେପରୁଆ ମଦ୍ୟପ ଚାଳକଙ୍କ ଗାଡ଼ି ଜବତ କରାଯାଉଛି। ନିଶାସକ୍ତ ଚାଳକଙ୍କ ନାମରେ ମାମଲା ରୁଜୁ କରିବା ସହ ଗାଡ଼ି ବି ଜବତ କରାଯାଉଛି। ମଦ୍ୟପ ଚାଳକଙ୍କ ସମେତ ବିପରୀତ ଗାଡ଼ି ଚାଳନା, ନାଲିବତି ଡେଇଁବା, ମୋବାଇଲ ଫୋନ୍‌ରେ କଥା ହୋଇ ଗାଡ଼ି ଚାଳକ ପ୍ରତି କୋଠର ଆଭିମୁଖ୍ୟ ନିଆଯାଉଥିବା କହିଛନ୍ତି ପୁଲିସ କମିସନର୍ ସଞ୍ଜିବ ପଣ୍ଡା।

ପୁଲିସର ତଥ୍ୟ ଅନୁଯାୟୀ, ଗତ ୩୧ ଦିନରେ ଦ୍ୱୈତନଗରୀରେ ମଦପିଇ ଗାଡ଼ି ଚଳାଇ ୩୩୨ ଜଣ ଧରାପଡ଼ିଛନ୍ତି। ଟ୍ରାଫିକ୍ ସିଗ୍‌ନାଲ ନ ମାନି ୭୫ଜଣ, ବିପରୀତ ଦିଗରେ ଗାଡ଼ି ଚଳାଇ ୨୯୭ଜଣ, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ କଥା ହୋଇ ୧୪୦ଜଣ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଇଥିବା ୧୩୮ ଜଣ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ୮୮୧ଟି ଗାଡ଼ି ଜବତ କରାଯାଇଥିବା ବେଳେ ୭୪୩ ଗାଡ଼ିକୁ କୋର୍ଟରେ ପିଆର୍ ଦାଖଲ ହୋଇଛି। ସେଥିରୁ ୭୩୬ଟି ଗାଡ଼ିକୁ କୋର୍ଟର ଅନୁମତିକ୍ରମେ ଥାନାରୁ ଗାଡ଼ି ମୁକୁଳାଇ ନେଇଛନ୍ତି ମାଲିକ।

ଗତ ଫେବୃଆରୀରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଅଞ୍ଚଳରେ ମଦପିଇ ଗାଡ଼ି ଚଳାଇବା ସମୟରେ ୨୩୨, ନାଲିବତି ଡେଇଁବା ୬୮, ବିପରୀତ ଦିଗରେ ଗାଡ଼ି ଚଳାଇ ୨୫୧, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପି ୧୩୫ଜଣ ଚାଳକ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ୧୦୦ଟି ମାମଲା ରୁଜୁ କରାଯାଇଛି। ୫୮୬ ଗାଡ଼ିର କୋର୍ଟରେ ପିଆର୍ ଦିଆଯିବା ସହ ୬୮୬ଟି ଗାଡ଼ି ଜବତ କରାଯାଇଛି। ତେବେ କୋର୍ଟଙ୍କ ଅନୁମତିକ୍ରମେ ୫୯୨ଟି ଗାଡ଼ି ମୁକୁଳାଇଛନ୍ତି ଚାଳକ। ଅନୁରୂପ ଭାବେ କଟକ ସହରାଞ୍ଚଳର ପୁଲିସ ପକ୍ଷରୁ ମଦପିଇ ଗାଡ଼ି ଚଳାଇ ୮୧ଜଣ, ନାଲିବତି ଡେଇଁବା ୫, ବିପରୀତ ଦିଗରେ ଗାଡ଼ି ଚଳାଇ ୪୨, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପି ଜଣେ ଚାଳକ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ୩୧ଟି ମାମଲା ରୁଜୁ କରାଯାଇଛି। ସେଭଳି ୧୩୭ଟି ଗାଡ଼ିର କୋର୍ଟରେ ପିଆର୍ ଦିଆଯିବା ସହ ୧୬୮ଟି ଗାଡ଼ି ଜବତ କରାଯାଇଛି। ଏଥିସହ କୋର୍ଟଙ୍କ ଅନୁମତିକ୍ରମେ ୧୪୪ଟି ଗାଡ଼ି ମୁକୁଳାଇ ନେଇଛନ୍ତି ଚାଳକ। ତେବେ ଆଇନ୍‌କାନୁନ ଭାଙ୍ଗିବାରେ କଟକକୁ ଟପିଛି ଭୁବନେଶ୍ୱର। ମଦପିଇ ଗାଡି ଚଳାଇବା ସହ ଟ୍ରାଫିକ ନିୟମ ଭାଙ୍ଗିବାରେ ଭୁବନେଶ୍ୱର ଆଗରେ ରହିଛି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରର ଦୁଇଟି ଟ୍ରାଫିକ ଥାନା ସମେତ ଭୁବନେଶ୍ୱର ସମସ୍ତ ଥାନା ଅଞ୍ଚଳରେ ଏହାକୁ କଡ଼ାକଡ଼ି କରାଯାଉଛି। ଭୁବନେଶ୍ୱର ଭଳି କଟକରେ ବି ଅନୁରୂପ ଭାବେ ଦୁଇଟି ଟ୍ରାଫିକ୍ ଥାନା ଏବଂ ସମସ୍ତ ଥାନାରେ ଯାଞ୍ଚ କରାଯାଇଥିଲା।

**ମାସକରେ ଧରାପଡ଼ିଛନ୍ତି ୩୩୨ ଗାଡ଼ିଚାଳକ**

**୧୩୮ ମାମଲା ରୁଜୁ; ୭୪୩ ଜଣଙ୍କୁ ଦିଆଯାଇଛି ପିଆର୍**

**୮୮୧ ଗାଡ଼ି ଜବତ; ୬୦୦ ଲାଇସେନ୍ସ ବାତିଲ ପ୍ରକ୍ରିୟା**

### ନିୟମ ଭାଙ୍ଗିଲେ ଫସିବେ ବାର୍ ଓ ପବ୍

ରାତିରେ ମଦ୍ୟପ ଚାଳକ ବିରୋଧରେ ଜାରି ହୋଇଛି କାର୍ଯ୍ୟାନୁଷ୍ଠାନ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜଧାନୀରେ ଥିବା କିଛି ବାର୍ ଓ ପବ୍ ଅବକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ନଜର ଆସିଛି। ନାଚ ଗୀତ ଡିଜେ ସାଙ୍ଗକୁ ବାର୍ ଓ ପବ୍‌ରେ ନିଶାର ଆସର ଜମୁଛି। ନିଶାସକ୍ତ ଅବସ୍ଥାରେ ଚାଳକ ଗାଡ଼ି ନେଇ ଘରକୁ ଯାଉଛନ୍ତି। ଆଉ ଯାଞ୍ଚ ବେଳେ ପୁଲିସ ହାବୁଡ଼ରେ ପଡୁଛନ୍ତି। ପୁଲିସ ବ୍ରେଥ୍ ଆନାଲାଇଜର୍ ଲଗାଇ ଯାଞ୍ଚ କରୁଛି। ସେଥିରୁ ମଦ୍ୟପ ଚାଳକ ଫସିବାରୁ ମାମଲା ରୁଜୁ ହେଉଛି। ତେବେ ଅବକାରୀ ଟିମ୍ ଓ କମିସନରେଟ ପୁଲିସ ପକ୍ଷରୁ ମିଳିତ ଟିମ୍ ଚଢ଼ଉ କରୁଛନ୍ତି। ଲାଇସେନ୍ସ ସହ ମ୍ୟୁଜିକ୍‌ର ପ୍ରମାଣପତ୍ର ଯାଞ୍ଚ ଲାଗି ଖୁବ୍‌ଶୀଘ୍ର ବଡ଼ଧରଣର ଚଢ଼ଉ କରାଯିବ। ନିୟମ ଭାଙ୍ଗୁଥିବାର ନିଜର ଆସିଲେ, ଲାଇସେନ୍ସ ରଦ୍ଦ ନେଇ ନିଷ୍ପତ୍ତି ହେବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

### ୩ଟି ସୋପାନ ଲାଇସେନ୍ସ ରଦ୍ଦ ପ୍ରକ୍ରିୟା

ମଦ୍ୟପ ଗାଡ଼ିଚାଳକ ବିରୋଧରେ ମାମଲା ନୁହେଁ; ଗାଡ଼ି ଲାଇସେନ୍ସ ରଦ୍ଦକୁ ଗୁରୁତ୍ୱ ଦିଆଯାଉଛି। ମଦ୍ୟପ ଚାଳକ ଭବିଷ୍ୟତରେ ଯେମିତି ଗାଡ଼ି ନ ଚଳାଇ ପାରିବେ, ଏହାକୁ ସୁନିଶ୍ଚିତ କରାଯାଉଛି। କମିସନରେଟ୍ ପୁଲିସ ଏଦିଗରେ ଆହୁରି କଠୋର ରଣନୀତି ଆପଣାଇଛି। ଗାଡ଼ି ଲାଇସେନ୍ସକୁ ୩ଟି ସୋପାନରେ ବିଭକ୍ତ ହୋଇଛି। ପ୍ରଥମ ଦଫାରେ ଗାଡ଼ିଚାଳକଙ୍କ ଲାଇସେନ୍ସ ୩ ମାସ ଲାଗି ବାତିଲ୍ କରାଯାଉଛି। ଦ୍ୱିତୀୟ ସୋପାନରେ ଚାଳକକୁ ଗିରଫ କରାଯିବା ସହ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯାଉଛି। ତୃତୀୟ ସୋପନରେ ଗାଡ଼ିର ପଞ୍ଜୀକରଣକୁ କଳା ତାଲିକାଭୁକ୍ତ କରାଯିବା ସହ ସେମାନଙ୍କୁ ଲାଇସେନ୍ସ ପ୍ରଦାନ ନ କରିବାକୁ ବ୍ୟବସ୍ଥା କରାଯାଇଛି। ତେବେ ୬୦୦ରୁ ଊର୍ଦ୍ଧ୍ୱ ଚାଳକଙ୍କ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗ ନିକଟରେ ଆବେଦନ କରାଯାଇଛି। ସେଥିରୁ ୧୦୦ରୁ ଅଧିକ ଚାଳକ କ୍ଷେତ୍ରରେ ଲାଗୁ କରାଯାଇ ଲାଇସେନ୍ସକୁ ବାତିଲ୍ କରାଯାଉଛି ବୋଲି ସିପି ସୂଚନା ଦେଇଛନ୍ତି।



### ଫସିଲା ୨୫ ଦାମୀ ଗାଡ଼ି

ଗାଡ଼ିର ଦାମ୍ କୋଟିଏ ପାର୍। ନାମୀଦାମୀ କମ୍ପାନିର ଗାଡ଼ି ଥାନା ଆଗରେ ଥୁଆ ହୋଇଛି। ଗାଡ଼ିର ମାଲିକ କିମ୍ବା ଚାଳକ ମଦପିଇ ପୁଲିସର ଆଇନ୍ ଫାସରେ ଫସିଯାଇଛି। ଗାଡ଼ି ସୋ'ରୁମ୍ ଭଳି ଥୁଆ ହୋଇଛି ଏକକୁ ବଳି ଆରକେ ଦାମୀ ଗାଡ଼ି। ଅଡି, ମର୍ସିଡିଜ୍, ସ୍କର୍ପିଓ, ଟାଟା ହାରିଅର, ଏମ୍‌ଜି ହେକ୍ଟର, କିଆ ସେଲ୍‌ଟସ ଭଳି ଦାମୀଗାଡ଼ିଗୁଡ଼ିକ ପ୍ରଦର୍ଶନୀ ଭଳି ଲମ୍ବା ହୋଇଛି ଛିଡ଼ା ହୋଇଛି। ଏହି ସମସ୍ତ ଗାଡ଼ିଗୁଡ଼ିକ ମଦପିଇ ଗାଡ଼ି ଚଳାଇଥିବା ଚାଳକଙ୍କ ଠାରୁ ଜବତ କରାଯାଇଛି। ଏଥରେ କିଛି ଗାଡ଼ିଗୁଡ଼ିକୁ ନିଜେ ଚାଳକ ଚଳାଉଥିବା ବେଳେ ଆଉ କିଛି ଗାଡ଼ି ମାଲିକ ରହିଛନ୍ତି। ଚାଳକ ଧରାପଡୁଥିଲେ ମଧ୍ୟ ମାଲିକ ନାମରେ ଗାଡ଼ି ଥିବାରୁ ଫସିଛି ଦାମୀ ଗାଡ଼ିର ମାଲିକ। ଧନୀ ଶ୍ରେଣୀର ଲୋକେ କୋର୍ଟରୁ ପିଆର୍ ଆଣିବା ବେଳେ ଗାଡ଼ି ମୁକୁଳାଇ ନେଉଛି। ଭୁବନେଶ୍ୱର ସହରାଞ୍ଚଳ ଅର୍ଥାତ୍ ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର, ସହିଦନଗର ଏବଂ ଖାରବେଳନଗର ଥାନା ଅଞ୍ଚଳରୁ ଅଧିକ ଦାମୀ କାର୍ ଜବତ ହୋଇଛି। ଜବତ ହୋଇଥିବା କାର୍ ମଧ୍ୟରୁ ୨୫ଟି ଦାମୀ କାର୍ ରହିଛି।




## ଅଭୀପ୍ସା ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକୋତ୍ସବ



**କଟକ,୩।୩(ସମିସ):** ନେତାଜୀ ନଗର ସ୍ଥିତ ଅଭୀପ୍ସା ଇଣ୍ଟର୍‌ନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଡ଼ଃ ପାର୍ଥସାରଥି ମିଶ୍ର, ସମ୍ମାନୀତ ଅତିଥି କଟକ ୬ନଂ ଜୋନ ଏସିପି ସ୍ୱସ୍ତିକ ପଣ୍ଡା, ମୁଖ୍ୟବକ୍ତା ଓଲିଉଡର ଅଭିନେତା ତଥା ଅଧ୍ୟାପକ ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ପରେ ଅତିଥିମାନେ ଅଭିଭାଷଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ପରିଶ୍ରମୀ, ବିନୟୀ, ସତ୍ୟବାଦୀ ଓ ଚରିତ୍ରବାନ ହେବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅମିତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଅଭିଭାବକମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁପ୍ରଭା ସାହୁ, ପରିଚାଳନା କମିଟିର ଚେୟାରମ୍ୟାନ ଶରତ କୁମାର ସାହୁ, ମ୍ୟାନେଜିଂ କମିଟି ସଭାପତି ଡ. ସୌମ୍ୟ ରଂଜନ ମିଶ୍ର, ମ୍ୟାନେଜିଂ କମିଟି ସଦସ୍ୟ ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠାତା ଆଦିକନ୍ଦ ରାଉତ, ସମାଜସେବୀ ଅଭିମନ୍ୟୁ ଦାସ, ଅବସରପ୍ରାପ୍ତ ପିଇଟି ସଂସାରୀ ସାହୁ, ପ୍ରତିଭା ସାହୁ, ବିପିନ ବିହାରୀ ବେହେରା ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।



# କଟକ ସିଟି



## ମାଗଣାଏଚ୍‌ପିଭି ଟିକାକରଣ



**କଟକ, ୩।୩(ସମିସ):** ଜରାୟୁ କ୍ୟାନ୍ସର ରୋଗରୁ ସୁରକ୍ଷା ପାଇଁ ମାଗଣାରେ ଏଚ୍‌ପିଭି ଟିକା ପ୍ରଦାନ କରାଯାଇଛି। ଅଲମଦାତ ଫାଉଣ୍ଡେସନ, ଆୱେକିନ ଟ୍ରଷ୍ଟ, ଏମ୍‌ଏଫ୍‌ୟୁ ଟ୍ରଷ୍ଟ ଏବଂ କର୍ଣ୍ଣିନୋଭା କ୍ୟାନ୍ସର ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏଚପିଭି ଭ୍ୟାକସିନ୍ ଡ୍ରାଇଭ୍ ସ୍ଥାନୀୟ ୟୁନିଅନ୍ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ଣ୍ଣିନୋଭା କ୍ୟାନ୍ସର ହସ୍ପିଟାଲ ନିର୍ଦ୍ଦେଶକ ଡା କ୍ଷିତୀଶ ମିଶ୍ର, ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ତସ୍‌ନିମ ଦୋଧିଆ, ଦୀପ୍ତି ମହାପାତ୍ର, ଏ. ଶ୍ରୀଦେବୀ, ରହେକା ଦୋଧିଆ, ଅଜବ ପଟେଲ, ନାଫିସା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜୟ ପଢ଼ିହାରୀଙ୍କୁ 'କଟକ ଗୌରବ ମନ୍ଥନ ସମ୍ମାନ'



**କଟକ, ୩।୩(ସମିସ):** ବିଜୟ ପଢ଼ିହାରୀଙ୍କୁ 'କଟକ ଗୌରବ ମନ୍ଥନ ସମ୍ମାନ' ପ୍ରଦାନ କରାଯାଇଛି। ବିଶିଷ୍ଟ ସାହିତ୍ୟିକ, ସଂଗଠକ, ଶ୍ରମିକନେତା, ଇସ୍କଫର ସାଧାରଣ ସମ୍ପାଦକ, ସମ୍ବାଦ ପତ୍ର ବିକ୍ରେତା ସଂଘର ସଭା ଶ୍ରୀ ପଢ଼ିହାରୀଙ୍କୁ ଆଜି ମନ୍ଥନ ସମ୍ବାଦପତ୍ର ପକ୍ଷରୁ ଏହି ସମ୍ମାନ ଆଜି କଟକ ଶ୍ରୀ ରାମଚନ୍ଦ୍ର ଭବନରେ ପ୍ରଦାନ କରାଯାଇଥିଲା।

## ରୋଟାରୀ କଟକ ମିଲେନିୟମ ପକ୍ଷରୁ ପରିବେଶ ସଚେତନତା



**କଟକ, ୩।୩(ସମିସ):** ରୋଟାରୀ କ୍ଲବ୍ ଅଫ୍ କଟକ ମିଲେନିୟମ ଓ ହିରୋ ସାଇକେଲ କମ୍ପାନୀର ମିଳିତ ଆନୁକୂଲ୍ୟରେ ଏକ ପରିବେଶ ସଚେତନତା ସାଇକଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ସାଇକଲ ରାଲି କଟକ ନୂଆବଜାରସ୍ଥିତ ଗୋପାଳ କୃଷ୍ଣ ଗୋଶାଳରୁ ଆରମ୍ଭ ହୋଇ ଗଣ୍ଡରପୁରସ୍ଥିତ ହିରୋ ସାଇକଲ କମ୍ପାନୀର ସ୍ପିଡ୍ ହ୍ୱିଇଲ୍ସ ସୋ ରୁମଠାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରୋଟାରୀ ମିଲେନିୟମର ସଭାପତି ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରି କହିଲେ ଯେ, ବର୍ତ୍ତମାନ ସମଗ୍ର ବିଶ୍ୱ ତାପମାନ ବୃଦ୍ଧି ଏବଂ ପାଗ ଅସନ୍ତୁଳନ କାରଣରୁ ଘୋର ସଙ୍କଟର ସମ୍ମୁଖୀନ ହୋଇଛି। ସମଗ୍ର ବିଶ୍ୱରୁ ଜୀବାଶ୍ମ ଇନ୍ଧନ ସରି ସରି ଆସୁଛି। ଏହି ପରିପ୍ରେକ୍ଷୀରେ ସାଇକଲର ଅଧିକ ବ୍ୟବହାର ହେବା ଆବଶ୍ୟକ। ତେଣୁ କଟକର ପରିବେଶକୁ ସବୁଜ ସୁନ୍ଦର ରଖିବାକୁ ହେଲେ ଅନାବଶ୍ୟକ ଗାଡ଼ି ମୋଟର ବ୍ୟବହାର ନକରି ସମସ୍ତେ ସାଇକଲ ଚଲାଇବା ଉଚିତ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ସୁଧୀର ରଥ, ପୂର୍ବତନ ସଭାପତି ଚନ୍ଦ୍ରପ୍ରଭା ମହାନ୍ତି, ୨୦୨୪-୨୫ବର୍ଷ ପାଇଁ ନିର୍ବାଚିତ ସଭାପତି ଦୀପକ କୁମାର ମହାନ୍ତି, ହିରୋ ସାଇକଲ କମ୍ପାନୀର ସ୍ଥାନୀୟ ବିତରକ ମହାବୀର ପ୍ରସାଦ ଜାଜୋଡିଆ ଓ ଓଡ଼ିଶା ରାଜ୍ୟ ମାର୍କେଟିଂ ପ୍ରମୁଖ ତ୍ରିଲୋଚନ ସିଂହ ଏବଂ ଅନେକ ପରିବେଶ ପ୍ରେମୀ ଯୋଗ ଦେଇଥିଲେ।

# କଳାକାଚ ହଟାଇବାକୁ ତତ୍ପରତା; ଚଢ଼ଉ ନିର୍ଦ୍ଦେଶ

**କଟକ, ୩।୩(ସମିସ)**

■ ଟ୍ରାଫିକ୍ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ

■ ସାଧାରଣ ନିର୍ବାଚନ ପାଇଁ ଗାଡ଼ି ଚେକିଂ ହେବ କଡ଼ାକଡ଼ି




ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ଗାଡ଼ି ଚେକିଂକୁ କଡ଼ାକଡ଼ି କରାଯାଇଛି। ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ପ୍ରବେଶ ପଥ ଏବଂ ବିଭିନ୍ନ ଛକ ଗୁଡ଼ିକରେ ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏବେ ପ୍ରତ୍ୟହ ଟ୍ରାଫିକ୍ ରୁଟିନ୍ ୱାର୍କ ଭାବେ ଗାଡ଼ି ଚେକିଂ କରାଯାଉଥିବା ବେଳେ ଡିସିପି ଡଃ କନୱାର୍ ବିଶାଲ୍ ସିଂ କାର୍‌ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଚେକିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ, ଆସନ୍ତା କାଲି ଠାରୁ କାର୍ ଗୁଡ଼ିକୁ ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ ସୂଚନା ଦେଇଛନ୍ତି। ଗଠନ କରାଯାଇଥିବା ସ୍କ୍ୱାଡ୍‌ର ମୁଖ୍ୟ ଟ୍ରାଫିକ୍ ଏସିପି ଶ୍ରୀ ସିଂ ରହିଥିବା ବେଳେ ସହରର ବିଭିନ୍ନ ଛକରେ ଏହି ଧରପଗଡ଼ ଜୋରଦାର କରାଯିବ ବୋଲି ସ୍ଥିର ହୋଇଛି। ଗତ ଦେଢ଼ବର୍ଷ ହେବ ଏପରି ବହୁ କଳାକାଚ ଲାଗିଥିବା ଗାଡ଼ିରେ ଅପରାଧମୂଳକ କାର୍ଯ୍ୟ ଘଟିଥିବା ନଜିର ରହିଛି। ପୁଲିସ କାଁଭାଁ ଧରପଗଡ଼ କରି ଗାଡ଼ିରୁ କଳାକାଚ କାଢ଼ି ନେଉଛି ସତ, ମାତ୍ର ଏହି ନିୟମ ଶତପ୍ରତିଶତ କାର୍ଯ୍ୟକାରୀ ହେଉ ନଥିବାରୁ ଏବେ ପୁଣି କଳାକାଚ ଗାଡ଼ିରେ ଅପରାଧ ଓ ଅନୈତିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଆଗକୁ ନିର୍ବାଚନ ଆସୁଥିବାରୁ ସହରରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା କରି ଏବେଠାରୁ ଯାଞ୍ଚ ପ୍ରକ୍ରିୟା ଜୋରଦାର୍ କରାଯାଇଛି। କୌଣସି କାର୍‌ରେ କଳାକାଚ ଲାଗିଥିଲେ, ତାହାକୁ କଢ଼ାଯିବା ସହିତ ସମ୍ପୃକ୍ତ କାର୍ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଏସିପି ଶ୍ରୀ ସିଂ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଚାରିଚକିଆ ଗାଡ଼ି ଡୋରରେ କଳାକାଚ ଲଗାଇବା ଏକ ଧର୍ତ୍ତବ୍ୟ ଅପରାଧ ଭାବେ ଆଇନ ରହିଛି। ପରିବହନ ଆଇନ ବ୍ୟତୀତ ଦେଶର ସର୍ବୋଚ୍ଚ ନ୍ୟାୟଳଙ୍କର ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ରହିଛି। ଯେହେତୁ କଳାଫିଲ୍ମ ଲଗା ଗାଡ଼ିର ଭିତର ଦୃଶ୍ୟ ବାହାରକୁ ଦେଖାଯାଇ ନଥାଏ, ଅପରାଧୀମାନେ ଯାତାୟତ ସମୟରେ ବା ଅପରାଧ ଘଟାଇବାରେ କଳାକାଚ ଥିବା ଗାଡ଼ିକୁ ବ୍ୟବହାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଳା କାଚ ବ୍ୟବହାର କରୁଥିବା ଗାଡ଼ିଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗାଡ଼ିକୁ ଜବତ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ୨୦୧୨ରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ରୀୟ ମୋଟର ଯାନ ଆଇନ-୧୯୮୯ ଧାରା ୧୦୦(୨) ଅନୁସାରେ ଗାଡ଼ିର ସମ୍ମୁଖ ଓ ପଛ କାଚ ୩୦ ପ୍ରତିଶତରୁ ଅଧିକ ଏବଂ ଝରକା କାଚ ୫୦ ପ୍ରତିଶତରୁ ଅଧିକ କଳାରଙ୍ଗର ଫିଲ୍ମ ବା କୋଟିଂରେ ଆଚ୍ଛାଦିତ କରାଯାଇ ପାରିବନାହିଁ। ଭିଏଲ୍‌ଟି(ଭିଜୁଆଲ ଲାଇଟ୍ ଟ୍ରାନ୍ସମିଶନ) ମାନଦଣ୍ଡ ଅନୁସାରେ ସାଧାରଣତଃ କୌଣସି କାଚ ୮୯ ପ୍ରତିଶତ ଆଭ୍ୟନ୍ତର ଦୃଶ୍ୟମାନ ହେବା ଆବଶ୍ୟକ। ତେଣୁ ଗାଡ଼ି ଝରକାରେ କଳାକାଚ ଲଗାଇବାକୁ ସମ୍ପୂର୍ଣ୍ଣ ଅପରାଧ ଭାବେ ବିବେଚନା କରାଯାଉଛି। ତଦନୁଯାୟୀ ୨୦୧୯ ମୋଟରଯାନ ଆଇନ ସଂଶୋଧନ ହେବା ପରେ ପରିବହନ ଆଇନରେ ଉଲ୍ଲଙ୍ଘନ ନିମନ୍ତେ ୨୫ଶହ ଟଙ୍କା ଜରିମାନା ଧାର୍ଯ୍ୟ ହୋଇଛି। ସୋ' ରୁମ୍‌ରେ ଗାଡ଼ି କ୍ରୟ ସମୟରେ କଳାକାଚ ଲଗାଇବାର ବ୍ୟବସ୍ଥା ନାହିଁ, କିନ୍ତୁ ଗାଡ଼ି କିଣୁଥିବା ବ୍ୟକ୍ତିମାନେ ବଜାରରୁ ସାମଗ୍ରୀ ଆଣି ସୋ'ରୁମରେ କାଚରେ କଳାଫିଲ୍ମ ଲଗାଉଥିବାର ଅଭିଯୋଗ ଉଠିଛି। କଟକ ବଜାରରେ ଏହା ଅତି ସହଜରେ ଉପଲବ୍ଧ ହେଉଥିବାରୁ ଏଠାକାର ରାସ୍ତାରେ ଗଡୁଥିବା ସଂଖ୍ୟାଧିକ ଗାଡ଼ିରେ କଳାକାଚ ଲାଗିଥିବା ଦେଖିବାକୁ ମିଳୁଛି। ପୂର୍ବରୁ କମିସନରେଟ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ୬ମାସ ପୂର୍ବରୁ ୨୫୦ରୁ ଉର୍ଦ୍ଧ୍ୱ ଗାଡ଼ିରୁ କଳାକାଚ କଢ଼ାଯିବା ସହିତ ଚାଳକଙ୍କଠାରୁ ୫୦୦ ଟଙ୍କା ଲେଖାଁଏ ଜରିମାନା ଆଦାୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଭଳି ଅଭିଯାନ ବନ୍ଦ ହୋଇଯିବା ପରେ ଏବେ ପୁଣି ବହୁ ଗାଡ଼ିରେ କଳାକାଚ ଦେଖିବାକୁ ମିଳୁଛି। ମୁଖ୍ୟ ବିଷୟ ହେଉଛି, କେବଳ ଅପରାଧୀ ନୁହନ୍ତି, ବହୁ କ୍ଷମତାଶାଳୀ ବ୍ୟକ୍ତିମାନେ ମଧ୍ୟ କଳାଫିଲ୍ମ ଲାଗିଥିବା ଦାମୀ ଗାଡ଼ିରେ ଯାତାୟତ କରୁଛନ୍ତି। ପୁଲିସ ନଜରରେ ଏ ସବୁ ପଡୁଥିଲେ ହେଁ ଚଢ଼ଉ କରିବାକୁ ସାହସ ଜୁଟାଇ ପାରୁନାହିଁ। ଡିସିପି ଡଃ ସିଂ କାର୍ଯ୍ୟରେ ଯୋଗଦେବା ପରେ କାର୍ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଥିବା ଜଣାପଡ଼ିଛି।

**କଷ୍ଟ୍ୟୁମ୍ ଡିଜାଇନର୍ ସୁମିତ୍ରା**

## କର୍କଟ ଆକ୍ରାନ୍ତଙ୍କ ପାଇଁ ଦାନକଲେ କେଶ

**କଟକ, ୩।୩(ସମିସ)**





ଜଣେ ନାରୀର ସୌନ୍ଦର୍ଯ୍ୟ ହେଉଛି କେଶ। ନାରୀର ବେଶ ପରିପାଟୀ, କେଶ ବିନ୍ୟାସ ହିଁ ଅନ୍ୟକୁ ଆକର୍ଷିତ କରିଥାଏ। ଏଥି ପାଇଁ ଆଜିର ନାରୀ ଯାଇଥାଏ ବିଭିନ୍ନ ବିଉଟି ପାର୍ଲରକୁ। କିନ୍ତୁ ସମୟ ବଦଳିବା ସହିତ ନାରୀର ରୁଚି ଓ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଆସୁଛି। ଆଧୁନିକତାର ଚଳଣୀ ଭିତରେ ଆଜିର ଯୁବତୀ ଏବଂ ନାରୀମାନେ ସାମାଜିକ କାର୍ଯ୍ୟ ପ୍ରତି ଅଧିକ ଉତ୍କଣ୍ଠା ପ୍ରକାଶ କରୁଛନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି କଟକ ସିଡିଏ ଅଞ୍ଚଳର ଯୁବତୀ ସୁମିତ୍ରା ନାୟକ। କଷ୍ଟ୍ୟୁମ ଡିଜାଇନର ଭାବେ କାର୍ଯ୍ୟ କରୁଥିବା ସୁମିତ୍ରା କର୍କଟ ଆକ୍ରାନ୍ତଙ୍କ ଉଦ୍ଦେଶ୍ୟରେ ନିଜ କେଶ ଦାନ କରିଛନ୍ତି।

ନିଆଳି ବ୍ଲକ କୂଳଶ୍ରୀ ଗ୍ରାମର ବଂଶୀଧର ନାୟକ ଏବଂ ବାସନ୍ତୀ ନାୟକଙ୍କ ଝିଅ ହେଉଛନ୍ତି ସୁମିତ୍ରା। ଉଚ୍ଚଶିକ୍ଷା ହାସଲ କରିଥିବା ସୁମିତ୍ରା ସିଡିଏରେ ରହି ଏକ କମ୍ପାନୀ ନିମନ୍ତେ କଷ୍ଟ୍ୟୁମ ଡିଜାଇନର ଭାବେ କାର୍ଯ୍ୟ କରନ୍ତି। ତାଙ୍କ କହିବା ମୁତାବକ, କିଛି ଦିନ ପୂର୍ବେ ଇନ୍‌ଷ୍ଟାଗ୍ରାମରେ ସେ ଏକ ସୋସିଆଲ ସାଇଟ୍ ଦେଖିଥିଲେ। ଯାହାର ନାଁ ଥିଲା, ହେୟାର ଡୋନେସନ ଟ୍ରଷ୍ଟ। କର୍କଟ ରୋଗୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ଟ୍ରଷ୍ଟ କାର୍ଯ୍ୟ କରେ। ଦେଶର ଅନେକ ପ୍ରତିଷ୍ଠିତ ମହିଳା ଓ ଯୁବତୀ ମଧ୍ୟ ଏହି ଟ୍ରଷ୍ଟ ଜରିଆରେ କେଶ ଦାନ କରିଛନ୍ତି। ଦାନ ହେଉଥିବା କେଶକୁ ୱିଗ୍‌ରେ ପରିଣତ କରାଯାଏ। ଯାହା କର୍କଟ ଚିକିତ୍ସାଧିନ ମହିଳା କିମ୍ବା ଯୁବତୀଙ୍କୁ ନିଃଶୁଳ୍କରେ ପ୍ରଦାନ କରାଯାଏ। ସୋସିଆଲ ସାଇଟ୍‌ରୁ ଏସବୁ ଜାଣିବା ପରେ ସୁମିତ୍ରା ମଧ୍ୟ ନିଜ କେଶ ଦାନ କରିବାକୁ ଇଚ୍ଛା ପ୍ରକଟ କରିଥିଲେ। ନାମ ପଞ୍ଜୀକରଣ କରିବା ପରେ କିଛି ସମୟ ଭିତରେ ତାଙ୍କ ନିକଟକୁ ଫୋନକଲ ଆସିଥିଲା। ସେ ଏଭଳି ସାମାଜିକ କାର୍ଯ୍ୟରେ ସାମିଲ ହେବାକୁ ଇଚ୍ଛୁକ ଥିବା ପ୍ରକାଶ କରିଥିଲେ। ଏହା ପରଦିନ ଟ୍ରଷ୍ଟର କିଛି କର୍ମଚାରୀ ସିଡିଏ ସ୍ଥିତ ସୁମିତ୍ରାଙ୍କ ଘରକୁ ଆସି କେଶ କାଟିବା ସହ ଫଟୋ ଉଠାଇ ନେଇଥିଲେ।

ସୁମିତ୍ରା କୁହନ୍ତି ଯେ, ପ୍ରତ୍ୟେକ ଯୁବତୀ ନିଜ କେଶ ପ୍ରତି ଅଧିକ ଯତ୍ନବାନ। କେଶ ଲମ୍ବା ରହୁ ବୋଲି ସମସ୍ତଙ୍କ ଇଚ୍ଛା। ମାତ୍ର କର୍କଟ ଭଳି ମାରାତ୍ମକ ରୋଗରେ ପୀଡ଼ିତ ମହିଳା ଓ ଯୁବତୀମାନେ କିପରି ମାନସିକ ଅବସ୍ଥାରେ ଗତି କରୁଥିବେ ସେମାନଙ୍କ କଥା ଭାବିବା ବେଳକୁ କଷ୍ଟ ଲାଗେ। ଚିକିତ୍ସା ପଦ୍ଧତି ଭିତରେ ସେମାନଙ୍କ କେଶ ସମ୍ପୂର୍ଣ୍ଣ ଭାବେ ଝଡ଼ିଯାଏ। ଯଦି ମୋର କେଶ କାହା ମୁହଁରେ ଖୁସି ଆଣି ପାରିବ ତାହା ହିଁ ଯଥେଷ୍ଟ ବୋଲି ଏହି କଷ୍ଟ୍ୟୁମ ଡିଜାଇନର ଜଣକ କହିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତିରେ ପରିବାର ଲୋକେ ମଧ୍ୟ ଖୁସି ପ୍ରକଟ କରିଛନ୍ତି ବୋଲି ସୁମିତ୍ରା ଜଣାଇଛନ୍ତି।

## ଚୋର ଗିରଫ

**କଟକ, ୩।୩(ସମିସ):** ଚାଉଳିଆଗଞ୍ଜ ଥାନା ପୁଲିସ ରବିବାର ଜଣେ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ଘର ଗାନ୍ଧୀପଲ୍ଲୀ ଅଞ୍ଚଳରେ ହୋଇଥିବା ବେଳେ ତାର ନାଁ ଗଣେଶ ସାହୁ। ତାକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି। ଓଏମ୍‌ପି ଛକ ନିକଟରେ କଟକ-ପାରାଦ୍ୱୀପ ରାସ୍ତାରେ ବିଶ୍ୱନାଥ ଶାହାଙ୍କ ରଙ୍ଗ ଦୋକାନ ରହିଛି। ଗତ ୧ ତାରିଖରେ ବିଶ୍ୱନାଥ ଦୋକାନ ବନ୍ଦ କରି ଘରକୁ ଯିବା ପରେ ଅଭିଯୁକ୍ତ ଦୋକାନ ଆଜ୍‌ବେଷ୍ଟସ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଦୋକାନ କ୍ୟାସ୍ ବାକ୍ସକୁ ଭାଙ୍ଗି ୮ ହଜାର ଟଙ୍କା ନେଇ ଯାଇଥିଲା। ଗତକାଲି ବିଶ୍ୱନାଥ ଦୋକାନ ଖୋଲିବାକୁ ଆସିବା ପରେ ତାଲା ଖୋଲି ଭିତରକୁ ଯିବାବେଳକୁ ଆଜବେଷ୍ଟସ୍ ଭାଙ୍ଗି ଥିବା ଦେଖିବାକୁ ପାଇଥିଲେ। ଏହାପରେ କ୍ୟାସ୍‌ବାକ୍ସ ଭଙ୍ଗା ଯାଇଥିବା ଦେଖିଥିଲେ। ସେ ଥାନାକୁ ଯାଇ ଏ ସଂକ୍ରାନ୍ତରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଯାଞ୍ଚ କରି ଆଜି ପୁଲିସ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଅପରାହ୍ନରେ ଗାନ୍ଧୀପଲ୍ଲୀ ଅଞ୍ଚଳରେ ଚଢ଼ଉ କରି ତାକୁ ଗିରଫ କରିଥିବା ଜଣାପଡ଼ିଛି।

# ବଢୁଛି ଗାଡ଼ି ଚୋରି; ମାସକରେ ୧୫ ବାଇକ୍ ଉଭାନ୍

**କଟକ, ୩।୩(ସମିସ)**





ଦିନକୁ ଦିନ କଟକ ସହରରେ ବାଇକ୍ ଚୋରି ବଢ଼ିବାରେ ଲାଗିଛି। ଯଦିଓ କମିସନରେଟ୍ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହେଉଛି, ମାତ୍ର ତାହା ଚୋରି ହେଉଥିବା ବାଇକ୍ ସଂଖ୍ୟା ତୁଳନାରେ ବହୁତ କମ୍। ରାତି ଅଧରେ ଘର ସାମ୍ନାରୁ ଲୁଟେରାମାନେ ଲୁଟି ନେଉଛନ୍ତି ବାଇକ୍ ଓ ସ୍କୁଟି। ଯାହାକୁ ନେଇ କଟକ ସହରବାସୀଙ୍କ ମଧ୍ୟରେ ଚୋରିର ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ କରାଯାଇ ଏହି ଲୁଟେରା ମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ଅତିରିକ୍ତ ଡିସିପି ଅନିଲ୍ ମିଶ୍ର କହିଛନ୍ତି।

ଝାଞ୍ଜିରୀମଙ୍ଗଳା ଓ ପାଲାମଣ୍ଡପ ଅଞ୍ଚଳରୁ ଗାଡ଼ି ଚୋରି ହେଉଥିବା ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଥିଲା। ଏହା ପରେ ଏହି ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାତି ଅଧରେ ସାରା ସହରରେ ପୁଲିସ ପାଟ୍ରୋଲିଂ ଚାଲୁଥିବା ସମୟରେ ଚୋରମାନେ ନିର୍ଭୟରେ ଲୋକଙ୍କ ଘର ସାମ୍ନାରୁ ଗାଡିର ତାଲା ଭାଙ୍ଗି ଗାଡ଼ି ଚୋରି କରି ନେଇ ପଳାଉଛନ୍ତି। ଏହା କମିସନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। କେବଳ ଝାଞ୍ଜିରୀମଙ୍ଗଳା ଓ ପାଲାମଣ୍ଡପ ଅଞ୍ଚଳ ନୁହେଁ, ସହରର ଅନେକ ଅଞ୍ଚଳରେ ସମାନ ଢଙ୍ଗରେ ବାଇକ୍ ଲୁଟେରା ମାନେ ରାତି ଅଧରେ ଆସି ଘର ବାହାରେ ରଖାଯାଇଥିବା ବାଇକ୍ ଓ ସ୍କୁଟି ଗୁଡ଼ିକୁ ଲୁଟି ନେଉଛନ୍ତି। ମିଳିଥିବା ସୂଚନା ଅନୁସାରେ, ଫେବୃଆରୀ ମାସରେ କଟକ ସହରର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫ଟି ଗାଡ଼ି ଚୋରିର ଅଭିଯୋଗ ବିଭିନ୍ନ ଥାନାରେ ହୋଇଛି। ଯେହେତୁ କଟକ ସହରରେ ଲୋକମାନଙ୍କ ଘରେ ଗାଡ଼ି ରଖିବା ପାଇଁ ସ୍ଥାନାଭାବ ଦେଖା ଦେଇଥାଏ ତେଣୁ ଘର ବାହାରେ ଲୋକମାନେ ଦୁଇ ଚକିଆ ଗାଡ଼ି ଗୁଡ଼ିକୁ ପାର୍କିଂ କରି ଥାଆନ୍ତି। ଏହି ଗାଡ଼ି ଗୁଡ଼ିକୁ ବିଶେଷଃ କରି ରାତି ଅଧରେ ଲୁଟେରା ମାନେ ଟାର୍ଗେଟ କରି ଲୁଟ୍ ନେଉଛନ୍ତି। କଟକ ଝାଞ୍ଜିରମଙ୍ଗଳା ଅଞ୍ଚଳରେ ୨ ଦିନ ଭିତରେ ୨ଟି ବାଇକ୍ ଚୋରି ହୋଇଥିଲା। ସେହିଭଳି ପାଲା ମଣ୍ଡପ ଅଞ୍ଚଳରେ ଚୋର ଗୋଟିଏ ବାଇକ୍ ଚୋରି କରିବାକୁ ଚେଷ୍ଟା କରୁଥିବା ବେଳେ ସଫଳ ନହେବାରୁ ସେଠାରୁ ଫେରାର ହୋଇଯାଇଥିବାର ଭିଡିଓ ମଧ୍ୟ ସିସି କ୍ୟାମେରାରେ କଏଦ ହୋଇଥିଲା। ଏହି ଚୋରି ଘଟଣା ଏବେ ସହରର ଜନସାଧାରଣଙ୍କ ମଧ୍ୟରେ ଆତଙ୍କର କାରଣ ହୋଇଛି।

ଗାଡ଼ି ଚୋରିର ଶିକାର ହୋଇଥିବା ପଞ୍ଚାନନ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପାଟ୍ରୋଲିଂ ଠିକ୍ ଭାବେ କରାଯାଉ ନାହିଁ। ଏବେ ସହରରେ ଗାଡ଼ି ଚୋରି ଗ୍ୟାଙ୍ଗ୍ ମାତିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ପୁଲିସ ନାଇଟ୍ ପାଟ୍ରୋଲିଂକୁ କଡ଼ାକଡ଼ି କଲେ, ଚୋରି ଆଦୌ ହୁଅନ୍ତା ନାହିଁ ବୋଲି ସେ କହିଛନ୍ତି। ସେହିପରି ଅଭିଯୋଗକାରୀ ରାଜେଶ୍ ରାଜ୍ କହିଛନ୍ତି, ନିର୍ଦ୍ଦିଷ୍ଟ ଏକ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏହି ଚୋରି କରୁଛନ୍ତି। ସେମାନେ ସହରର ବିଭିନ୍ନ ଅଞ୍ଚଳକୁ ଯାଇ ଦିନ ବେଳେ ରେକି କରୁଛନ୍ତି। ବିଳମ୍ବିତ ରାତିରେ ଆସି ଗାଡ଼ି ଚୋରି କରି ଫେରାର୍ ହୋଇ ଯାଉଛନ୍ତି। ପୁଲିସ ଏ ଦିଗରେ କଡ଼ା ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ସହରର ବିଭିନ୍ନ ଥାନାରେ ହୋଇଛି। ବିଭିନ୍ନ ସମୟରେ ପୁଲିସ ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ଗିରଫ କରୁଛି। ତଥାପି ବାଇକ୍ ଓ ସ୍କୁଟି ଚୋରିକୁ ରୋକି ହେଉନାହିଁ। ଏହି ବାଇକ୍ ଲୁଟ କରୁଥିବା ଅପରାଧୀମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣନୀତି ପୁଲିସ ପ୍ରସ୍ତୁତ କରୁଛି ବୋଲି ଅତିରିକ୍ତ ଡିସିପି ଶ୍ରୀ ମିଶ୍ର କହିଛନ୍ତି।

## ପ୍ରଫେସର ବିଷ୍ଣୁପ୍ରିୟା ଦେବୀଙ୍କ ପରଲୋକ



**ମୃତ୍ୟୁ ପୂର୍ବରୁ କରିଛନ୍ତି ଚକ୍ଷୁଦାନ ଚୁକ୍ତିନାମା**

**କଟକ, ୩।୩ (ସମିସ):** ବିଶିଷ୍ଟ ଚର୍ମରୋଗ ବିଶେଷଜ୍ଞ ତଥା ବିଶିଷ୍ଟ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀଙ୍କ ଧର୍ମପତ୍ନୀ ପ୍ରଫେସର ଡା. ବିଷ୍ଣୁପ୍ରିୟା ଦେବୀଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଛି। ରବିବାର ପୂର୍ବାହ୍ନରେ ନିମସାହିସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟ, ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ ପ୍ରଭାକର ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଡଃ ନିମାଇଁ ଚରଣ ପରିଜା, ଆଇନଜୀବୀ ବିଜୟ ରଗଡ଼, କଟକ ରୋଟାରୀ କ୍ଲବ୍‌ର ସଦସ୍ୟା ଡଃ ସୁଲୋଚନା ଦାସ, ଡଃ ତୋଫାନ ପତି, ପୁଷ୍ପା ସାମନ୍ତରାୟ ପ୍ରମୁଖ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ ମୁଖାଗ୍ନି ଦେଇଥିଲେ। ୨୦୦୦ ମସିହାରେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ନେବା ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚର୍ମରୋଗ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏକମାତ୍ର ଝିଅ ଅର୍ପିତା ଡ୍ରିମସ ମେଡିକାଲ କଲେଜରେ କାର୍ଯ୍ୟ କରୁଛନ୍ତି। ଜ୍ୱାଇଁ ସଞ୍ଜୟ ମହାପାତ୍ର ପୂର୍ବତଟ ରେଳବାଇର ଜଣେ ଉଚ୍ଚପଦସ୍ଥ ଅଧିକାରୀ। ପ୍ରକାଶଥାଉକି, ପୂର୍ବ ଚୁକ୍ତିନାମା ଅନୁଯାୟୀ ସ୍ୱର୍ଗତାଃ ବିଷ୍ଣୁପ୍ରିୟାଙ୍କ ଦୁଇଟି ଯାକ ଚକ୍ଷୁ ପଟଳ ଅସ୍ତ୍ରୋପଚାର ମାଧ୍ୟମରେ କଢ଼ାଯାଇ ଭୁବନେଶ୍ୱରର ଏକ ହସ୍ପିଟାଲକୁ ପଠାଯାଇଛି। ପରବର୍ତ୍ତୀ ସମୟରେ ଏହା କୌଣସି ଦୃଷ୍ଟିହୀନଙ୍କ ଚକ୍ଷୁରେ ରୋପଣ କରାଯିବ ବୋଲି ସୂଚନା ମିଳିଛି।

# ସଂପାଦକୀୟ

ମାଟିର ସେଇ ସରଗ ମୋର, ସେଇଠି ଅଛି ମୋ ଷଠୀ ଘର ।
ଜଳିବ ପୁଣି ସେଇଠି ଶେଷେ ମୋହର ଚିତା ନିଆଁଟି, ଛୋଟ ମୋର ଗାଁଆଟି ।
-ସଚ୍ଚି ରାଉତରାଏ



ସକାଳ
THE SAKALA

## 'କୃତ୍ରିମ ବୁଦ୍ଧିମତ୍ତା'ର ବିଷବଳୟକୁ ସାବଧାନ

# ସୂଚନା ବିଜ୍ଞାନ ଭସ୍ମାସୁର ନ ହେଉ

ବିଜ୍ଞାନ ଓ ବାସ୍ତବ ଜୀବନରେ ଏହାର ପ୍ରୟୋଗ, ଯାହାକୁ ଆମେ ପ୍ରଯୁକ୍ତି ବିଦ୍ୟା କହୁ, ତାହାର ପ୍ରଭାବରେ ଗତ ପ୍ରାୟ ଶହେବର୍ଷରେ ପୃଥିବୀରେ ଓ ମାନବ ସମାଜରେ ଯେଉଁ ବିକାଶ ଘଟିଛି, ତାହା ଯେ କଳ୍ପନାତୀତ ଥିଲା, ଏଥିରେ ଦ୍ୱିମତ ନାହିଁ। ବିଶେଷକରି, ବିଂଶଶତାବ୍ଦୀର ଶେଷ ଦଶକରୁ ଆଜି ପର୍ଯ୍ୟନ୍ତ ପୃଥିବୀରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଉଛି, ତାହା ଆହୁରି ରୋମାଞ୍ଚକାରୀ। ଭୂ-ରାଜନୀତି ସିନା ବିଶ୍ୱ ମାନବର ମାନସ ରାଜ୍ୟକୁ ଖଣ୍ଡ ବଖଣ୍ଡିତ କରୁଛି, କିନ୍ତୁ ସେପଟେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଭୌଗୋଳିକ ସଂରଚନାକୁ ପୁରାତନ କାହାଣୀ ଭାବେ ସିଦ୍ଧ କରିସାରିଲାଣି।

ବିଂଶ ଶତାବ୍ଦୀର ଚାଳିଶ ଦଶକରେ ଶ୍ରୀଲଙ୍କାର ଲୋକପ୍ରିୟ ବିଜ୍ଞାନ ଲେଖକ ସାର ଆର୍ଥର ସି କ୍ଲାର୍କ ଯେଉଁ କୃତ୍ରିମ ଉପଗ୍ରହର ସ୍ୱପ୍ନ ଦେଖିଥିଲେ, ଯାହାର ଆଧାରରେ 'ସ୍ପେସ୍ ଓଡିସି' ନାମରେ ନିର୍ମିତ ହଲିଉଡ୍ ଚଳଚ୍ଚିତ୍ର ପୃଥିବୀ ସାରା ଲୋକପ୍ରିୟ ହୋଇଥିଲା, ତାହା ଅଳ୍ପକେତେ ଦଶନ୍ଧି ଭିତରେ ସତ୍ୟରେ ପରିଣତ ହେଲା। ସତୁରୀ ଦଶକ ବେଳକୁ କୃତ୍ରିମ ଉପଗ୍ରହ, କମ୍ପ୍ୟୁଟର ଜ୍ଞାନକୌଶଳ, ଦୂର ସଞ୍ଚାର ପ୍ରଯୁକ୍ତି ବିଦ୍ୟା ଏବଂ ସୂଚନା ତଥା ମନୋରଞ୍ଜନର ଆଦାନପ୍ରଦାନର ଏକ ମହାସଂଗମ ସୃଷ୍ଟି ହେଲା ପୃଥିବୀର ବିତ୍ତଶାଳୀ ଦେଶମାନଙ୍କରେ। ଟେଲିଫୋନ୍ ଓ ବେତାର ଯୁଗର ସଞ୍ଚାର ପ୍ରଣାଳୀରୁ ଆରମ୍ଭ କରି ଆଜି ଆମେ ପହଞ୍ଚିଛେ ବିଶ୍ୱବ୍ୟାପୀ ଇଣ୍ଟରନେଟ୍ ସଂଯୋଗ ଓ ଉପଗ୍ରହ ମାଧ୍ୟମରେ ତତ୍କାଳ କଥାବାର୍ତ୍ତା, ଧ୍ୱନି ଓ ଦୃଶ୍ୟ ଆଦାନପ୍ରଦାନର ସ୍ମାର୍ଟଫୋନ୍ ଯୁଗରେ। ଏକବିଂଶ ଶତାବ୍ଦୀ ପ୍ରାରମ୍ଭ ବେଳକୁ ପୃଥିବୀ ସାରା ଆଇ.ଟି.ର ପ୍ରବର୍ତ୍ତନ ମାନବ ଜୀବନର ସର୍ବଶ୍ରେଷ୍ଠ ଉପଲବ୍ଧି ଭାବେ ଗଣା ହେଲା। ସମୟ ଓ ଦୂରତ୍ୱକୁ ଜିଣିବାର ଅଦମ୍ୟ ମାନବିକ ଆକାଂକ୍ଷା କଳ୍ପନାତୀତ ସଫଳତା ଆହରଣ କଲା। କମ୍ପ୍ୟୁଟର ସଫ୍ଟୱେର ନିର୍ମାଣ ଓ ଉଦ୍‌ଭାବନରେ ଭାରତର ପ୍ରଶିକ୍ଷିତ ଇଞ୍ଜିନିୟର ଯୁବଗୋଷ୍ଠୀ ବିଶ୍ୱରେ ସର୍ବୋତ୍ତମ ବୋଲି ପରିଚୟ ପାଇଲେ। ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଭାରତୀୟ ସୂଚନା ବିଜ୍ଞାନୀ ସୁନାମ ଅର୍ଜନରେ ଶୀର୍ଷସ୍ଥାନରେ ପହଞ୍ଚିଲେ।

କଥାରେ ଅଛି, ଚନ୍ଦ୍ରର ଗୋଟିଏ ପଟ ଆଲୋକ ଓ ଅନ୍ୟପଟ ଅନ୍ଧକାର। ସେହିଭଳି ଆଧୁନିକ ବିଜ୍ଞାନର ଜୟଯାତ୍ରାରେ ସମୁଦ୍ରମନ୍ଥନରୁ ଅମୃତ ମିଳିଲା ପରି ସଫଳତା ମିଳିଥିଲେ ହେଁ ଅନେକଟା ହଳାହଳ ମଧ୍ୟ ଦେଖିବାକୁ ମିଳୁଛି। ଅଧୁନା ରୁଷ-ୟୁକ୍ରେନ୍ ଓ ଇସ୍ରାଏଲ୍-ଗାଜା ଯୁଦ୍ଧରେ ବିଜ୍ଞାନର ବିଧ୍ୱଂସକାରୀ ପ୍ରଭାବ କେତେକାଂଶରେ ଦେଖିବାକୁ ମିଳୁଛି। ହିରୋସୀମା, ନାଗାସାକି କଥା ତ ଆମେ ସମସ୍ତେ ଜାଣିଛେ। ଦୂରସଞ୍ଚାର ବିଜ୍ଞାନରେ ମଧ୍ୟ ମୋବାଇଲ୍ ଓ ସ୍ମାର୍ଟଫୋନ୍ ତଥା ବ୍ୟାପକ ଇଣ୍ଟରନେଟ୍ ସଂଯୋଗର ଅପବ୍ୟବହାର ବିଶ୍ୱର ଚାରିଆଡ଼େ ମୁଣ୍ଡବଥାର କାରଣ ପାଲଟିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କିପରି ଧୀରେ ଧୀରେ ଭସ୍ମାସୁରର ରୂପ ନେବାକୁ ଆରମ୍ଭ କରିଛି, ତାହା ଆମେ ସମସ୍ତେ ଅଙ୍ଗେ ନିଭାଉଛେ। ସାଇବର ଅପରାଧ ଆଉ କାହାଣୀ ହୋଇ ରହିନାହିଁ। ଆମ ଦେଶରେ ବିହାରର ଜାମ୍‌ତାରା ଅଞ୍ଚଳ ଏ ବିଷୟରେ ବହୁ କୁଖ୍ୟାତି ଅର୍ଜନ କରିସାରିଛି। ବିଶ୍ୱର କୋଣେ ଅନୁକୋଣେ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଖାତାରୁ ଚୋରି ହୋଇଚାଲିଛି, ବିଭିନ୍ନ ଦେଶର ପ୍ରତିରକ୍ଷା ତଥା ବିଶାଳ ପ୍ରଶାସନିକ ପ୍ରକ୍ରିୟା ବିଦେଶୀ ହ୍ୟାକରମାନଙ୍କ ଦ୍ୱାରା ଅନାୟାସରେ କବଳିତ ହୋଇଯାଉଛି, ସେ ସମ୍ବାଦ ଦେହସୁହା ହୋଇଗଲାଣି। ମୋବାଇଲ୍ ଫୋନ୍‌ରେ ଅଜଣା ନମ୍ବର ଆସିବା ମାତ୍ରେ ଆମେ ଭୟଭୀତ ହେଉଛେ। ପ୍ରାୟ ସମସ୍ତେ ହ୍ୱାଟ୍‌ସଆପ୍ ଓ ଟ୍ୱିଟର (ଏବେ ଏକ୍ସ) ଭଳି ମଞ୍ଚରେ ଭଳିକି ଭଳି ପ୍ରଲୋଭନର ବାର୍ତ୍ତା ପ୍ରତିଦିନ ପାଉଛେ। କେତେବେଳେ ଆମ ବନ୍ଧୁ ଓ ଆତ୍ମୀୟଙ୍କ ନାଁରେ ଆପତ୍‌କାଳୀନ ବାର୍ତ୍ତା ଆସୁଛି ଯେ ବିଦେଶରେ ଥାଇ ତାଙ୍କର ସବୁ ଟଙ୍କା ପଇସା ଓ ପାସପୋର୍ଟ ଆଦି ଚୋରି ହୋଇଯାଇଛି। ତାଙ୍କୁ ତତ୍କାଳ କେତେହଜାର ଡଲାର ଗୋଟିଏ ନିର୍ଦ୍ଦିଷ୍ଟ ଟେଲିଫୋନ୍ ଓ ଆକାଉଣ୍ଟ ଜରିଆରେ ପଠାଯାଉ। ଆଉ କେତେବେଳେ ବାର୍ତ୍ତା ଆସୁଛି ଯେ ତୁମର ପାଞ୍ଚ ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ ମଞ୍ଜୁର ହୋଇସାରିଛି ଏବଂ ନିମ୍ନପ୍ରଦତ୍ତ ଇମେଲ୍ ଲିଙ୍କ୍‌ରେ ଯୋଗାଯୋଗ କରି ବିନା ବନ୍ଧକରେ ଋଣ ନେଇ ଯାଆନ୍ତୁ। ନିରୀହ ଜନସାଧାରଣ ଓ ବିଶେଷକରି ଅନଭିଜ୍ଞ ଯୁବଗୋଷ୍ଠୀ ଏଭଳି ପ୍ରଲୋଭନର ଶିକାର ହେଉଛନ୍ତି ଏବଂ ଏଥିରେ ଅର୍ଥହାନି ଓ ବେଳେ ବେଳେ ଜୀବନହାନି ମଧ୍ୟ ଘଟୁଛି। ଏହା ବିଜ୍ଞାନର ଆଶୀର୍ବାଦ ନା ଅଭିଶାପ?

ଗତବର୍ଷଠାରୁ ଦୂରସଞ୍ଚାର ଓ ଇଣ୍ଟରନେଟ୍ ସେବା ଜଗତରେ ବିଜ୍ଞାନର ଆଉ ଏକ ଚମତ୍କାର ଧୂମକେତୁ ଭଳି ଆବିର୍ଭାବ ହୋଇଛି। ତାହା ହେଲା, କୃତ୍ରିମ ବୁଦ୍ଧିମତ୍ତା(ଏଆଇ)। 'ଓପନ୍ ଏଆଇ' ନାମକ ସଂସ୍ଥା ଦ୍ୱାରା ଏହି ମ୍ୟାଜିକ୍ ବୁଦ୍ଧିମତ୍ତା କୌଶଳ ଏକ ପ୍ରଚଣ୍ଡ ବୁଦ୍ଧିମାନ ବ୍ୟକ୍ତିଭଳି ତଥ୍ୟ, ସୂଚନା ଓ ଭାଷାର ସଂକଳନ ଓ ପ୍ରୟୋଗ କ୍ଷମତା ଧାରଣ କରି ଆମର ପ୍ରାୟ ସବୁ ପ୍ରଶ୍ନର ଉତ୍ତର ଦେଇପାରୁଛି। ଏହାର ଦେଖାଦେଖି ଗୁଗୁଲ୍, ମାଇକ୍ରୋସଫ୍ଟ ଆଦି ପୃଥିବୀର ପ୍ରାୟ ସବୁ ବଡ଼ ବଡ଼ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ଭିତ୍ତିକ କମ୍ପାନୀମାନେ ନିଜ ନିଜର କୃତ୍ରିମ ବୁଦ୍ଧିମତ୍ତା ଶକ୍ତି ପ୍ରଦର୍ଶନ ଆରମ୍ଭ କଲେଣି। ସହଜରେ ତ ଇଣ୍ଟରନେଟ୍ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ଆଇନକାନୁନର ଊର୍ଦ୍ଧ୍ୱରେ କାର୍ଯ୍ୟ କରେ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ପରେ ସୂଚନା ବିଜ୍ଞାନର ମହାରାକ୍ଷସ ପ୍ରକୃତି ଆହୁରି ସ୍ପଷ୍ଟ ହେବାରେ ଲାଗିଛି। କୌଣସି ଦେଶର ଅର୍ଥନୀତି, ରାଜନୀତି, ସଂସ୍କୃତି ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଆଦିରେ ଏଭଳି ବିଷବଳୟ ବିସ୍ତାର କଲାଣି ଯେ ମଣିଷର ମସ୍ତିଷ୍କ ଓ ଜ୍ଞାନ ପ୍ରକରଣକୁ ସମ୍ପ୍ରତି ଏହି କୃତ୍ରିମ ବୁଦ୍ଧିମତ୍ତାର ବନ୍ୟା ପ୍ଳାବିତ କରୁଛି। ଏହି ଜ୍ଞାନକୌଶଳରେ ନିର୍ମିତ ଭିଡିଓ ଚିତ୍ର ଐତିହାସିକ ତଥ୍ୟକୁ ବିକୃତ କରି ପ୍ରସାର କରିପାରୁଛି ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ବିଭିନ୍ନ ଦେଶର ନେତାମାନଙ୍କର ମିଛିମିଛିକା ଭିଡିଓ ଚିତ୍ର ସୃଷ୍ଟି କରି ବ୍ୟାପକ ଅରାଜକତା ସୃଷ୍ଟି କରିପାରୁଛି। ଆମ ଦେଶରେ ଆଗକୁ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏ ସମୟରେ ଇଣ୍ଟରନେଟ୍‌ରେ କାର୍ଯ୍ୟ କରୁଥିବା ବିଭିନ୍ନ ସାମାଜିକ ମଞ୍ଚ ଯଦି ମିଥ୍ୟା ସୂଚନା ଓ ଭ୍ରମାତ୍ମକ ଦୃଶ୍ୟଚିତ୍ର ଆଦି ବ୍ୟବହାର କରିବେ ତେବେ ଆମ ଗଣତନ୍ତ୍ର ଓ ନିର୍ବାଚନ ପ୍ରକ୍ରିୟା କେତେ ଅସୁରକ୍ଷିତ ତାହା ଆମେ କଳନା କରିପାରିବା। ଅବଶ୍ୟ ସୁଖର କଥା ଯେ ଭାରତ ସରକାର ଏହି ବିପଦ ପ୍ରତି ସଜାଗ ଅଛନ୍ତି ଏବଂ ସମସ୍ତ ଡିଜିଟାଲ୍ ମଞ୍ଚଗୁଡ଼ିକୁ ଭ୍ରମାତ୍ମକ ଅପପ୍ରଚାର ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ କ୍ଷେତ୍ରରେ ବଡ଼ ବଡ଼ ଅନ୍ତଃରାଷ୍ଟ୍ରୀୟ କମ୍ପାନୀଙ୍କ ସହ ଗମ୍ଭୀର ଆଲୋଚନା ମଧ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ କେବଳ ସରକାର ନୁହେଁ, ଆମ ଦେଶର ପ୍ରତ୍ୟେକ ନାଗରିକ ଓ ଇଣ୍ଟରନେଟ୍ ଉପଭୋକ୍ତା ଏହାର କ୍ଷତିକାରକ ଦିଗ ସମ୍ବନ୍ଧରେ ସଚେତନ ହେଲେ ବ୍ୟକ୍ତିସ୍ତରରେ ଓ ସାମୂହିକ ସ୍ତରରେ ଆମେ ସୁରକ୍ଷିତ ରହିପାରିବା।

## ପରୀକ୍ଷା ପଦ୍ଧତିରେ ନୂତନ ପ୍ରୟୋଗ

# ପରୀକ୍ଷାର୍ଥୀଙ୍କୁ ବହି ଦେଖା ଅନୁମତି



ଡ. ମନୋରଞ୍ଜନ ପ୍ରଧାନ
ଜୟପୁର, ମୋ: ୯୪୩୭ ୯୧୪୮ ୧୮

କିଛିଦିନ ପୂର୍ବେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପରୀକ୍ଷାମୂଳକ ଭାବରେ 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ଚଳିତ ବର୍ଷ ନଭେମ୍ବର ମାସରୁ ଆରମ୍ଭ କରିବା ପାଇଁ ଘୋଷଣା କରିଛି। ଏହି ପରୀକ୍ଷା ପ୍ରଥମେ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଇଂରାଜୀ, ଗଣିତ ଓ ଜୀବବିଜ୍ଞାନରେ ଦେଶର କେତୋଟି ବଛା ବଛା ବିଦ୍ୟାଳୟରେ ପରୀକ୍ଷାମୂଳକ ଭାବରେ କାର୍ଯ୍ୟକାରୀ କରାଯିବ। ଏହି ଘୋଷଣା ପରେ ସାରା ଦେଶରେ ଜନତା, ବିଦ୍ୟାର୍ଥୀ, ଅଭିଭାବକଙ୍କଠାରୁ ଶିକ୍ଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ତଥା ସବୁବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଉତ୍କଣ୍ଠା ସୃଷ୍ଟି ହେବା ସହ ତର୍କବିତର୍କ ଆରମ୍ଭ ହୋଇଛି।

ଆମେ ଯେଉଁଭଳି ପରୀକ୍ଷା ବ୍ୟବସ୍ଥା ସହ ଅଭ୍ୟସ୍ତ ତାହା ନିଶ୍ଚିତ ଭାବେ ଅନମନୀୟ, କଠୋର ଓ ସମ୍ପୂର୍ଣ୍ଣ ବିଧିବିଧାନ ଭିତରେ ହୋଇଥାଏ। ବର୍ଷ ପ୍ରାରମ୍ଭରୁ ପ୍ରସ୍ତୁତି, ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ଓ ମୂଲ୍ୟାଙ୍କନ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା। ସେପଟେ ଶିକ୍ଷାର୍ଥୀ, ବାପାମାଆ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ବା ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ପରୀକ୍ଷା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ; କାରଣ ଏହାର ଫଳ ପରୀକ୍ଷାର୍ଥୀକୁ ସୁନାମ ସହ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଥ ଉନ୍ମୋଚନ କରେ। ପିଲାଙ୍କ ସଫଳତାରେ ପିତାମାତା ଗୌରବାନ୍ୱିତ ହୁଅନ୍ତି, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ତପସ୍ୟା ମଧ୍ୟ ସଫଳ ହୁଏ। ତେଣୁ ଅଧୁନା ପରୀକ୍ଷା ବ୍ୟବସ୍ଥାରେ ଥିବା ସମ୍ବେଦନଶୀଳତା ଓ ଫଳାଫଳକୁ ନେଇ ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ପ୍ରତିଯୋଗିତା ଆରମ୍ଭ ହୋଇଯାଏ। ଏଭଳି ପରିବେଶ ଓ ପରିସ୍ଥିତିରେ ଆଲୋଚ୍ୟ ପରୀକ୍ଷା ବ୍ୟବସ୍ଥା ସବୁ ମହଲରେ ନିଶ୍ଚିତ ଭାବେ ଏକ ଆଲୋଡ଼ନ ସୃଷ୍ଟି କଲା ଭଳି ବିଷୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' କ'ଣ, ଏହାର ପୃଷ୍ଠଭୂମି, କେଉଁ ଦେଶମାନଙ୍କରେ ଏହା ପ୍ରଚଳିତ ଏବଂ ଏହାର ଭଲ ଓ ଖରାପ ଦିଗ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କରିବା।

'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ଏପରି ଏକ ବ୍ୟବସ୍ଥା, ଯେଉଁଠି ପରୀକ୍ଷାର୍ଥୀମାନେ ପାଠ୍ୟପୁସ୍ତକ, ସ୍ୱପ୍ରସ୍ତୁତ ଲିଖିତ ପାଠ୍ୟ ସାମଗ୍ରୀ ତଥା ଅନ୍ୟାନ୍ୟ ଶିକ୍ଷଣ ସମ୍ବଳ ପରୀକ୍ଷା କେନ୍ଦ୍ରକୁ ନେଇ ପାରିବେ ଏବଂ ପ୍ରଶ୍ନପତ୍ର ପାଇବା ପରେ ଉତ୍ତରଗୁଡ଼ିକ ଖୋଜି, ପଢ଼ି, ବୁଝି ଓ ଦେଖି ଲେଖିପାରିବେ। ଅର୍ଥାତ ପାଠ୍ୟପୁସ୍ତକଗୁଡ଼ିକ ପରୀକ୍ଷାରେ ଶିକ୍ଷାର୍ଥୀଙ୍କୁ ସହାୟକ ସାମଗ୍ରୀ ଭଳି ସହାୟତା ଯୋଗାଇ ଦେବ। ଏଭଳି ପରୀକ୍ଷା ବ୍ୟବସ୍ଥା ଅନେକ ବର୍ଷ ପୂର୍ବେ ସୃଷ୍ଟି ଏବଂ ଏଭଳି ବ୍ୟବସ୍ଥା ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷାର୍ଥୀଙ୍କ ଉପଲବ୍ଧିକୁ ମୂଲ୍ୟାୟନ ପାଇଁ ବ୍ୟବହୃତ ହେଉଛି। ଏହି ବ୍ୟବସ୍ଥାର ପୃଷ୍ଠଭୂମି ବା ପୃଷ୍ଠପୋଷକ ସମ୍ବନ୍ଧରେ ପ୍ରତ୍ୟକ୍ଷ ଭାବରେ କୌଣସି ଜଣେ ଶିକ୍ଷାବିତ୍ ବା ଦେଶର ବ୍ୟବସ୍ଥାକୁ ଶ୍ରେୟ ଦେବା କାଠିକର ପାଠ। କିନ୍ତୁ ଅନେକ ଦାର୍ଶନିକ, ଶିକ୍ଷାବିତ୍ ଓ ମନସ୍ତତ୍ତ୍ୱ ବିଜ୍ଞାନୀ ଏଭଳି ବ୍ୟବସ୍ଥା ସମ୍ବନ୍ଧରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମତବ୍ୟକ୍ତ କରୁଛନ୍ତି।

କୁହାଯାଏ ମୁକ୍ତ ବା 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ବ୍ୟବସ୍ଥାର ଜନ୍ମ ପ୍ରଗତିଶୀଳ ଶିକ୍ଷା ଆନ୍ଦୋଳନରୁ ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗ ବୋଲି ଅନେକଙ୍କ ମତ। ଆମେରିକୀୟ ଶିକ୍ଷାବିତ୍ ଜନ୍ ଡୁଇଙ୍କ ଅନୁଭୂତିଭିତ୍ତିକ ଶିକ୍ଷା ଓ ସମସ୍ୟା ସମାଧାନ ଆଧାରିତ ଶିକ୍ଷଣ ଉପରେ ଏହା ପର୍ଯ୍ୟବସିତ। ଘୋଷାବିଦ୍ୟା ସମାପ୍ତ କରି ଅବଧାରଣାଗତ ବୋଧଗମ୍ୟତା ଓ ପ୍ରୟୋଗାତ୍ମକ ଶିକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିବା 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ବ୍ୟବସ୍ଥାର ଅଙ୍କୁରାରୋପଣ ବୋଲି କୁହାଯାଏ। ଏହାସହ ବେଞ୍ଜାମିନ୍ ଏସ୍ ବ୍ଲୁମ୍‌ଙ୍କ ଟୋକ୍ସୋନୋମି(୧୯୫୬), ୧୯୭୦-୮୦ ଦଶକର ଦକ୍ଷତାଭିତ୍ତିକ ଶିକ୍ଷା ବ୍ୟବସ୍ଥା, ଅଧୁନା ଶିକ୍ଷାବିତ୍‌ମାନଙ୍କର ସଂରଚନାବାଦୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ମତ ମଧ୍ୟ 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' କାର୍ଯ୍ୟକାରୀ କରିବା ପାଇଁ ଅବକାଶ ସୃଷ୍ଟି କରିଛି। ସୁତରାଂ ବିଶିଷ୍ଟ ଶିକ୍ଷା ଦାର୍ଶନିକ ଜନ୍ ଡୁଇ, ଅନ୍ୱେଷଣ ଓ ସୃଜନଶୀଳ ଚିନ୍ତନ, ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇଥିବା ଆଲବର୍ଟ ଆଇନଷ୍ଟାଇନ, କେନ୍ ରବିନସନ୍, ମେରିଆ ମଣ୍ଟେସୋରୀ, ହାୱାର୍ଡ ଗାର୍ଡେନର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ କୃତି ଓ କଥା ଏଭଳି ପରୀକ୍ଷା ବ୍ୟବସ୍ଥାର ପୃଷ୍ଠଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରିକି ଭାରତବର୍ଷର ମହାନ୍ ଗୁରୁ, ଯଶସ୍ୱୀ ଅର୍ଥଶାସ୍ତ୍ରୀ ଆଚାର୍ଯ୍ୟ ଚାଣକ୍ୟ ସେତେବେଳେ ଯେଉଁ ପରୀକ୍ଷା ବ୍ୟବସ୍ଥା କଥା ଉଲ୍ଲେଖ କରିଥିଲେ, ତାହା ଏଭଳି ବ୍ୟବସ୍ଥାର ସଙ୍କେତ ବୋଲି କୁହାଯାଇପାରେ। ବୈଦିକ ବା ପରବର୍ତ୍ତୀ ସମୟରେ ବିଭିନ୍ନ ଶାସ୍ତ୍ର ପୁରାଣରେ ଲିଖିତ ତତ୍ତ୍ୱ ବା ପ୍ରସଙ୍ଗକୁ ପୁସ୍ତକ ଦେଖି ବ୍ୟାଖ୍ୟା କରିବାର ଯେଉଁ ପ୍ରତିଯୋଗିତା, ପଣ୍ଡିତ ସଭାର ଆୟୋଜନ ଆଦି ଆଜିର ଏହି 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ବ୍ୟବସ୍ଥାର ନିର୍ଭରଯୋଗ୍ୟ ସଙ୍କେତ କହିଲେ ଭୁଲ୍ ହେବନାହିଁ।

ଉପରୋକ୍ତ ପରୀକ୍ଷା ବ୍ୟବସ୍ଥା ବିଶ୍ୱର ବିଭିନ୍ନ ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, କାନାଡ଼ା, ନେଦରଲ୍ୟାଣ୍ଡ, ନିଉଜିଲ୍ୟାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଆଦି ଦେଶରେ ଉଣାଅଧିକେ ବହୁପୂର୍ବରୁ ପ୍ରଚଳିତ। ଏଭଳି ବ୍ୟବସ୍ଥା ଆଇନ୍, ବ୍ୟବସାୟ ଓ ପ୍ରବନ୍ଧନ, ଯାନ୍ତ୍ରିକ ଶିକ୍ଷା, ଭେଷଜ ବିଜ୍ଞାନ ଆଦି ପାଠ୍ୟକ୍ରମ ମୂଲ୍ୟାଙ୍କନ ପାଇଁ ସାଧାରଣତଃ ବ୍ୟବହୃତ ହୋଇଥାଏ। ଭାରତରେ ମଧ୍ୟ ଆଇନ ଶିକ୍ଷା, ପ୍ରବନ୍ଧନ ପାଠ୍ୟକ୍ରମ ଓ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମରେ ଉପଲବ୍ଧି ପରୀକ୍ଷା ପାଇଁ ଏହି ପଦ୍ଧତି ବ୍ୟବହାର କରାଯାଇଥାଏ। ଏପରିକି ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ନ୍ୟସ୍ତ କାର୍ଯ୍ୟ(ଆସାଇନମେଣ୍ଟ ବା ଇଣ୍ଟରନାଲ) ମୂଲ୍ୟାଙ୍କନ ଆମ ଦେଶରେ ସବୁସ୍ତରରେ ହେଉଛି। କରୋନା ମହାମାରୀ ସମୟରେ ଏଭଳି ବ୍ୟବସ୍ଥାରେ ହିଁ ବିଶ୍ୱବିଦ୍ୟାଳୟସ୍ତରୀୟ ପରୀକ୍ଷାମାନ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ଆଲୋଚନା କରିବା ଏଭଳି ବ୍ୟବସ୍ଥାର ଭଲ ଓ ଭେଲ ସମ୍ବନ୍ଧରେ।

ସଂକ୍ଷେପରେ କହିଲେ, 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ବ୍ୟବସ୍ଥା ପରୀକ୍ଷାର୍ଥୀମାନଙ୍କ ମାନସିକ ଚାପ ହ୍ରାସ କରିବ, ଘୋଷାବିଦ୍ୟା ପରିହାର କରି ଅବଧାରଣାଗୁଡ଼ିକର ବୋଧଗମ୍ୟତା ଓ ଉପଯୋଗିତା ଶିକ୍ଷଣ ପାଇଁ ପ୍ରେରିତ କରିବ, ତଥ୍ୟ ପରିବର୍ତ୍ତେ ଦକ୍ଷତା ବୃଦ୍ଧି ନିମନ୍ତେ ସହାୟକ ହେବ। ସୃଜନଶୀଳ ଚିନ୍ତନ ଓ ଗଭୀର ବିଶ୍ଳେଷଣ ପାଇଁ ପ୍ରେରିତ କରିବ। ଯେହେତୁ ଶିକ୍ଷାର୍ଥୀ କେଉଁ ପ୍ରଶ୍ନ ପରୀକ୍ଷାରେ ଆସିବ ଜାଣିନଥିବ, ତେଣୁ ସମ୍ପୂର୍ଣ୍ଣ ପୁସ୍ତକରେ କ'ଣ ବିଷୟବସ୍ତୁ ଅଛି ସେଗୁଡ଼ିକ ଜାଣି ନଥିଲେ ବୁଝି ନ ଥିଲେ ସେ ଉତ୍ତର ଦେଇପାରିବ ନାହିଁ। ତେଣୁ ସମ୍ପୂର୍ଣ୍ଣ ବହିକୁ ପଢ଼ିବା ସହ ତଥ୍ୟଗତ ବୋଧଗମ୍ୟତା ଓ ପ୍ରୟୋଗାତ୍ମକ ଦିଗ ସମ୍ବନ୍ଧରେ ବ୍ୟାପକ ପ୍ରସ୍ତୁତି ଆବଶ୍ୟକ। ଏଥିସହିତ ସ୍ୱାଧ୍ୟାୟ ଓ ସ୍ୱଶିକ୍ଷଣ ପାଇଁ ଏହି ବ୍ୟବସ୍ଥା ପ୍ରେରିତ କରିବ। ଏହାଦ୍ୱାରା ପରୀକ୍ଷା ଜନିତ ଚାପ ଓ ତଦ୍‌ଜନିତ ଆତ୍ମହତ୍ୟା ଭଳି ଭୟଙ୍କର ବ୍ୟାଧିରୁ ଆଶ୍ୱସ୍ତି ମିଳିବାର ସମ୍ଭାବନା ଅଛି। ଏ ବ୍ୟବସ୍ଥା କୋଚିଂ ବ୍ୟାଧିଠାରୁ ମଧ୍ୟ ମୁକ୍ତି ଦେବ ବୋଲି ମୋର ବ୍ୟକ୍ତିଗତ ମତ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀ ଓ ପରୀକ୍ଷକ ମଧ୍ୟରେ ହେଉଥିବା ଚୋରପୁଲିସ ଖେଳର ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ମଧ୍ୟ ଏଥିରେ ଅଛି।

ଅପରପକ୍ଷରେ ଏହା ସମାଲୋଚନା ବା ଦୋଷମୁକ୍ତ ନୁହେଁ। ଏଭଳି ବ୍ୟବସ୍ଥା ପ୍ରଚଳନରେ ଅନେକ ଆହ୍ୱାନ ରହିଛି। ଆମେ ଯେଉଁଭଳି ବ୍ୟବସ୍ଥାରେ ଅଛନ୍ତି ଏବଂ ପରୀକ୍ଷାକୁ ଯେଉଁଭଳି ଭାବରେ ଗ୍ରହଣ କରିଛନ୍ତି, ସେଥିରେ 'ପରୀକ୍ଷାରେ ବହି ଦେଖି ଲେଖିବା ଅନୁମତି' ବ୍ୟବସ୍ଥା, ବିଶେଷକରି ବିଦ୍ୟାଳୟସ୍ତରରେ, ପ୍ରଚଳନ କଲେ ତାହା ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କ ମାନସିକତା ଉପରେ ତତ୍କାଳ ପ୍ରଭାବ ପଡ଼ିବ। ପରୀକ୍ଷାରେ ନକଲ ବା ସାମାନ୍ୟ ଆଇନଗତ ବିଚ୍ୟୁତିକୁ ଗର୍ହିତ ଅପରାଧ ମନେ କରିବା ଏବଂ ଏଭଳି ଦୁର୍ଘଟଣା ପାଇଁ ସାମାଜିକ ସମାଲୋଚନା ଓ ତୀର୍ଯକ ଆକ୍ଷେପ ଭୟରେ ଆତ୍ମହତ୍ୟା ଭଳି କଠୋର ଓ କଠିନ ପଦକ୍ଷେପ ନେଉଥିବା ଛାତ୍ରଛାତ୍ରୀ ଏହାକୁ କିଭଳି ଗ୍ରହଣ କରିବେ ଦେଖିବାକୁ ପଡ଼ିବ। ପରୀକ୍ଷାର୍ଥୀ ଏହି ବ୍ୟବସ୍ଥାରେ ଏକପ୍ରକାର ଖୁସି ହୋଇ ପଢ଼ାପଢ଼ି ଛାଡ଼ିଦେବାର ଅନେକ ସମ୍ଭାବନା ଅଛି। ଯେମିତି ଅଷ୍ଟମ ଶ୍ରେଣୀ ଯାଏଁ ସମସ୍ତଙ୍କୁ ପାସ୍ କରିବାର ବ୍ୟବସ୍ଥା ଦ୍ୱାରା ଅଷ୍ଟମ ପାସ୍ ପରେ ମଧ୍ୟ ପିଲାଟିଏ ନିଜ ନାମ ଲେଖି ପାରୁନି କି ନିଜ ମାତୃଭାଷାରେ ବହି ପଢ଼ିପାରୁନି। ଅପରପକ୍ଷରେ ପରୀକ୍ଷାରେ ସମୟର କଟକଣା ରହିଥିବାରୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ପୁସ୍ତକ ଖୋଜି, ପଢ଼ି, ବୁଝି ଉତ୍ତର ଲେଖିବା ସହଜ ହେବନାହିଁ। ଯଦି ପ୍ରଶ୍ନପତ୍ର ଜ୍ଞାନଆଧାରିତ ବା ତଥ୍ୟ ସମ୍ବଳିତ ହୁଏ, ହୁଏତ ସହଜ ଓ ସରଳ ହୋଇପାରେ। କିନ୍ତୁ ଦକ୍ଷତାଭିତ୍ତିକ, ବୋଧଗମ୍ୟତା ଆଧାରିତ ଓ ପ୍ରୟୋଗାତ୍ମକ ହେଲେ ଏ ପରୀକ୍ଷା ବ୍ୟବସ୍ଥା ପିଲାଙ୍କୁ ଚାପଗ୍ରସ୍ତ କରିବ। ଯଦି କେବଳ ସ୍ମୃତି ଆଧାରିତ ହେବ, ତେବେ ପିଲାମାନେ ପରୀକ୍ଷାରେ ଆଜି ଭଳି ନମ୍ବର ରଖି ସଫଳ ହେବେ, କିନ୍ତୁ ଜୀବନରେ ବିଫଳ ହୋଇଯିବେ। ତେଣୁ ବିଦ୍ୟାଳୟସ୍ତରରେ ଏଭଳି ବ୍ୟବସ୍ଥା ପାଇଁ ପ୍ରଶ୍ନପତ୍ର ତିଆରି କରିବା ଏକ ବଡ଼ ଆହ୍ୱାନ ହେବ ନିଶ୍ଚୟ। ସେହିଭଳି ଖୋଲା ପୁସ୍ତକ ପରୀକ୍ଷା ବ୍ୟବସ୍ଥା ଆଧାରିତ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ଭଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକ ପଡ଼ିବ। ଯେମିତି ସେମିତି ପ୍ରଶ୍ନପତ୍ର କରିଦେଲେ ଦୁଇଟି ସମସ୍ୟା ହେବ। ପ୍ରଥମତଃ, ଯଦି କେବଳ ପିଲାଙ୍କ ମନେରଖିବା ଭଳି ପ୍ରଶ୍ନ କରାଯାଏ, ପିଲା ସିଧାସଳଖ ପୁସ୍ତକରୁ ନକଲ କରି ଲେଖିବେ ଏବଂ ଦ୍ୱିତୀୟରେ ଯଦି ପ୍ରଶ୍ନ ପତ୍ର ପ୍ରବନ୍ଧମୂଳକ ହେବ ଏବଂ ତାହା କୌଣସି ତାର୍କିକ ଦିଗକୁ ଗୁରୁତ୍ୱ ଦେବ ନାହିଁ, ତେବେ ମଧ୍ୟ ନକଲର ଜନ୍ମଦାତା ହୋଇପାରେ। ଯଦିଓ ଏଭଳି ବ୍ୟବସ୍ଥା ଆମ ଶିକ୍ଷାର୍ଥୀମାନଙ୍କୁ କୁଶଳୀ ଓ ଦକ୍ଷତାସମ୍ପନ୍ନ କରିବାକୁ ଉଦ୍ଦିଷ୍ଟ ହୋଇପାରେ, ତଥାପି ପ୍ରୟୋଗାତ୍ମକ ବିଜ୍ଞାନ, ଆଇନ୍ ଶାସ୍ତ୍ର ଭଳି ବିଷୟବସ୍ତୁଗୁଡ଼ିକ ପାଇଁ ବରଦାନ ହେବ। କିନ୍ତୁ ସାମାଜିକ ବିଜ୍ଞାନ ତଥା ମାନବୀୟ ପାଠ୍ୟକ୍ରମ ପାଇଁ ଏହା କେତେଦୂର ପ୍ରୟୋଜନୀୟ ଓ ଉପାଦେୟ ହେବ ତାହା ସନ୍ଦେହ ସୃଷ୍ଟି କରେ। ଉଚ୍ଚ ଶିକ୍ଷା ସ୍ତରରେ ଏଭଳି ବ୍ୟବସ୍ଥା ସୁଗମ ଓ ସମୃଦ୍ଧ ହୋଇପାରେ। କିନ୍ତୁ ବିଦ୍ୟାଳୟ ଶିକ୍ଷାସ୍ତରରେ ଆମ ଭବିଷ୍ୟତ ପିଢ଼ିକୁ କିଭଳି ଦକ୍ଷତାସମ୍ପନ୍ନ ଓ ସମ୍ପୂର୍ଣ୍ଣ କରିବ ଦେଖିବାର କଥା। ତଥାପି ଭାରତର ସର୍ବବୃହତ ଶିକ୍ଷା ପରିଷଦ ଏକଥା ଘୋଷଣା କରିବା ଦେଶର ପ୍ରଖ୍ୟାତ ଶିକ୍ଷାବିତ୍‌ମାନଙ୍କର ନିଷ୍ପତ୍ତି ନିଶ୍ଚୟ। ଏଭଳି ବ୍ୟବସ୍ଥାର ସୁଦୂରପ୍ରସାରୀ ପ୍ରଭାବ ବିକଶିତ ତଥା ଆତ୍ମନିର୍ଭର ଭାରତ ଗଠନର ମୂଳଦୁଆ ସ୍ଥାପନା କରୁ। ଏତିକି କାମନା।

# 'ଗାଁ ମାଟି ମୋ ସ୍ୱର୍ଗଦ୍ୱାର'



ଡ. ଶାନ୍ତନୁ କୁମାର ରଥ
ଭୁବନେଶ୍ୱର, ମୋ: ୯୪୩୭୪୮୦୮୦୬

୨୦୦୭ ମସିହାରେ ମୁଁ ବ୍ରହ୍ମପୁରରେ କାର୍ଯ୍ୟରତ ଥିଲାବେଳେ ମୋ ସରକାରୀ ବାସଭବନରେ ମୋ ନନାଙ୍କ ଦେହାନ୍ତ ହେଲା, ଏକାଅଶୀ ବର୍ଷ ବୟସରେ। ଦେହାନ୍ତ ପୂର୍ବରୁ ମୁଁ ତାଙ୍କୁ ପଚାରିଥିଲି, 'ନନା ତୁମର ଅନ୍ତିମ ସଂସ୍କାର ସ୍ୱର୍ଗଦ୍ୱାରରେ କରିବା ତୁମର ଇଚ୍ଛା ଅଛି କି?' ସେ ମୋ ମୁହଁକୁ କିଛି ସମୟ ଚାହିଁ କହିଲେ, 'ତୁ କ'ଣ ଭାବୁଛୁ ମୋ ପୂର୍ବପୁରୁଷଙ୍କ ପବିତ୍ର ଶ୍ମଶାନଠାରୁ ସ୍ୱର୍ଗଦ୍ୱାର ବଡ଼? ମୋତେ ଗାଁକୁ ନେଇଯିବୁ। ମୋ ଗାଁ ମାଟି ମୋର ସ୍ୱର୍ଗଦ୍ୱାର। ପୁଣ୍ୟତୋୟା ଋଷିକୂଲ୍ୟାର ଉପନଦୀ ବଡ଼ନଦୀର ସ୍ୱଚ୍ଛ ଶୁଭ୍ର ବାଲି ମୋର ଅନ୍ତିମ ଶଯ୍ୟା।' ଦେହାନ୍ତ ପରେ ତାଙ୍କୁ ନେଇ ଯାଇଥିଲି ଗାଁକୁ। ସବୁ କ୍ରିୟା ଗାଁରେ ହିଁ ହୋଇଥିଲା। ଗାଁକୁ ପ୍ରାଣଭରି ଭଲ ପାଉଥିବା ଜଣେ ମଣିଷ ଥିଲେ ମୋ ନନା। ତାଙ୍କରି ସେହି ଗୁଣ ଆମ ପାଖକୁ ମଧ୍ୟ ଗୁଣସୂତ୍ର ଭାବରେ ଆସିଯାଇଛି।

ଗାଁରେ ଆମର ସମ୍ପତ୍ତି ବୋଇଲେ ଆଠ ହାତ ସୋରରେ ଘର ଖଣ୍ଡେ। କୋଉ କାଳର ପୁରୁଣା ଘର। ମଝିରେ ମଝିରେ ପୁଣ୍ୟପର୍ବରେ, ଯାନିଯାତ୍ରାରେ ଗଲେ ଆମେ ସେଠାରେ ରହୁଥିଲେ ମଧ୍ୟ ସ୍ଥାୟୀ ଭାବରେ ଆମେ ଆଉ ଗାଁରେ ରହୁନାହୁଁ। ଘର ଆଉ ମରାମତି ଯୋଗ୍ୟ ନଥିଲା। ଅନେକ ମନା କରୁଥିଲେ। ତଥାପି ପ୍ରାୟ ଦଶଲକ୍ଷ ଟଙ୍କା ଖର୍ଚ୍ଚ କରି ତାକୁ ଭାଙ୍ଗି ପୁଣି ନୂଆରେ ତିଆରି କଲୁ। ଘରଟି ଭାଙ୍ଗି ଯାଇଥିଲେ ଗାଁ ସହ ଆମ ସମ୍ପର୍କ ତୁଟି ଯାଇଥା'ନ୍ତା। ତିଆରି କରିବାରୁ ସମ୍ପର୍କ ଅତୁଟ ରହିଗଲା। ଧୀରେ ଧୀରେ ଆମ ପିଲାମାନେ ମଧ୍ୟ ଗାଁ ସହ ଯୋଡ଼ି ହେଲେଣି। ଅନ୍ତତଃ ଆମ ପର ପିଢ଼ି ଯାଏଁ ଇଏ ଚାଲିବ।

'ମୋ ଗାଁ ମାଟି ମୋ ସ୍ୱର୍ଗଦ୍ୱାର'- ନନାଙ୍କର ଏଇ ଧାଡ଼ିକ କଥା ମୋ ଛାତିରେ ଆଙ୍କି ହୋଇ ରହିଗଲା। ଏବେ ପୁଣି ତା'ର ପୁନରାବୃତ୍ତି ଘଟିଲା ସଦ୍ୟ ଘଟିଥିବା ମୋ ବୋଉର ଦେହାନ୍ତରେ। ତା'ର ଦେହାନ୍ତ ହେଲା ଚଉରାଅଶୀ ବର୍ଷ ବୟସରେ ମୋ ପାଖରେ ଭୁବନେଶ୍ୱରରେ। ଏହି ଦି' ଚାରିବର୍ଷ ହେବ ତା'ର ଦେହ ଅସୁସ୍ଥ ହେବାରୁ ମୁଁ ତା'କୁ ଏକା ଗାଁରେ ରହିବାକୁ ଛାଡୁନଥିଲି। ସାଥିରେ ନେଇ ଗାଁ କାମ ସାରି ତା'କୁ ବୁଲେଇ ନେଇ ଆସୁଥିଲି। ବୋଉ ଗାଁକୁ ଗଲେ ଆମ ଘର ଆଗରେ ସମସ୍ତେ ଆସି ପହଞ୍ଚି ଯାଉଥିଲେ। ଗାଁରେ ତା'ର ଜନସମ୍ପର୍କ ଖୁବ୍ ବଢ଼ିଆ ଥିଲା। ଆଗରୁ ତ ସେ ନିଜେ ନିଜେ ଗାଁରେ ମାସ ମାସ ରହିଯାଉଥିଲା। ଗାଁରୁ ଏକା ବସ୍‌ରେ ବସି ବରମୁଣ୍ଡା ଆସିଯାଉଥିଲା। ମୁଁ ତା'କୁ ଯାଇ ନେଇ ଆସୁଥିଲି। ବସ୍ ବାଲାମାନେ ତା'କୁ 'ମାଆ ମାଆ' କହି ସୁବିଧାରେ ତା'ର ସମସ୍ତ ଜିନିଷପତ୍ର ସହ ତା'କୁ ଆଣି ବରମୁଣ୍ଡାରେ ଓହ୍ଲାଇ ଦେଉଥିଲେ। ମୁଁ ବିପତ୍ନୀକ ହୋଇଯିବା ପରେ ସେ ମୋତେ ଛାଡ଼ି ଆଉ ଗାଁକୁ ଯିବାକୁ ଚାହିଁଲା ନାହିଁ। ତଥାପି ମୁଁ ମଝିରେ ମଝିରେ ତା'କୁ ନେଇ ଗାଁକୁ ଯାଏ। ଦିନେ ଦୁଇଦିନ ରହି ଫେରିଆସେ। ତା'ର ତ ଭୋର ଉଠା ଅଭ୍ୟାସ। ଭୁବନେଶ୍ୱରରେ ଥିବାବେଳେ ମୁଁ ଉଠିବା ପୂର୍ବରୁ ସେ ଉଠି ଚାହା ତିଆରି କରି ବାରମ୍ବାର ମୋର ଶୋଇବା ଘର ପରଦା ଟେକି ଦେଖୁଥାଏ। ମୋତେ ଚାହାଟା ଦେଇଦେଲେ ତା' ମନ ଶାନ୍ତି। ବଜାରରୁ ବିଭିନ୍ନ ଦେଶୀ ପରିବା କଦଳୀ, ଭଣ୍ଡା, ମଞ୍ଜା, କଖାରୁ ଫୁଲ, ଗନ୍ଧଣା ଶାଗ ଇତ୍ୟାଦି ଆଣିଲେ ସେ ତା'କୁ ନିଜେ ନିଜ ପଦ୍ଧତିରେ ଭଜା, ଆମ୍ବିଳ ଇତ୍ୟାଦି କରେ। ଝୁଡୁଙ୍ଗ ମଞ୍ଜି ଆଣିଲେ ତା'କୁ ଆମ୍ବୁଲ ପକାଇ ମଞ୍ଜି ଫୁଟା କରେ। ବିଭିନ୍ନ ପରିବା ଯଥା ବାଇଗଣ, କଖାରୁ, ଭେଣ୍ଡି, ମୂଳା, ଅମୃତଭଣ୍ଡା ପକେଇ କାଞ୍ଜି, ଆମ୍ବିଳ କରେ। ଖାଲି ବସି ରହିବା ତା' ପାଇଁ ଦଣ୍ଡ। କ'ଣ ନା କ'ଣ କରୁଥାଏ। କିଛି କାମ ନ ମିଳିଲେ ଭାଗବତ ଧରି ପଢ଼େ। ମାଳାଟିଏ ଗଡ଼ାଇ ଜପ କରେ। ମୋ ସ୍ତ୍ରୀ ଥିଲାବେଳେ ସେ କହୁଥିଲା- 'ନନା ଚାଲିଗଲେ। ତମ ଆଗରେ ମୁଁ ଚାଲି ଯାଆନ୍ତି ଶୀଘ୍ର।' କିନ୍ତୁ ମୋ ସ୍ତ୍ରୀ ଚାଲିଗଲା ପରେ ତା'ର ଏଇ କଥାଟି ଓଲଟି ଗଲା। ସେ କହିଲା- 'ମୋ ପିଲାଟା ଏକୁଟିଆ ହୋଇଗଲା। ମୁଁ ଆଉ ଦଶଟା ବର୍ଷ ବଞ୍ଚନ୍ତି କି ହେଲେ।' ସତକୁ ସତ ସେ ନଅବର୍ଷ ବଞ୍ଚିଲା ତା'ର ହୃଦ୍‌ରୋଗ ସତ୍ତ୍ୱେ। ଆମ ଘରକୁ ମୋତେ ଭେଟିବା ପାଇଁ କିଏ ଆସିଥିବେ, ଆମେ ବସି କଥା ହେଉଥିବୁ। ସେ ତାଙ୍କୁ ଚିହ୍ନି ନଥିବ। କିଛି କହିବା ଆଗରୁ ସେ ଆଣି ଚାହା ଜଳଖିଆ ଥୋଇ ଦେଇଥିବ। ଏଭଳି ଥିଲା ମୋ ବୋଉ। ମୋ ସହିତ ସେ ଥିଲା ଅନ୍ୟମାନଙ୍କର ସମ ଭାବରେ ପ୍ରିୟ।



ଦେହାନ୍ତ ପୂର୍ବରୁ ଠିକ୍ ନନାଙ୍କୁ ପଚାରିଥିବା ଭଳି ବୋଉକୁ ମଧ୍ୟ ମୁଁ ପଚାରିଲି, 'ତୋର ଅନ୍ତିମ ସଂସ୍କାର କୋଉଠି କରିବି?' ସେ କହିଲା- 'ଗାଁରେ, ପୁରୀରେ, ଏଇଠି, ତୋର ଯେଉଁଠି ସୁବିଧା ସେଇଠି କରିବୁ। ମୋଟେ ହଇରାଣ ହେଇ ବର୍ଷା, ଶୀତ, ରାତବିକାଳିରେ ଗାଁକୁ ନବୁନି। ସୁବିଧା ହେଲେ ଗାଁକୁ ନବୁ, ନ ହେଲେ ତୋର ଯେଉଁଠି ସୁବିଧା ଓ ଇଚ୍ଛା ସେଇଠି କରିବୁ। ଗାଁକୁ ନେଇ ନ ପାରିଲେ ମୋ ବ୍ୟାଗ୍‌ରେ ଗୋଟେ ପୁଡ଼ାରେ ଗାଁ ଦାଣ୍ଡରେ ଧୂଳି ଟିକିଏ ଅଛି। ତାକୁ ମୋ ଉପରେ ପକେଇଦେବୁ।' ବୋଉର ଏହି କଥା ତକ ଶୁଣି ମୁଁ ଅଭିଭୂତ ଏବଂ ବିହ୍ୱଳିତ ହୋଇଗଲି। 'ଗାଁ ମାଟି ମୋ ସ୍ୱର୍ଗଦ୍ୱାର' ବୋଲି ନନା କହିଥିଲେ। 'ଗାଁ ଦାଣ୍ଡ ଧୂଳି ମୋ ଶରଧା ବାଲି' ବୋଲି ବୋଉ କହିଲା। ଗାଁ ମାଟିର ମମତା କେତେ ତୀବ୍ର ହୋଇପାରେ ଏବଂ ଜଣଙ୍କର ଚେତନାକୁ ଆଚ୍ଛନ୍ନ କରି ରଖିପାରେ ତାହା ଫୁଟି ଉଠିଥିଲା ଏଇ କେତେପଦ କଥାରେ। ଏହାର ହୃଦୟସ୍ପର୍ଶୀ ଆବେଦନ ଆଜୀବନ ରହିବ ମୋ ଭିତରେ ଏକ ସାନ୍ଦ୍ର ଆବେଗ ରୂପରେ। ଯେତେବେଳେ କି ମନେ ପଡ଼ିଗଲେ ଆଖି ଆପଣାଛାଏଁ ଓଦା ହୋଇଯିବ।

ପ୍ରଥିତଯଶା କବି ସଚ୍ଚି ରାଉତରାୟ ତାଙ୍କ 'ଛୋଟ ମୋର ଗାଁଟି' କବିତାରେ ଯଦିଓ ଗାଁ ମାଟିର ଜୟଗାନ କରି ଲେଖିଥିଲେ- 'ମାଟିର ସେଇ ସରଗ ମୋର / ସେଇଠି ଅଛି ମୋ ଷଠୀ ଘର / ଜଳିବ ପୁଣି ସେଇଠି ଶେଷେ / ମୋହର ଚିତା ନିଆଁଟି / ଛୋଟ ମୋର ଗାଁଆଟି'- କିନ୍ତୁ କଟକରୁ ତାଙ୍କ ଗାଁ ଖୋର୍ଦ୍ଧା ନିକଟସ୍ଥ ଗୁରୁଜଙ୍ଗ ବିଶେଷ ଦୂର ନ ହେଲେ ମଧ୍ୟ ସେଇ 'ସରଗ ମାଟି'କୁ ଯାଇ ପାରିଲେ ନାହିଁ। କଟକ ସତୀଚଉରାରେ ଅନ୍ତିମଶଯ୍ୟା ଗ୍ରହଣ କଲେ। କେତେ କେତେ ପ୍ରତିଷ୍ଠିତ ଲୋକମାନେ ଗାଁ ମାଟିର ମମତା ଓ ମହକ ଏଡ଼େଇ ନ ପାରି ଅନ୍ତିମ ଜୀବନ ଗାଁରେ କଟେଇଛନ୍ତି ଏବଂ ସେଇଠି ହିଁ ତାଙ୍କ ଚିତା ନିଆଁ ଜଳିଛି। ଉଦାହରଣ ହେଲେ ପ୍ରଫେସର ଭୁବନେଶ୍ୱର ବେହେରା। କଳାହାଣ୍ଡି ଜିଲ୍ଲାର ନିଜ ଗାଁ ମୁଣ୍ଡରାଗୁଡ଼ାରେ ରହିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକ ଝାରସୁଗୁଡ଼ା ଭିତରେ ତାଙ୍କ ଗାଁରେ ରହିଲେ। ଆଇଏଏସ୍ ରାମଚନ୍ଦ୍ର ପାତ୍ର ତାଙ୍କ ଗାଁ କଳାହାଣ୍ଡି ଧର୍ମଗଡ଼ ନିକଟରେ ରହିଲେ। ସହରରେ ରହି ମଧ୍ୟ ଗାଁ ସହ ଯୋଡ଼ି ହୋଇ ରହିବା କଥାଟି ହୋଇପାରିବ ଏବଂ ତାହା ହିଁ ବ୍ୟକ୍ତିକୁ ନିଜ ମାଟିର ଏକ ସ୍ୱର୍ଗୀୟ ଅମୃତ ଅନୁଭବ ଆଣିଦେବ। ଏଇଟା ଭାବ ଜଗତର କଥା। ଗାଁରୁ ସମ୍ପର୍କ ତୁଟାଇ ଦେଇ ସହରରେ ରହୁଥିବା କିଛିଲୋକ ବେଳେବେଳେ କୁହନ୍ତି- 'ଆମେ ଅନେକ ଦିନ ହେବ ଗାଁ ଛାଡ଼ି ଦେଲୁଣି। ଆମେ ତ ଏଠି ଘର କରି ସାରିଲୁଣି। ଗାଁ ସହ ଆମର ଆଉ ସମ୍ପର୍କ ନାହିଁ।' ଏଇ କଥାଟା କହିଲା ବେଳେ ତାଙ୍କ ଭିତରେ ସହରିଆ ହୋଇଥିବାର ଏକ ମିଥ୍ୟା ଆଭିଜାତ୍ୟ ଏବଂ ଗାଁ ପ୍ରତି ଏକ ଅବଜ୍ଞା ମିଶି ଫୁଟି ବାହାରୁଥାଏ। ଏକଥା ମୁଁ କେତେକଙ୍କ ମୁହଁରୁ ଶୁଣି କଷ୍ଟ ପାଇଛି। ତାଙ୍କୁ କିଛି କହି ପାରିନାହିଁ। କିନ୍ତୁ ମୋ ଭିତରଟା ମନ୍ଥି ହୋଇଯାଇଛି। ମୋର ବ୍ୟକ୍ତିଗତ ବିଚାର ହେଲା ନିଜ ଜନ୍ମମାଟି ଗାଁକୁ ଭୁଲିଯିବା ବା ଅବଜ୍ଞା କରିବା ଏକ ଗ୍ରାମଦ୍ରୋହ। ଆଉ ଗୋଟିଏ ଦୃଷ୍ଟିରୁ ମାତୃଦ୍ରୋହ।

ବୋଉ ଚାଲିଯିବାର ଆଜି ହେଇଗଲା ବାରଦିନ। ମୋ ବୋଉର ଦେହାନ୍ତ ଆଦୌ ଏକ ସମ୍ବାଦ ନୁହେଁ ସମସ୍ତଙ୍କ ପାଇଁ। ଇଏ ଏକ ସାଧାରଣ କଥା। କିନ୍ତୁ ମୋ ବୋଉର ପ୍ରୟାଣରେ ଗାଁ ଶ୍ମଶାନ ସ୍ୱର୍ଗଦ୍ୱାରରେ ଏବଂ ଗାଁ ଦାଣ୍ଡର ଧୂଳି ଶରଧାବାଲିରେ ରୂପାନ୍ତରିତ ହୋଇଯିବା ଭାବନାଟି ନିଶ୍ଚିତ ଭାବରେ ଅନନ୍ୟ, ଆବେଗିକ ଏବଂ ପ୍ରାସଙ୍ଗିକ। ଉଭୟ ମୋ ନନା ଏବଂ ବୋଉଙ୍କର ଏ ବିଚାର ଆମ୍ଭମାନଙ୍କୁ ଗାଁ ମାଟି ମନସ୍କ କରିବାରେ ଏକ ପ୍ରେରକ ତତ୍ତ୍ୱ ଭାବରେ କାର୍ଯ୍ୟ କରିବ- ଏଇ ଉଦ୍ଦେଶ୍ୟରେ ଏ ଆଲେଖ୍ୟ। ଏ କଥା ଲେଖିବା ବେଳେ ମୋର ସମସ୍ତ ଅନୁଭବକୁ ପ୍ରକାଶ କରିବା ପାଇଁ ଭାଷାର ଅଭାବ ମୋ ପାଖରେ। ମୋ ଆଖି ଆଗରେ ଦିଶିଯାଉଛି ବୋଉର ହସ ହସ ପରିତୃପ୍ତ ମୁହଁ।

ଓଁ ଶାନ୍ତି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ନିର୍ବାଚନ ପାଇଁ ଓଡ଼ିଶାରେ ୧୫ ପ୍ଲାଟୁନ୍ ସିଏପିଏଫ୍

## ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିବେ ଆଉ ୬୦ ପ୍ଲାଟୁନ୍

**ଭୁବନେଶ୍ୱର, ୩।୩(ସମିସ):** ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ (ସିଏପିଏଫ୍) ଓଡ଼ିଶାରେ ପହଞ୍ଚିଛନ୍ତି। ନିର୍ବାଚନ ପୂର୍ବରୁ ସାରା ଓଡ଼ିଶାରେ ୭୫ପ୍ଲାଟୁନ ଫୋର୍ସ ହେବାକୁ ଥିବା ବେଳେ ଗତକାଲି ୧୫ପ୍ଲାଟୁନ ଫୋର୍ସ ପହଞ୍ଚିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ବାକି ୬୦ ପ୍ଲାଟୁନ୍ ଫୋର୍ସ ପହଞ୍ଚିବେ ବୋଲି ଜଣାଯାଇଛି। ଏହି ସଶସ୍ତ୍ର ପୁଲିସ ବଳ ପ୍ରଥମେ ଗଞ୍ଜାମ, ସମ୍ବଲପୁର, ଅନୁଗୁଳ ଗସ୍ତ କରିବାର ସମ୍ଭାବନା ରହିଛି। ତେବେ ଆବଶ୍ୟକ ପଡ଼ିଲେ, ଫୋର୍ସ ଆହୁରି ବଢ଼ିପାରେ ବୋଲି କୁହାଯାଇଛି। ନିର୍ବାଚନ କମିସନଙ୍କ ଆବଶ୍ୟକତା ମୁତାବକ ଫୋର୍ସ ନିୟୋଜିତ ହେବେ ବୋଲି ସୂଚନା ଦେଇଛନ୍ତି ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର।

ସମ୍ବେଦନଶୀଳ ଓ ନକ୍ସଲପ୍ରବଣ ଅଞ୍ଚଳରେ ଅଧିକ ସିଏପିଏଫ୍ ଯବାନଙ୍କୁ ମୁତୟନ କରାଯିବ। ବିଶେଷକରି ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରେ ମାଓବାଦୀ ସକ୍ରିୟ ଅଛନ୍ତି। ତେଣୁ ମାଓପ୍ରବଣ ଅଞ୍ଚଳକୁ ଅଧିକ ଫୋର୍ସ ମୁତୟନ କରିବା ପାଇଁ ନିର୍ବାଚନ କମିସନ୍ କହିଛନ୍ତି। ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୩ଲକ୍ଷ ୪୦ ହଜାର ସିଏପିଏଫ ଯବାନ ମୁତୟନ ହେବେ ବୋଲି ଜଣାଯାଇଛି। ପ୍ରଥମ ପର୍ଯ୍ୟାୟ ଫୋର୍ସ ମୁତୟନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ସ୍ଥାନରେ ୨ ହଜାର କମ୍ପାନୀ ବା ୨ ଲକ୍ଷ ଯବାନ ମୁତୟନ ହେବେ। ସେହିପରି ଅନ୍ୟ ଦେଢ଼ଲକ୍ଷ ଯବାନ ପରବର୍ତ୍ତୀ ସମୟରେ ମୁତୟନ କରାଯିବ। ନକ୍ସଲ ହିଂସା ପ୍ରଭାବିତ ରାଜ୍ୟ ସମେତ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀରରେ ଏହି ସପ୍ତାହ ଶେଷ ସୁଦ୍ଧା ଫୋର୍ସ ମୁତୟନ ହେବେ। ସେହିପରି ଆସନ୍ତା ୭ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଫୋର୍ସ ମୁତୟନ କରାଯିବ। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ୩ ଲକ୍ଷ ୪୦ ହଜାର ଫୋର୍ସ ମୁତୟନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ଓଡ଼ିଶାରେ ୭୫ କମ୍ପାନୀ ଓଏପିଏଫ ଏବଂ ସିଆରପିଏଫ ମୁତୟନ ହେବ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜି

# ୨ ବାୟୁସେନା ହେଲିକପ୍ଟର୍‌ର ପରୀକ୍ଷାମୂଳକ ଅବତରଣ



- ତନଖି କରୁଛନ୍ତି ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନୀ କୁକୁର
- ବାୟୁସେନା ପକ୍ଷରୁ ଏକାଧିକବାର ଅଭ୍ୟାସ ଜାରି
- ସୁରକ୍ଷା ପାଇଁ ନିୟୋଜିତ ହେବେ ୪ ଏସ୍‌ପିଙ୍କ ସମେତ ୩ହଜାରରୁ ଊର୍ଦ୍ଧ୍ୱ ପୁଲିସ୍

**ଯାଜପୁର, ୩।୩ (ସମିସ):** ଆସନ୍ତା ୫ ତାରିଖ (ମଙ୍ଗଳବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଗସ୍ତରେ ଓଡ଼ିଶା ଆସିବେ। ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନମଣ୍ଡଳୀର ବେଣାପୁର ପଡ଼ିଆଠାରେ ଏକ ସରକାରୀ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପରେ ନିକଟରେ ଏକ ଦଳୀୟ ସାଧାରଣ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଆଜି ଘଟଣାସ୍ଥଳକୁ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସମାବେଶ ପାଇଁ ଟେଣ୍ଟ କାମ ଆରମ୍ଭ ହୋଇଥିବା ବେଳେ ଏଠାରେ ୩ ଗୋଟି ଅସ୍ଥାୟୀ ହେଲିପ୍ୟାଡର ବ୍ୟବସ୍ଥା କରାଯାଇଛି। ଆଜି ପରୀକ୍ଷାମୂଳକ ଭାବେ ଦୁଇଟି ବାୟୁସେନା ହେଲିକ୍ୟାପ୍ଟର ଅବତରଣ ଅଭ୍ୟାସ କରିଛି। ସେହିପରି ୫ଟି ବୋମା ନିଷ୍କ୍ରିୟକାରୀ ଦଳ ଓ ସନ୍ଧାନୀ କୁକୁରଙ୍କୁ ନେଇ ହେଲିପ୍ୟାଡ୍ ଓ ସଭାସ୍ଥଳ ତନଖି କରାଯାଇଛି। ସେହିପରି ଏସ୍‌ପିଜି ପକ୍ଷରୁ ସମାବେଶସ୍ଥଳ ସମେତ ଆଖପାଖ ଅଞ୍ଚଳର ଯାଞ୍ଚ କାର୍ଯ୍ୟ ଚାଲିଛି। ଏଥିସହ ସନ୍ଧାନୀ କୁକୁରଙ୍କ ନୟାଗଡ଼ ଜିଲ୍ଲାର ୪ଜଣ ଏସ୍‌ପିଙ୍କ ସମେତ ୩୨୦୦ରୁ ଊର୍ଦ୍ଧ୍ୱ ପୁଲିସ ରହିବେ। ସେମାନଙ୍କ ମଧ୍ୟରେ ସାଧା ପୋଷାକଧାରୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ, ବୈଷୟିକ ଟିମ୍ ରହିବେ ବୋଲି ଡିଜି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଗତକାଲି ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଆସି ଘଟଣାସ୍ଥଳ ପରିଦର୍ଶନ କରିଥିବା ସହାୟତା ମଧ୍ୟ ନିଆଯାଉଛି। ଆଜି ସମାବେଶସ୍ଥଳ ଗସ୍ତ କରି ଡିଜି ଅରୁଣ ଷଡ଼ଙ୍ଗୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ସୁରକ୍ଷା ଦାୟିତ୍ୱରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ବେଳେ ଆଜି ଅତିରିକ୍ତ ଡିଜି ସଞ୍ଜୟ ସିଂ ଏବଂ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଏସ୍‌ପି ଭିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଟ୍ରାଫିକ୍ ପରିଚାଳନା, ଗାଡ଼ି ପାର୍କିଂ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଛନ୍ତି। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ କାରକେଡ୍ ରିହର୍ସାଲ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଛନ୍ତି। ବିଭିନ୍ନ ଲାଇନ ବିଭାଗକୁ ସଜାଗ କରାଯାଇଛି। ନିରବଚ୍ଛିନ୍ନ ବିଜୁଳି, ଇଣ୍ଟରନେଟ୍ ସେବା, ପାନୀୟ ଜଳ, ମେଡିକାଲ ଟିମ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସ୍ଥାକୁ ତଦାରଖ କରିଛନ୍ତି।

ସୂଚନାଯୋଗ୍ୟ, ୫ତାରିଖ ଦିନ ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ହେଲିକ୍ୟାପ୍ଟରରେ ଆସି ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ହେଲିକ୍ୟାପ୍ଟରରେ ଫେରିବାର କାର୍ଯ୍ୟକ୍ରମ ରହିଛି।

# ଆଇଜି ଏସ.ସାଇନିଙ୍କୁ ମିଳିଲା 'ଡିଜିପି ଡିସ୍କ' ପୁରସ୍କାର




**ଭୁବନେଶ୍ୱର, ୩।୩ (ସମିସ):** ଉଲ୍ଲେଖନୀୟ କାର୍ଯ୍ୟ ଲାଗି ପୁଲିସ ଆଇଜି ଆଇପିଏସ ସାଇନି.ଏସ୍‌ଙ୍କୁ ସମ୍ମାନଜନକ ଡିଜିପି ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି। ଗୃହ ମନ୍ତ୍ରାଳୟର ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ ଯେ ପୁଲିସ ପ୍ରଶିକ୍ଷଣ ପାଠ୍ୟକ୍ରମରେ ପରିବର୍ତ୍ତନ ସହ ପାଠପଢ଼ାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ୨୦୧୯ରୁ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ କାର୍ଯ୍ୟ କରି ଆସୁଛନ୍ତି। ସେ ଆଜି ଯାଏଁ ୩ ହଜାରରୁ ଅଧିକ କନଷ୍ଟେବଲ ଓ ଡିଏସ୍‌ପିଙ୍କୁ ଉତ୍ତମମାନର ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପାଠ୍ୟକ୍ରମ ପରିବର୍ତ୍ତନ ଓ ନୂତନ ଧାରାରେ ଶିକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସାଇନି.ଏସ୍‌ଙ୍କ ଅବଦାନ ଅତୁଳନୀୟ ରହିଛି। ଗୃହ ମନ୍ତ୍ରାଳୟ ନୂଆଦିଲ୍ଲୀ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ମଦ ପିଇ ଯୁବକଙ୍କ ମୃତ୍ୟୁ

# ୨ ମଦ ଦୋକାନ ଜାଳିଦେଲେ ମହିଳା

**ନିଶ୍ଚିନ୍ତକୋଇଲି, ୩।୩ (ସମିସ):** ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର ପଞ୍ଚାୟତ ବରଧାରୀ ଛକରେ ଉତ୍ତ୍ୟକ୍ତ ମହିଳା ଦୁଇଟି ବେଆଇନ ଚୋରା ମଦ ଦୋକାନକୁ ସମ୍ପୂର୍ଣ୍ଣ ଜାଳି ଦେଇଛନ୍ତି। ଏହି ଗ୍ରାମର ଜଣେ ଉଚ୍ଚ ଶିକ୍ଷିତ ଯୁବକ ମଳୟ ସାମଲ (୩୫) ଏହି ଚୋରା ମଦ ଦୋକାନରେ ଘରର ବିଭିନ୍ନ ଅଳଙ୍କାର ଓ ଆସବାବପତ୍ର ବନ୍ଧା ପକାଇ ଅତ୍ୟଧିକ ମଦ୍ୟପାନ କରି ଗତ ଶୁକ୍ରବାର ମୃତ୍ୟୁବରଣ କରିଥିଲେ। ଏହି





### ରାସ୍ତା ଅବରୋଧ, ଉତ୍ତେଜନା

ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ଉତ୍ତେଜନା ତୀବ୍ର ହୋଇଥିଲା। ଏପରିକି ମହିଳାମାନେ ଏକାଠି ହୋଇ ଦୁଇଟି ବେଆଇନ ମଦ ଦୋକାନ ଜାଳିଦେଇଥିଲେ। ପରେ ମୃତ ଯୁବକଙ୍କ ପରିବାରକୁ ସରକାରୀସ୍ତରରେ କ୍ଷତିପୂରଣ ଦେବା ଏବଂ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବି କରି ରାଜରାସ୍ତାରେ ବସି ରହିଥିଲେ।

ବହୁବର୍ଷ ହେବ ବରଧାରୀ ଛକର ୨ଶହ ମିଟର ଦୂରତା ମଧ୍ୟରେ ୩ଟି ବେଆଇନ ଦେଶୀ ଓ ବିଦେଶୀ ମଦ ଦୋକାନ ଚାଲିଛି। ମଦ ବ୍ୟବସାୟୀ ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗର କର୍ମଚାରୀଙ୍କୁ ମାସିକ ବଟି ଦେଇ ନିର୍ଭୟରେ ଚୋରା ମଦ କାରବାର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତେଣୁ ଏହି ସ୍ଥାନରୁ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମବାସୀ ବହୁବାର ସ୍ଥାନୀୟ ପୁଲିସ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଶତାଧିକ ମହିଳା ହାତରେ ଠେଙ୍ଗା ବାଡ଼ି ଧରି ମଦ ବ୍ୟବସାୟୀ ସଞ୍ଜୟ ମଳିକ ଓ ପରୀକ୍ଷିତ ସାମଲଙ୍କ ମଦ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଅନ୍ୟ ଜଣେ ମଦ ବ୍ୟବସାୟୀ ଶୁକଦେବ ସ୍ୱାଇଁ ଭୟରେ ମହିଳାମାନଙ୍କ ପାଖରେ ଶରଣ ପଶି ଆଉ କେବେ ମଦ ବିକ୍ରି କରିବି ନାହିଁ କହିବାରୁ ତାଙ୍କୁ ଛାଡ଼ି ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିଥିଲେ। ଖୁବ୍‌ଶୀଘ୍ର ଘଟଣାର ସମାଧାନ କରାଯିବା ସହ ବଡ଼କ୍ଷୀର ପଞ୍ଚାୟତରେ ଚୋରା ମଦ ବିକ୍ରି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ମହିଳାମାନେ ଶାନ୍ତ ହୋଇଥିଲେ। ଏହି ଅଞ୍ଚଳରେ ଯିଏ ଚୋରା ମଦ ବିକ୍ରି କରିବ ସେ ସଂକ୍ରାନ୍ତରେ ଆଇଆଇସି ଯୁଗଳକିଶୋର ଦାସଙ୍କୁ ଫୋନ୍ ଯୋଗେ ଜଣାଇଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ନିଜ ମୋବାଇଲ ନମ୍ବର ଉପସ୍ଥିତ ଲୋକମାନଙ୍କୁ ଦେଇଥିଲେ। ଅନ୍ୟପକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଚୋରା ମଦ କାରବାରକୁ ଅଞ୍ଚଳରୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଅବଶିଷ୍ଟାଂଶ...

## 'ମ୍ୟାଜିକ୍ କାର୍ଡ'...

ମାର୍ଚ୍ଚ ୫ ତାରିଖରୁ ପୋର୍ଟାଲ ଖୋଲିବ। ଏଥିରେ ପଞ୍ଜୀକରଣ ପାଇଁ କୌଣସି ରୋଜଗାର ସର୍ତ୍ତ ରଖାଯାଇ ନାହିଁ। ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇବେ। ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଛାତ୍ରଛାତ୍ରୀମାନଙ୍କୁ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ବଣ୍ଟନ ଆରମ୍ଭ ହେବ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

ସେ ଆହୁରି କହିଥିଲେ ଯେ ଯୁବକଯୁବତୀମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବା ଲାଗି ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପ୍ରସ୍ତୁତ ହୋଇଛି। ପଏଣ୍ଟ ଆଧାରିତ ଏହି ସ୍ମାର୍ଟ କାର୍ଡ ଜରିଆରେ ଛାତ୍ରଛାତ୍ରୀମାନେ ନିଜ ଶିକ୍ଷାଗ୍ରହଣରେ ଉନ୍ନତି ଆଣିବା, ବ୍ୟକ୍ତିତ୍ୱ ବିକାଶ କରିବା, ଦକ୍ଷତା ବିକାଶ କରିବା ପାଇଁ ସମର୍ଥ ହେବେ। ବଡ଼ କଥା ହେଉଛି, ଏହି କାର୍ଡ ପିଲାମାନଙ୍କୁ ଆର୍ଥିକ ଖର୍ଚ୍ଚାନ୍ତରୁ ସୁରକ୍ଷା ଦେବ। ପିଲାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଆଉ ପିତାମାତାଙ୍କ ଉପରେ ଚାପ ରହିବ ନାହିଁ। ଫଳରେ ଯୁବଗୋଷ୍ଠୀ ନିଜ ଭବିଷ୍ୟତ ଗଢ଼ିବା ସହିତ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

## ଏକତରଫା ବିଜୟ...

ଆଗାମୀ ସାଧାରଣ ଓ ବିଧାନସଭା ନିର୍ବାଚନରେ ଏହି ବିଜୟଧାରାକୁ ବଜାୟ ରଖି ଦଳୀୟ ଭୋଟ ହାରକୁ ଅନ୍ୟୂନ ୫୫%ରେ ପହଞ୍ଚାଇବାକୁ ଦଳ ପ୍ରସ୍ତୁତ କରିଛି ନକ୍ସା। ଯଦିଓ ରଣନୀତି ନେଇ ଏ ସମ୍ପର୍କରେ ଦଳ ପକ୍ଷରୁ ସ୍ପଷ୍ଟ ଭାବରେ କିଛି ସୂଚନା ଦିଆଯାଇ ନାହିଁ, ତେବେ କେବଳ ନିଶ୍ଚିତ ବିଜୟ ନୁହେଁ, ବୃହତ୍ ବ୍ୟବଧାନରେ ବିଜୟ ସମ୍ଭାବନା ରଖିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବା ଉପରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି । ଦଳ ପ୍ରତି ନିଷ୍ଠା, ସମର୍ପିତ ଭାବରେ ଦଳୀୟ କାର୍ଯ୍ୟ କରୁଥିବା , ନିର୍ବିବାଦୀୟ ଓ ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଇ ପାରନ୍ତି ବୋଲି କୁହାଯାଉଛି । ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଲୋକସଭା ପ୍ରାର୍ଥୀ ମନୋନୟନ ସମୟରେ ୩୩% ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ବିଧାନସଭା ପ୍ରାର୍ଥୀ ମନୋନୟନ ସମୟରେ ମହିଳାଙ୍କ ପ୍ରତିନିଧିତ୍ୱ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ମନେ କରାଯାଉଛି ।

ରାଜନୈତିକ ସମୀକ୍ଷକ ସୁଦର୍ଶନ ଛୋଟରାୟଙ୍କ ମତରେ ନବୀନଙ୍କ ୫ଟି ପାଳିରେ ଓଡ଼ିଶା ଦୁରାବସ୍ଥାରୁ ବାହାରିବା ସହ ବିକାଶର ନୂଆ ସୋପାନରେ ପାଦ ଦେଇଥିଲା। ରୂପାନ୍ତରଣ ଯୁଗ ଆରମ୍ଭ ହୋଇଛି। ଆଗାମୀ ପାଳିରେ ଏକ ବିକଶିତ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ସରକାରଙ୍କର ୨୦୩୬ ଲକ୍ଷ୍ୟ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ ଆଣିବା ପାଇଁ ସମର୍ଥ। ସରକାରଙ୍କ ରୂପାନ୍ତରଣ କାର୍ଯ୍ୟକ୍ରମ ହିଁ ଏହି ସୁବର୍ଣ୍ଣ ଯୁଗ ପାଇଁ ଆୟୁଧ ସାଜିଛି। କ୍ରୀଡ଼ା, କର୍ମନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଶିଳ୍ପାୟନ, ପର୍ଯ୍ୟଟନ ସବୁ କ୍ଷେତ୍ରରେ ଉତ୍କର୍ଷ ପାଇଁ ଓଡ଼ିଶା ପଥ ପ୍ରସ୍ତୁତ କରିଛି। ଏପରିସ୍ଥଳେ ନବୀନଙ୍କ ବିକଳ୍ପ ସରକାର ସମ୍ଭାବନା କ୍ଷୀଣ।

ତେଣୁ ବିଜେଡି ୧୨୮ରୁ ଊର୍ଦ୍ଧ୍ୱ ବିଧାନସଭା ଆସନରେ ବିଜୟୀ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ବୋଲି ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ତେବେ ରାଜନୀତି ବିଶାରଦଙ୍କ ମତରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସିବା ଓ ବିଜେଡିକୁ ଐତିହାସିକ ବିଜୟ ମିଳିବା ପଛରେ ଦୁଇଟି ବଡ଼ କାରଣ ହେଉଛି, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ, ଅଭୂତପୂର୍ବ ସଫଳତା ଏବଂ ଓଡ଼ିଶାରେ ବିରୋଧୀ ରାଜନୈତିକ ଦଳରେ ନେତୃତ୍ୱରେ ଘୋର ଅଭାବ। ଆଉ ଏହା ବିଜେଡିକୁ ପୂର୍ବାପେକ୍ଷା ଅଧିକ ବିଧାନସଭା ଓ ଲୋକସଭା ଆସନ ଆଣି ଦେବାରେ ସହାୟକ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

## ୬ରେ ବିଏସ୍‌କେୱାଇ...

ଉଭୟ ରାଜ୍ୟ ଭିତରେ ଓ ବାହାରେ ସବୁ ପଞ୍ଜିକୃତ ଘରୋଇ ହସ୍‌ପିଟାଲଗୁଡ଼ିକରେ ତାଲିକାଭୁକ୍ତ ଜଟିଳ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପାଇବେ। ତୃତୀୟ ପର୍ଯ୍ୟାୟ ସଂପ୍ରସାରଣରେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୯୦ ପ୍ରତିଶତ ଅର୍ଥାତ୍ ରାଜ୍ୟର ୧କୋଟି ୧୦ଲକ୍ଷରୁ ଅଧିକ ପରିବାର ସାମିଲ ହେବାକୁ ଯାଉଛନ୍ତି।

ସୂଚନାଯୋଗ୍ୟ ଯେ ବିଏସ୍‌କେୱାଇ ଅଧୀନରେ ଖାଦ୍ୟ ସୁରକ୍ଷା ହିତାଧିକାରୀମାନେ ରାଜ୍ୟ ଓ ରାଜ୍ୟ ବାହାରର ଘରୋଇ ଚିକିତ୍ସାଳୟ ଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି। ଏହି ଯୋଜନାରେ ପ୍ରତି ମାସର ୪୫ ଲକ୍ଷରୁ ଅଧିକ ଲୋକ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି। ଏଥିସହ ୧ ଲକ୍ଷ ୩୦ ହଜାର ଲୋକ ଘରୋଇ ହସ୍ପିଟାଲରେ ମଧ୍ୟ କ୍ୟାସଲେସ୍ ଚିକିତ୍ସା ସୁବିଧା ମଧ୍ୟ ପାଉଛନ୍ତି। ଏଥିପାଇଁ ପଞ୍ଜିକୃତ ହୋଇଥିବା ଘରୋଇ ହସ୍‌ପିଟାଲ ଗୁଡିକରେ ରାଜ୍ୟ ସରକାର ମାସକୁ ୨୬୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।

## ନିଜକୁ ଗୁଳି କରି...

ବାହାରିଯାଇଥିଲା। ଏହା ଦେଖି ଅନ୍ୟ ଜଣେ ଯବାନ କେନ୍ଦ୍ରର ମୁଖ୍ୟଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ଡିଆରଡିଓର ମୁଖ୍ୟ ମେଜର ଟି ସୀମାଞ୍ଚଳମ ରବିବାର ଭୋର୍‌ରୁ ମହାକାଳପଡ଼ା ପୁଲିସ୍ ଏବଂ ରାଜଶେଖରନଙ୍କ ପରିବାରକୁ ଖବର ଦେଇଥିଲେ। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲିକ ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ତଦନ୍ତ କରିଛନ୍ତି। ତେବେ କେଉଁ କାରଣରୁ ଯବାନଜଣଙ୍କ ଏଭଳି ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।

## କେନ୍ଦୁଝର-ପାରାଦୀପ...

କରିବେ। ପାରାଦୀପରେ ଏଲ୍‌ପିଜି ଆମଦାନୀ ସୁବିଧାକୁ ମଧ୍ୟ ଲୋକାର୍ପଣ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ରଖିବେ। ପ୍ରଧାନମନ୍ତ୍ରୀ ୧୬୨ କିମି ବାଂଶପାଣି - ଦୈତାରୀ - ଟମକା - ଯଖପୁରା ରେଳ ଲାଇନ ଦୋହରିକରଣକୁ ଦେଶ ପାଇଁ ଉତ୍ସର୍ଗ କରିବେ। କଳିଙ୍ଗ ନଗରରେ କନ୍‌କୋର୍ କଣ୍ଟେନର ଡିପୋ ଉଦ୍‌ଘାଟନ, ନର୍ଲାଠାରେ ପ୍ରସ୍ତାବିତ ଇଲେକ୍ଟ୍ରିକ୍ ରେଳ ଇଂଜିନ ମରାମତି କାରଖାନା, କାଣ୍ଟାବାଞ୍ଜିରେ ୱାଗନ୍ ମରାମତି କାରଖାନା ଏବଂ ବାଘୁଆପାଳରେ ରେଳ ଇଂଜିନ ଓ ୱାଗନ ରକ୍ଷଣାବେକ୍ଷଣ ସୁବିଧାଗୁଡ଼ିକର ନବୀକରଣ ଏବଂ କ୍ଷମତା ବୃଦ୍ଧି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

# ଧାର ଟଙ୍କା ନ ଦେବାରୁ ଯୁବକଙ୍କୁ ହାଣି ହତ୍ୟା

**ଢେଙ୍କାନାଳ, ୩।୩(ସମିସ):** ଗଁଦିଆ ଥାନା ଅନ୍ତର୍ଗତ ଗୁଣ୍ଡୁରାପଶି ବରସାହି ଗ୍ରାମରେ ଆଜି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଧାର ଟଙ୍କା ନ ଶୁଝିବାରୁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ଏକାଦଶୀ ମହାଳିକ (୫୫)। ୪ରୁ ୫ଜଣ ଯୁବକ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ସୂଚନାନୁଯାୟୀ, ଏକାଦଶୀ ଗାଁର କେତେ ଜଣଙ୍କଠାରୁ ପ୍ରାୟ ୧୦ ହଜାର ଟଙ୍କା ଧାର ନେଇଥିଲେ। ସେମାନେ ଏକାଦଶୀଙ୍କୁ ବାରମ୍ବାର ଧାର ଟଙ୍କା ଶୁଝିଦେବାକୁ କହିଥିଲେ ହେଁ ଏକାଦଶୀ ଟଙ୍କା ଫେରାଉନଥିଲେ। ଏହାକୁ ନେଇ ଅନେକଥର ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ଆଜି ରବିବାର ଅପରାହ୍ଣରେ ମଧ୍ୟ ଏହି କଥାକୁ ନେଇ ସେମାନଙ୍କର ଏକାଦଶୀ ସହ ବଚସା ହୋଇଥିଲା। ତେବେ ଏହା ଉଗ୍ରରୂପ ନେବାରୁ ୪ରୁ ୫ଜଣ ଯୁବକ ଏକାଠି ହୋଇ ଖଣ୍ଡା, କାତି ସାହାଯ୍ୟରେ ଏକାଦଶୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଏକାଦଶୀ ଗୁରୁତର ଆହତ ହୋଇ ତଳେ ପଡ଼ି ଯାଇଥିଲେ। କିଛି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଛି। ଅପରପକ୍ଷେ ଏ ସଂପର୍କରେ ଗଁଦିଆ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Mahammed Harun, S/o-MD Jayanul Aabedin, resident of At- Magurgadhia, Ps- Town, Dist- Keonjhar, Pin-758001, Odisha declare by this affidavit No.416, dated- 02/03/2024, that now onwards I shall be known as **MOHAMMAD HARUN RASID** for all future purposes.

**ଅନୁଗୋଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ଅନୁଗୋଳ**

ପତ୍ର ସଂଖ୍ୟା ୧୬୦ ତା.୦୧.୦୩.୨୦୨୪

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ଅନୁଗୋଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ଅନୁଗୋଳର ସମସ୍ତ ଅଂଶୀଦାର (ସମିତି) ସଭ୍ୟ / ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସମିତିର ବାର୍ଷିକ ସାଧାରଣ ସଭା ଆସନ୍ତା **ତା.୨୯.୦୩.୨୦୨୪ରିଖ ପୂର୍ବାହ୍ନ ୧୧ ଘଟିକା** ସମୟରେ ସମିତି ପ୍ରାଙ୍ଗଣରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ।

ଏଣୁ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ସମିତିର ସଭାପତି / କ୍ଷମତାପ୍ରାପ୍ତ ପ୍ରତିନିଧି ଉକ୍ତ ସଭାରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଏକାନ୍ତ ଅନୁରୋଧ।

**କାର୍ଯ୍ୟସୂଚୀ:**
୧. ପୂର୍ବ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ିକରଣ।
୨. ସମିତିର ୨୦୨୨-୨୩ ଓ ୨୦୨୩-୨୪ ପ୍ରଶାସନିକ ବିବରଣୀ ପଠନ ଓ ଅନୁମୋଦନ।
୩. ସମିତିର ୨୦୨୩-୨୪ ଓ ୨୦୨୪-୨୫ ବର୍ଷର ଅଟକଳ ଅନୁମୋଦନ।
୪. ସମିତିର ୨୦୨୨-୨୩ ଓ ୨୦୨୩-୨୪ ବର୍ଷର ଆୟ ବ୍ୟୟର ବିବରଣୀ ପଠନ ଓ ଅନୁମୋଦନ।
୫. ଅନ୍ୟାନ୍ୟ-ସଭାପତିଙ୍କ ଅନୁମୋଦନ କ୍ରମେ।

ସଭାପତିଙ୍କ ନିର୍ଦ୍ଦେଶାନୁକ୍ରମେ
ସା/- ସଂପାଦକ,
ଅନୁଗୋଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ

C-3309 **OFFICE OF THE MUNICIPAL COUNCIL, MALKANGIRI**
Odisha, Pin-764045, Ph.: 06861-230244, email: malkangiri@ulborissa.gov.in

Lt. No. 937/Dev/2024 Dated 01.03.2024

**QUOTATION CALL NOTICE**

Sealed quotation is hereby invited from the Cement Sculpture Artist for Supply, Fitting & Fixing, In-Situ Construction of Sitting Statue of God Shiva at Model Crematorium, Malkangiri Municipality. The quotationer is also required to furnish self-attested copy of valid GST registration certificate (Form-06) and PAN card along with the quotation price bid. The quotation bid document is available in the Malkangiri Municipality from 02.03.2024 to 13.03.2024. The paper cost of Rs.6000/-(non-refundable) and EMD Rs.10000/- should be deposited at the time of purchase of bid document and attach the same along with quotation. The quotation is required to quote the rate inclusive of all cost, transportation etc. complete and delivery &installation at said place of the Malkangiri Municipality. The sealed Cover should be super scribed with the Quotation Call Notice No.....&Date....The quotation should reach the undersigned by 14.03.2024 by Regd. Post/Speed post and will be opened on 15.03.2024 in the office chamber of Executive Officer in presence of quotationer or their authorized representative.

The undersigned reserves the right to reject any or all quotations without assigning any reason thereof.

Executive Officer
Mlakangiri Municipality

OIPR-13125/11/0029/2324

**OFFICE OF THE MUNICIPAL COUNCIL, JODA**
Ph.: 06767-272214, Fax: 06767-272214, Email: cojodamunicipality@rediffmail.com

No.937 / Dt. 02.03.2024
'e' -procurement Notice
Bid Identification No. JM-09/2023-24

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in
1. Nature of Work: Civil Works
2. No. of Works: 46 Nos.
3. Estimated cost: from Rs. 1,48,385/- to Rs. 16,56,816/-
4. Bid identification No. : 2024_ORULB_102004_1 TO 2024_ORULB_9102004_46
5. Date & time of availability of the Documents in the portal: From dt. 02.03.2024 at 10.00 AM upto Dt. 1803.2024 at 9.00 AM
6. Last date / time for receipt of Bids in the portal: on dt. 18.03.2024 at 9.00 am
7. Bids received on line shall be oepned : on dt. 18.03.2024 at 11.00 AM
8. Name and address of the Officer inviting bid: Executive Officer, Joda Municipality

Further, the details can be seen from the e-Procurement Portal www.tendersodisha.gov.in

Executive Officer
Joda Municipality

OIPR-13124/11/0022/2324 C-3316

**OFFICE OF THE NOTIFIED AREA COUNCIL, BALIMELA**
Odisha, Pin -764051, e-Mail: - eonacbalimela@gmail.com

Lt. 390/Dev/2024 Date: 29.02.2024

e-NOTICE
BID IDENTIFICATION No. EOBLM07/2023-24

The Executive Officer, NAC, Balimela, on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

| | | |
|---|---|---|
| 1. Name of the Work | :- | Civil Works |
| 2. Number of Work | :- | 1 No. |
| 3. Estimated cost | :- | As per DTCN |
| 4. Period of Completion | :- | As per DTCN |
| 5. Date and Time of availability of Bid Document in the Portal | :- | From 10.00AM of Dt. 02/03/2024 to 5.00PM of Dt. 13/03/2024 |
| 6. Last date and time for receipt of Bid in the Portal | :- | 5.00PM of Dt. 13/03/2024 |

7. The bid received online shall be opened on 11.00 AM of dtd. 14/03/2024
8. If necessary, Lottery will be drawn on Dtd.14.03.2024.
9. Name and Address of the Officer inviting Bid: Executive Officer, NAC, Balimela.

Further details can be seen from the Procurement Portal: www.tendersorissa.gov.in

Executive Officer
Balimela NAC

OIPR-13140/11/0018/2324 C-3314

## ଦୋଳ ମେଳଣ ପାଇଁ ଗାଦି ମାଲିକଙ୍କ ପ୍ରସ୍ତୁତି ବୈଠକ

# ସାଢ଼େ ୭ ପୂର୍ବରୁ ପହଞ୍ଚିବ ବିମାନ, ବାଜିବନି ଡିଜେ

**ନିଶ୍ଚିନ୍ତକୋଇଲି, ୩।୩(ସମିସ)**



ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ରପୀଠ ଶ୍ରୀଶ୍ରୀ ବଳଦେବଜିଉ ମନ୍ଦିର ପରିସରରେ ଚଳିତବର୍ଷ ଦୋଳ ମେଳଣ ପାଇଁ ଗାଦି ମାଲିକ ଓ ମାର୍ଫତ୍‌ଦାରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀଜିଉଙ୍କ ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଜିଗ୍ନୀପୁର ବଳଦେବଜିଉଙ୍କ ଦୋଳମେଳଣ ସହ ଅନ୍ୟାନ୍ୟ ପୀଠରେ ଅନୁଷ୍ଠିତ ହେବାକୁ ଥିବା ବାରଗୋଟି ମେଳଣ କିପରି ଭାବେ ଶୃଙ୍ଖଳିତ ଭାବେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ବିମାନଗୁଡ଼ିକୁ ଶୋଭାଯାତ୍ରାରେ ଆଣିବା ବେଳେ ପାରମ୍ପରିକ ଷଣ୍ଢ, ସଖୀ ଓ ବିଭିନ୍ନ ପୌରାଣିକ ନୃତ୍ୟ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ଆଧୁନିକ ନୃତ୍ୟ ଓ ଡିଜେ ବାଜିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପ୍ରତ୍ୟେକ ବିମାନ ରାତ୍ର ୭.୩୦ ମଧ୍ୟରେ ମେଳଣ ପଡ଼ିଆରେ ପହଞ୍ଚି ସେମାନଙ୍କ ମଣ୍ଡପ ଗ୍ରହଣ କରିବେ। ରାତି ୮ଟାରେ ଆଳତି କରାଯିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ପୂର୍ବ ନିର୍ଦ୍ଧାରିତ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଗାଦି ମାଲିକମାନେ ସେମାନଙ୍କର ବିମାନଗୁଡ଼ିକୁ ଶୃଙ୍ଖଳିତ ଭାବେ ମେଳଣ ମଣ୍ଡପକୁ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ମେଳଣରେ ଭାଇଚାରା ଭାବ ଅତୁଟ ରଖିବା ପାଇଁ କୌଣସି ମାଲିକ କେମିକାଲ ରଙ୍ଗ କିମ୍ବା ଅବିର ବ୍ୟବହାର କରିବାକୁ ବାରଣ କରାଯାଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ ଗାଦି ମାଲିକ ହୃଷିକେଶ ଆଚାର୍ଯ୍ୟ ଓ ଧନେଶ୍ୱର ରାଉତ(ବଗୁଲା ବାବା)ଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖଠାରୁ ଦୋଳ ଯାତ୍ରା ପାଇଁ ଠାକୁରମାନେ ଚକଡ଼ା ଛାଡ଼ି ଗ୍ରାମମାନଙ୍କରେ ଭକ୍ତମାନଙ୍କ ଘରେ ଭୋଗ ଖାଇବା ପରେ ୨୧ ତାରିଖରୁ ମେଳଣ ଆରମ୍ଭ ହେବ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ସଭ୍ୟ ଚୌଧୁରୀ ଅଜୟ କୁମାର ନନ୍ଦ, ରାଜେନ୍ଦ୍ରମୋହନ କର ଓ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ସମେତ ଗାଦିମାଲିକ ବିରଞ୍ଚିନାରାୟଣ ମିଶ୍ର, ବୀରବର ସାହୁ, ଚୌଧୁରୀ ପ୍ରଫୁଲ୍ଲ କୁମାର ନନ୍ଦ, ଦେବପ୍ରସାଦ କର, ଜ୍ଞାନେଶ୍ୱର ଖୁଣ୍ଟିଆ, ଅଚ୍ୟୁତାନନ୍ଦ ମିଶ୍ର, ଚନ୍ଦନ କୁମାର ପଣ୍ଡା, ଦାଶରଥି ଦାସଙ୍କ ସମେତ ୪୧ରୁ ଊର୍ଦ୍ଧ୍ୱ ଗାଦି ମାଲିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୋଳ ମେଳଣ ପ୍ରସ୍ତୁତି ବୈଠକ



**କଟକ, ୩।୩(ସମିସ):** ଚାନ୍ଦିନୀଚୌକ ଦୁର୍ଗା ପୂଜା କମିଟି ଓ ସ୍ଥାନୀୟ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ମିଳିତ ଭାବେ ଆୟୋଜିତ ପବିତ୍ର ଦୋଳ ପୂର୍ଣ୍ଣିମା ତିଥିରେ ବହୁ ପୁରାତନ ୭୨ ସଂକୀର୍ତ୍ତନ ମଣ୍ଡଳୀର ଦୋଳ ମେଳଣକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୨ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ଅଧ୍ୟକ୍ଷତା କରିଥିଲେ। ଚାନ୍ଦିନୀଚୌକ ମେଳଣ ପଡ଼ିଆଠାରେ ପରମ୍ପରା ରଜାଘର ୭୨ ସଂକୀର୍ତ୍ତନ ମଣ୍ଡଳୀ ଦୋଳ ମେଳଣକୁ ଆଶାତୀତଭାବେ ସଫଳ କରାଇବା ପାଇଁ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୨୫ ତାରିଖ ସୋମବାର ସନ୍ଧ୍ୟାରୁ ଏହି ମେଳଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ୨୫, ୨୨, ୧୯ ଓ ୧୬ ଦିଗ ଭାଗ ଅନ୍ତର୍ଭୁକ୍ତ ସଂକୀର୍ତ୍ତନ ମଣ୍ଡଳୀମାନେ ନିଜର ଦୋଳ ବିମାନ ସହ ଯୋଗ ଦେଇ ଏହି ଐତିହାସିକ ଦୋଳ ମେଳଣକୁ ସଫଳ କରିବାକୁ ନିବେଦନ କରାଯାଇଥିଲା। ଏଥିରେ ୨୫ ଦିଗ ଭାଗ ସର୍ବାଧିକାରୀ ସୁରେଶଚନ୍ଦ୍ର ସାହୁ, ୨୨ ଦିଗ ଭାଗର କାର୍ଯ୍ୟକାରୀ ସର୍ବାଧିକାରୀ ସୁବାଷଚନ୍ଦ୍ର ସାହୁ, ୧୯ ଦିଗ ଭାଗର ବରିଷ୍ଠ ପଦାଧିକାରୀ ଧୀରେନ୍ଦ୍ରକୁମାର ସିଂହ ଓ ୧୬ ଦିଗ ଭାଗର ମୁଖ୍ୟ ପରିଚାଳକ ପ୍ରଦୀପକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଭିକାରୀ ଦାସ, ମନୋରଞ୍ଜନ ଦାସ, ରମେଶ ବେହେରା, ସୁଶାନ୍ତ ପାଣି, ପ୍ରତାପକିଶୋର ସିଂହ, ବିଜୟ ଦଳେଇ, ଆଇନ ପରାମର୍ଶଦାତା ବିଶ୍ୱନାଥ ଦାସ, ଅଧିକାରୀ ଚିରଞ୍ଜୀବ ଦତ୍ତ ଓ ମହନ୍ତ ବଂଶୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**କଟକ/ଫୁଲନଖରା, ୩।୩(ସମିସ):** ସଦର ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କୁ ପ୍ରତାପନଗରୀ ମା' ଧାକୁଲେଇଙ୍କ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମା ଧାକୁଲେଇଙ୍କ ଯାତ୍ରା ଆଗକୁ ଅନୁଷ୍ଠିତ ହେବାକୁ ଯାଉଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ପୁଲିସକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଗ୍ରାମ୍ୟ କମିଟି ଓ ଯୁବକମାନେ କହିଛନ୍ତି। କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ପ୍ରମୋଦ କୁମାର ବେହେରା, ସହ-ସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ, ରଞ୍ଜିତ ସ୍ୱାଇଁ, ଅତୁଲ୍ୟ ରାଉତ, ନିରଞ୍ଜନ ରାଉତ, ସୁଜନ ବେହେରା, ନାରାୟଣ ରାଉତ, ଚନ୍ଦ୍ର ଶେଖର ରାଉତ, ସୁରେଶ ଚନ୍ଦ୍ର ରାଉତ, ରଘୁନାଥ ପରିଡ଼ା, ଭରତ ଚନ୍ଦ୍ର ବେହେରା, ରାଜ କିଶୋର ରାଉତ, କିଶୋର ବାରିକ ପ୍ରମୁଖ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଭାଣପୁର ସ୍କୁଲରେ ବନ୍ଧୁମିଳନ



**କଟକ, ୩।୩(ସମିସ):** କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ଭାଣପୁର ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଓ ପରିବାରଙ୍କୁ ନେଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରସନ୍ନ ପ୍ରଧାନଙ୍କ ନେତୃତ୍ୱରେ ସ୍କୁଲ ପରିସରରେ ଆୟୋଜିତ ହୋଇଥିବା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ର ପରମାନନ୍ଦ ଭଞ୍ଜ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଓ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଖୁସିର ମୁହୂର୍ତ୍ତରେ ଦୀର୍ଘ ୩୦ବର୍ଷ ପରେ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଅଭିମନ୍ୟୁ ସାହୁ, ଶ୍ରୀଧର ବେହେରା, ସଞ୍ଜୀବ ସ୍ୱାଇଁ, ନିହାର ରଞ୍ଜନ ମହାନ୍ତି, ସୁରେଶ ପ୍ରଧାନ, କୁଦ୍ରତ ଅଲି, ମନୋରଞ୍ଜନ ସାହୁ, ହରସପ୍ରିୟା ଭଞ୍ଜ, ମୋହିନୀ ରାଉତ, ଲିଲା ରାଉତ, ସରସ୍ୱତୀ ରାଉତ, ନିର୍ମଳ ଜେନା, ଦୟାମୟୀ ମହାନ୍ତି, ଜୟନ୍ତୀ ନାୟକ, ଧୃତିବା ପ୍ରଧାନ, ଅନୁପମା ଭଞ୍ଜ, ଅଞ୍ଜନ ଭଞ୍ଜ, ସୁମିତ୍ରା ନାୟକ, କୁଲ୍ ଫାତୁନ ବିବି, ସଂଯୁକ୍ତା ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଜେକେବିକେ ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ

**କଟକ, ୩।୩(ସମିସ):** ଦୋଳମୁଣ୍ଡାଇସ୍ଥିତ ଶ୍ରୀଜଗନ୍ନାଥ ହୋଟେଲରେ ୧୯୮୮ ମସିହା ଜେକେବିକେ +୩ ବ୍ୟାଚ୍‌ର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ପରେ ବନ୍ଧୁମାନେ ଏକାଠି ହୋଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ।



ପବିତ୍ରଭାନୁ ମିଶ୍ରଙ୍କ ଉଦ୍ୟମ କ୍ରମେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଞ୍ଜୀବ ଚକ୍ରବର୍ତ୍ତୀ, ଜୟନ୍ତ ବେଉରା, ବିରଜା ପ୍ରସାଦ ସାହୁ, ଚିନ୍ମୟ ଦାସ ଓ ନମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନୁଶ୍ରୀ ପୃଷ୍ଟି, ଆହୁତି ମିଶ୍ର, ଉର୍ମିଳା ରାଉତ, ବିଲକେଶ ପରୱାନ୍, ସିପ୍ରା ସ୍ୱାଇଁ, ସାବିତ୍ରୀ ତ୍ରିପାଠୀ, ସୁମିତ୍ରା ଦାସ, ସୁଶାନ୍ତ ରାଉତ, ସରୋଜ ଦାସ, ସୁଶାନ୍ତ ମୁଦୁଲି, ପ୍ରମୋଦ ବେହେରା, ମନୋଜ ଦାସ, ପଞ୍ଚାନନ ପ୍ରଧାନ, ପ୍ରଦୀପ ସତପଥି, ଶୁଭାଶିଷ ପଟ୍ଟନାୟକ, କୈଳାସ ରାଉତ ଓ ମାନସ ପାଢ଼ୀ ଉପସ୍ଥିତ ଥିଲେ। ପ୍ରଥମେ ଦିବଂଗତ ବନ୍ଧୁ ଓ ଅଧ୍ୟାପକଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମରେ ଜୟନ୍ତ ବେଉରା ଓ ମାନସ ପାଢ଼ୀ କବିତା ଓ ଗଳ୍ପ ଶୁଣାଇଥିଲେ। ଏହା ପରେ ପବିତ୍ରଭାନୁ ମିଶ୍ର, ମନୋଜ ଦାସ, ଆହୁତି ମିଶ୍ର, ବିଲକେଶ ପରବିନ୍ ସଙ୍ଗୀତ ପରିବେଷଣ କରିଥିଲେ।

● ବାଲିଘାଟ ନେଇ ଟାଳଟୁଳ ନୀତି

# ଲଘୁ ଖଣିଜ ବୋଝେଇ ଗାଡ଼ି ଚଳାଚଳ ବନ୍ଦ

**ଫୁଲନଖରା, ୩।୩(ସମିସ):** ଲଘୁ ଖଣିଜ ପଦାର୍ଥ ବିଶେଷ କରି ନଦୀ ବାଲି ପରିବହନରେ ବହୁଳ ସମସ୍ୟାକୁ ନେଇ ଗତ ଶନିବାର ମା' ଧାକୁଲେଇଙ୍କ ପୀଠସ୍ଥଳୀରେ କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଟିପ୍ପର ମାଲିକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ଧାକୁଲେଇ ଟିପ୍ପର ମାଲିକ ସଂଘ ଆବାହକତ୍ୱରେ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁଲିସ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ମରୁତ କୁମାର ସ୍ୱାଇଁ, ବାରଙ୍ଗ ଟିପ୍ପର ଆସୋସିଏସନ୍‌ର ସଭାପତି ବିଜୟ କୁମାର ପଣ୍ଡା, ଧାକୁଲେଇ ଟିପର ଆସୋସିଏସନ୍ ସଭାପତି ଛବୀନ୍ଦ୍ର ବେହେରା, ଅଡ଼ଶପୁର ଟିପ୍ପର ଆସୋସିଏନ୍‌ର ଭାବ ବିନୋଦ ରଥ, ସୁଜିତ୍ ସ୍ୱାଇଁ, ଜଗନ୍ନାଥ ପଟ୍ଟନାୟକ, ସନତ ମହାନ୍ତି, ବିଶ୍ୱ ରଂଜନ ସିଂ, ରମେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ଦାସ, ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପ୍ରଶାସନର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏକତରଫା କାର୍ଯ୍ୟକଳାପ ଉପରେ ଆଲୋକପାତ କରିବା ସହ ସୋମବାର ପ୍ରାତଃ ସମୟରୁ ଗାଡ଼ି ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବିଶେଷ କରି ବାଲିଘାଟଗୁଡ଼ିକ ଖଣିଜ ବିଭାଗକୁ ହସ୍ତାନ୍ତର ହେଲା ପରେ ଇ ଟ୍ରାଞ୍ଜିଟ୍ ପାସ୍‌ର ବ୍ୟବସ୍ଥା କରାଯାଇଥିଲା। ଯେଉଁ ଟ୍ରାଞ୍ଜିଟ୍ ପାସ୍‌କୁ ନେଇ ଟିପର ମାଲିକମାନେ ଲକ୍ଷାଧିକ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ ହେବା ଫଳରେ ଏହାର ସ୍ଥାୟୀ ସମାଧାନ ପାଇଁ କେତେଗୁଡ଼ିଏ ଦାବିକୁ ଉପସ୍ଥାପନ କରିଛନ୍ତି। ବାଲିଘାଟର ମାଲିକମାନେ ଚଞ୍ଚକତା ପୂର୍ବକ ନକଲି ଇ-ଟ୍ରାଞ୍ଜିଟ୍ ପାସ୍ ବାଲି ବୋଝେଇ ଗାଡ଼ିକୁ ଦେବା ଫଳରେ ଖଣି ବିଭାଗ ଦ୍ୱାରା ଅନୁସନ୍ଧାନରେ ଧରା ପଡ଼ି ଟିପ୍ପର ମାଲିକମାନେ ଅର୍ଥ ଦଣ୍ଡ ଭୋଗୁଛନ୍ତି। ଦ୍ୱିତୀୟତଃ ବାଲିଘାଟରେ ମନଇଚ୍ଛା ରୟାଲିଟି ନେବା ଫଳରେ ବାଲିର ମୂଲ୍ୟ ମାତ୍ରାଧିକ ବଢ଼ିବାରେ ଲାଗିଛି। ତୃତୀୟତଃ ଗାଡ଼ିର ପରିବହନ କ୍ଷମତାଠାରୁ ଅଧିକ ମାତ୍ରାରେ ଲୋଡ୍ ଦେବା ଫଳରେ ଓଭରଲୋଡ୍ ପାଇଁ ଗାଡ଼ି ମାଲିକମାନେ ଅର୍ଥ ଦଣ୍ଡରେ ଦଣ୍ଡିତ ହେବାକୁ ପଡୁଛି। ତେଣୁ ସମସ୍ତ ବାଲିଘାଟରେ କଣ୍ଟାର ବ୍ୟବସ୍ଥା କରାଯାଉ। ଚତୁର୍ଥତଃ ବାଲିଘାଟଗୁଡ଼ିକ ଖଣି ବିଭାଗ ତରଫରୁ ଅନୁମତି ପ୍ରାପ୍ତ କି ନାହିଁ ତାହା ମଧ୍ୟ ଅସ୍ପଷ୍ଟ ଥିବାରୁ ଗାଡି ମାଲିକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ପ୍ରତ୍ୟେକ ଅନୁମତିପ୍ରାପ୍ତ ସମସ୍ତ ବାଲିଘାଟରେ ଏକ ଲିଖିତ ବୋର୍ଡ ଲଗାଯାଉ। ବାଲିଘାଟର ଏଭଳି ଟାଳଟୁଳ ନୀତି ଯୋଗୁଁ ବାଲି ପରିବହନରେ ନିୟୋଜିତ ପ୍ରାୟ ୮୦ରୁ ୮୫% ଗାଡି ବନ୍ଦ ହୋଇଯାଇଥିବା ବେଳେ କେବଳ ୧୫ରୁ ୨୦% ଗାଡ଼ି ଆଜିର ଦିନରେ ଚଳାଚଳ କରୁଛି। ବାଲିଘାଟରେ ଯଦି ବାଲିର ଦର ସ୍ଥିର ନ ରହି ମନଇଚ୍ଛା ମୂଲ୍ୟ ବୃଦ୍ଧି ଘଟେ ତେବେ ଗରିବ ଶ୍ରେଣୀୟ ଲୋକ ଯେଉଁମାନେ ଇନ୍ଦିରା ଆବାସ ଠାରୁ ଆରମ୍ଭ କରି ବିଜୁ ପକ୍କା ଘର ଯୋଜନାରେ ଗୃହ ନିର୍ମାଣ କରିବା ପାଇଁ ଚାହୁଁଛନ୍ତି ସେମାନଙ୍କ ଅବସ୍ଥା କ'ଣ ହେବ ଏହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏତଦ୍ ବ୍ୟତୀତ ଯେଉଁ ବାଲିଘାଟ ମାଲିକମାନେ ନକଲି ଇ ଟ୍ରାଞ୍ଜିଟ୍ ପାସ୍ ଇସ୍ୟୁ କରୁଛନ୍ତି କିମ୍ବା ଓଭରଲୋଡ୍ ଦେଉଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ପଦକ୍ଷେପ ନେଉନାହାନ୍ତି। ଏହି ସବୁ ସମସ୍ୟାର ସ୍ଥାୟୀ ପ୍ରତିକାର ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ଯାଏ ଗାଡି ଚଳାଚଳ ବନ୍ଦ ରହିବ ବୋଲି କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଟିପ୍ପର ଆସୋସିଏସନ୍ ମାଲିକ ଚେତାବନୀ ଦେଇଛନ୍ତି।



## ବାଙ୍କୀ କଲେଜରେ ନୂତନ ଶିକ୍ଷାନୀତି ସମ୍ପର୍କିତ ଆଲୋଚନା

**ବାଙ୍କୀ, ୩।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ନୂତନ ଶିକ୍ଷା ନୀତି-୨୦୨୦ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଉପାଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ନୂତନ ଶିକ୍ଷା ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଯୋଗଦାନ କରି ନୂତନ ଶିକ୍ଷା ନୀତି ଓ ଏହାର କାର୍ଯ୍ୟକାରିତା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ବିଶ୍ୱସ୍ତରରେ ଭାରତ ଶିକ୍ଷାରେ ସମକକ୍ଷ ହେବା ସହ ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀମାନେ ପାଇପାରିବେ ବୋଲି ଡକ୍ଟର ମହାପାତ୍ର ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଯୋଗଦାନ କରି ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଜ୍ୟୋର୍ତିମୟୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଟାଙ୍ଗୀ, ୩।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ କନମିରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କହ୍ନେଇପୁର ନୋଡାଲ ଗ୍ରାମପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲବଙ୍ଗଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ଯେଠୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଆଲା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ନାୟକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ଦୀପକ କୁମାର ସାହୁ, ପ୍ରଧାନଶିକ୍ଷକ ଶୁଶୀଲ କୁମାର ବେହେରା, ବ୍ଲକ ପିଷ୍ଟା କୋଷାଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, କ୍ଷେତ୍ରବାସୀ ସାହୁ, ବାବନ କୁମାର ଭୋଇ ପ୍ରମୁଖ ଯୋଗଦାନ କରି ଶିକ୍ଷକ କୁଳମଣି ନାୟକଙ୍କ ଅବସର ପରବର୍ତ୍ତୀ ଜବୀନ ସୁସ୍ଥ ଓ ସୁଖମୟ ହେବାକୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଧୀରେନ କୁମାର ଜେନା, ଛବୀନ୍ଦ୍ର ନାୟକ, ସନ୍ତୋଷ ମଲ୍ଲିକ, ରଙ୍ଗାଧର ବେହେରା, ବିଶିକେଶନ ବେହେରା ସହଯୋଗ କରିଥିବାବେଳେ ଶିକ୍ଷକ ସନ୍ତୋଷ କୁମାର ଯେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

● ମା' ଯୋଗିଆଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଅନ୍ଧାରୁଆକୁ ହରାଇ ନୂଆଗଡ଼ ଚାମ୍ପିଅନ

**ଫୁଲନଖରା, ୩।୩(ସମିସ):** କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ବମ୍ଫକୁଦ ଖେଳ ପଡ଼ିଆରେ ମା' ଯୋଗିଆଣୀ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜାନୁୟାରୀ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୨ଟି ଦଳ ଭାଗ ନେଇଥିଲେ। ଉନ୍ନତ ଖେଳ ପ୍ରଦର୍ଶନ କରି ଅନ୍ଧାରୁଆ କ୍ରିକେଟ୍ କ୍ଲବ ଓ ଗୋଲ୍‌ଡେନ ୟୁଥ୍ କ୍ଲବ ନୂଆଗଡ଼ ମଧ୍ୟରେ ଚୁଡାନ୍ତ ଖେଳ ଅନୁଷ୍ଠିତ ହୋଇଥିଲା। ଅନ୍ଧାରୁଆ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଅନ୍ଧାରୁଆ ଦଳ ୧୮ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୩ରନ୍ କରିଥିବା ବେଳେ ନୂଆଗଡ଼ ଦଳ ୮ ୱିକେଟ୍ ହରାଇ ୧୮ ଓଭର ୫ଟି ବଲ୍‌ରେ ୧୮୪ ରନ୍ କରି ବିଜୟୀ ହୋଇଥିଲା। ଅନ୍ଧାରୁଆ ଦଳର ତାପସ ମଙ୍ଗରାଜ ସର୍ବାଧିକ ରନ୍ କରି ବେଷ୍ଟ ବ୍ୟାଟ୍ସମ୍ୟାନ ଓ ନୂଆଗଡ଼ ଦଳର ଆଲୋକ କୁମାର ପ୍ରଧାନ ସର୍ବାଧିକ ୪ଟି ୱିକେଟ୍ ନେଇ ବେଷ୍ଟ ବୋଲର ଭାବରେ ପୁରସ୍କୃତ ହୋଇଥିଲେ। ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, କଟକ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ସମାଜସେବୀ ସ୍ୱାଧୀନ ଚେତା ମହାନ୍ତି ଓ ଯୁବନେତା ପ୍ରକାଶ କୁମାର ନାୟକ ଅତିଥି ଭାବରେ ଯୋଗଦେଇ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଆର୍ଥିକ ରାଶି ୧୯ହଜାର ଟଙ୍କା ଓ ଚମ୍ପିଅନ୍ ଦଳକୁ ଟ୍ରଫି ସହ ଆର୍ଥିକ ରାଶି ୨୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଖେଳକୁ ଡ୍ୟାନ୍ନି ଅମ୍ପାୟାର ପିଣ୍ଟୁ ଓ ପ୍ରତ୍ୟୁଷ ପରିଚାଳନା କରିଥିବା ବେଳେ ମୁଖ୍ୟ ପୃଷ୍ଠପୋଷକ ଟୁନା ଜେନା, ଚିନ୍ମୟ ଜେନା, ପ୍ରଭାତ ଜେନା, ଅରବିନ୍ଦ ଜେନା, ଜ୍ଞାନରଂଜନ ଜେନା, ସୌମ୍ୟ ରଂଜନ ଜେନା, ପ୍ରଦୀପ ଜେନା, ସୌମ୍ୟଜିତ୍ ଜେନା, ତୃପ୍ତି ଜେନା, ରାଜୁ ସା ଓ ଅଫରାଜ୍ ଖାଁ ସହଯୋଗ କରିଥିଲେ।



## ପରମହଂସ ମନ୍ଦିର ରୂପାନ୍ତରୀକରଣକୁ ନେଇ ପ୍ରତ୍ନତତ୍ତ୍ୱ ବିଭାଗର ଆପତ୍ତି

# 'ମୁଖ୍ୟ ମନ୍ଦିରର କ୍ଷତି ନ ଘଟାଇ ହେଉଛି ନବୀକରଣ'

**କଟକ, ୩।୩(ସମିସ)**

କଟକ ସଦର ବ୍ଲକ ପରମହଂସ ନାଥ ଦେବଙ୍କ ମନ୍ଦିର ରୂପାନ୍ତରୀକରଣ କାର୍ଯ୍ୟ ୪କୋଟି ୯୬ ଲକ୍ଷ ଟଙ୍କାରେ ଆରମ୍ଭ ହୋଇଛି। ୧୯୯୮ ମସିହାରୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଏହି ମନ୍ଦିରଟି ସୁରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷିତ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ବିଭାଗର ବିନା ଅନୁମତିରେ କାର୍ଯ୍ୟ ଚାଲିଛି। ତେଣୁ ପ୍ରତ୍ନତତ୍ତ୍ୱ ବିଭାଗ ଏହା ଉପରେ ଆପତ୍ତି ଉଠାଇ କଟକସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନକୁ ପତ୍ର ଲେଖିଥିଲା। ତେବେ ଅଦ୍ୟାବଧି ଏହି ପତ୍ର ଉପରେ ସମ୍ପୃକ୍ତ ଡିଭିଜନ କୌଣସି ପ୍ରତିକ୍ରିୟା ଦେଇନାହିଁ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ବରିଷ୍ଠ ଯନ୍ତ୍ରୀ ସରୋଜ କୁମାର ନାୟକ ଜଣାଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ମନ୍ଦିରର କିଛି କ୍ଷତି ନଘଟାଇ ରୂପାନ୍ତରୀକରଣ କାର୍ଯ୍ୟ କରାଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ୧୯୯୮ ମସିହାରୁ ଏହି ମନ୍ଦିରର ସୁରକ୍ଷା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ଚାଲିଯାଇଛି। କିନ୍ତୁ ଡିପିଆର୍ ପ୍ରସ୍ତୁତି ବେଳେ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ପ୍ରତ୍ନତତ୍ତ୍ୱ ବିଭାଗକୁ ନ ଜଣାଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ହେବାପରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୪୨୭୯/୧୨।୧୨।୨୦୨୩ରେ କଟକସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ ନମ୍ବର ୨କୁ ଜଣାଇଥିଲେ। ଏହି ପତ୍ରରେ ଓଡ଼ିଶା ପ୍ରାଚୀନ କୀର୍ତ୍ତି ସଂରକ୍ଷଣ ଆଇନ ୧୯୫୬ ଧାରା ୫ ଓ ୧୬ ମୁତାବକ ମୁଖ୍ୟ ମନ୍ଦିରର ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ସ୍ଥାୟୀ ନିର୍ମାଣ କଲେ ପ୍ରତ୍ନତତ୍ତ୍ୱ ବିଭାଗର ବିନା ଅନୁମତିରେ କିଛି ହୋଇପାରିବ ନାହିଁ। ଏହି ମନ୍ଦିର ମାମଲା ଏବେ ହାଇକୋର୍ଟରେ ଚାଲୁଥିବା ଯୋଗୁଁ ମନ୍ଦିରର ପରିଚାଳନା କମିଟି ଆଜି ପର୍ଯ୍ୟନ୍ତ ଗଠନ ହୋଇପାରିନାହିଁ। ତେଣୁ ଏବେ ମନ୍ଦିରଟି କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ଓ ଦେବୋତ୍ତର ଆୟୁକ୍ତଙ୍କ ନିୟନ୍ତ୍ରଣରେ ରହିଛି। ଡିପିଆର୍ ପ୍ରସ୍ତୁତବେଳେ ଆୟୁକ୍ତଙ୍କ ଅନୁମତି କିମ୍ବା ଉପଦେଶ ନିଆଯାଇ ନାହିଁ ବୋଲି ରାସ୍ତା ଓ କୋଠାବାଡ଼ି ଡିଭିଜନ ନମ୍ବର ୨ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ପତ୍ର ସଂଖ୍ୟା ୯୩୨୧/୩୦।୧୨।୨୦୨୩ ରେ ଜଣାଇଥିଲେ। କାରଣ ମନ୍ଦିରଟି ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି ବୋଲି ସେହି ସମୟରେ କେହି ଜଣାଇ ନ ଥିବା ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ବର୍ତ୍ତମାନ ମନ୍ଦିରକୁ ସୁରକ୍ଷା ଦେବାପାଇଁ ୬ ମାସ ତଳେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମିତ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପାଚେରିର କିଛି ଅଂଶକୁ ମଧ୍ୟ ରାସ୍ତା ଓ କୋଠା ବାଡି ଡିଭିଜନ ପକ୍ଷରୁ ନିକଟରେ ଭାଙ୍ଗି ଦେବା ପରେ ଉଭୟ ବିଭାଗ ମଧ୍ୟରେ ବିବାଦ ଘନିଭୂତ ହୋଇଛି। ମନ୍ଦିର ପରିଚାଳନା କମିଟି ନଥିବା ବେଳେ କାହା ମତାମତରେ ଡିପିଆର ପ୍ରସ୍ତୁତ କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ମୁଖ୍ୟ ମନ୍ଦିରର କିଛି କ୍ଷତି ନଘଟାଇ ରୂପାନ୍ତରୀକରଣ କାର୍ଯ୍ୟ କରାଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।



## ପ୍ରଧାନଶିକ୍ଷୟିତ୍ରୀଙ୍କ ଜନ୍ମଦିନ ପାଳିଲେ ଛାତ୍ରଛାତ୍ରୀ



ସାଲେପୁର, ୩।୩(ସମିସ): ଗୁରୁ-ଶିଷ୍ୟ ପରମ୍ପରା ଏକ ଅନନ୍ୟ ଉଦାହରଣ। ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥାନ୍ତି। କିନ୍ତୁ ସାଲେପୁର ବ୍ଲକ ବହୁଗ୍ରାମ ନିକଟସ୍ଥ ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତାଙ୍କର ପ୍ରିୟ ପ୍ରଧାନଶିକ୍ଷୟିତ୍ରୀ ସୁଷମା ବାରିକଙ୍କ ଜନ୍ମ ଦିବସ ପାଳନ କରିଛନ୍ତି। ଏହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି। ବିଦ୍ୟାଳୟର ଖେଳଛୁଟି ସମୟରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀ ଶ୍ରେଣୀ ପ୍ରକୋଷ୍ଠକୁ ଡାକିଥିଲେ। ଶିକ୍ଷୟିତ୍ରୀ ଶ୍ରେଣୀରେ ପ୍ରବେଶ କରି ଶ୍ରେଣୀଗୃହର ସାଜସଜ୍ଜା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିଆରା ଢଙ୍ଗରେ ବିଦ୍ୟାଳୟର ଛାତ୍ରଛାତ୍ରୀ କେକ୍ କାଟି ଶିକ୍ଷୟିତ୍ରୀଙ୍କ ଜନ୍ମଦିନର ଶୁଭକାମନା ଜଣାଇ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଆୟୁଷ୍ମାନ୍ ଆରୋଗ୍ୟ ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ



ସାଲେପୁର, ୩।୩ (ସମିସ): ସାଲେପୁର ବ୍ଲକ ଲୁଣାହାର ଗ୍ରାମସ୍ଥିତ ଭାନେଶ୍ୱରୀ କ୍ଲବ୍ ଠାରେ ଅସ୍ଥାୟୀ ଭାବେ ରବିବାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ତଥା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟିତ ହୋଇଯାଇଛି। ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସିଏଚ୍‌ଓ ସନ୍ତୋଷ କୁମାର ଚଇନି, ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ, ଆଶା କର୍ମୀ ସନ୍ତୋଷିନୀ ବେହେରା, ରୀନା ସେଠୀ ଏବଂ ସମସ୍ତ ଆଶାକର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୭ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ଭୂୟାଁ, ସୁନୀଲ ବେହେରା, ପ୍ରମୋଦ ଦାଶ, ପ୍ରଦୀପ୍ତ ଭୋଇ, ଦିବାକର ସାହୁ, ମହେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ



ମାହାଙ୍ଗା, ୩।୩ (ସମିସ): ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତସ୍ଥିତ କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମ ୧୯୮୭ ମସିହା ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଛତିଆସ୍ଥିତ ଶାନ୍ତିବନ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ପୂର୍ବତନ ସାଂସଦ ଅଞ୍ଜଳ ଦାସ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବୃନ୍ଦାବନ କର, ଭୀମସେନ ଦାଶ, ନିରଞ୍ଜନ ସେଣ୍ଠ, ପ୍ରଫୁଲ୍ଲ କୁମାର ଦାସ, ଅଜିତ କୁମାର ମିଶ୍ର, ପ୍ରତାପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଗୁରୁ ଓ ଶିଷ୍ୟ ପରମ୍ପରା ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟର କିପରି ଉନ୍ନତି ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଆମନ୍ତ୍ରିତ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନାମ ସାହୁ, ଅମରେଶ ଆଚାର୍ଯ୍ୟ, ଉତ୍ତମ ସାମଲ, କିରଣ ସାହୁ, ବାବାଜି ପରିଡ଼ା, ମନୋରଞ୍ଜନ ରାଉତ, ମହେଶ୍ୱର ବେହେରା, ସୁବାଷ ରାଉତ, ପଦନ ବେହେରା, ଝରଣା ସ୍ୱାଇଁ, ଗୁଞ୍ଜରୀ ପରିଡ଼ା, ପ୍ରଣତି ସାହୁ, ପ୍ରଭାସିନୀ ସ୍ୱାଇଁ, ଦୀପ୍ତିମୟୀ ଦାସ, ଦିପ୍ତୀରେଖା ଦାସ, ମିନାକ୍ଷୀ ସେଣ୍ଠ, ପ୍ରଭାତ କୁମାର ପଣ୍ଡାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ଛାତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି ଅତିଥି ପରିଚୟ, ସୁବ୍ରତ ନାୟକ ସ୍ୱାଗତ ଭାଷଣ ଓ ଅସିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମନ୍ତ୍ରୀ

# 'ନାରୀ ସଶକ୍ତ ହେଲେ ଦେଶର ବିକାଶ ସମ୍ଭବ'

ସାଲେପୁର, ୩।୩(ସମିସ)



ମହିଳା, ଶିଶୁ ବିକାଶ ଓ ମିଶନ୍ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ଦିନିକିଆ ସାଲେପୁର ଗସ୍ତ ଅବସରରେ ପ୍ରାୟ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିବା ଜଣାଯାଇଛି। ସାଲେପୁର ବ୍ଲକର ଏମ୍‌ବିକେ, ସିଆରପିମାନେ ଏକ ସ୍କୁଟି ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ଶିଶୁଆ ଡାକବଙ୍ଗଳାରୁ ଆଣି ସାଲେପୁର ବ୍ଲକ କଲୋନୀ ପରିସରରେ ହୋଇଥିବା ମିଶନ୍ ଶକ୍ତି ନୂତନ ଗୃହର ଉଦ୍‌ଘାଟନସ୍ଥଳରେ ପହଞ୍ଚାଇଥିଲେ। ମନ୍ତ୍ରୀ ପ୍ରଥମେ ସାଲେପୁର ସାତବାଟିଆଠାରେ ପହଞ୍ଚିବାପରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମଙ୍କୁ ଶୋଭାଯାତ୍ରାରେ ସାଲେପୁର ବ୍ଲକର କେନ୍ଦ୍ରାପଡ଼ା କେନାଲ ଉପରେ ସାତବାଟିଆ ହୁରାସାହି ଓ ମଧ୍ୟକଚ୍ଛ ପଞ୍ଚାୟତ ଆଡୋଡ଼ାଠାରେ ୨ଟି ବିଜୁ ସେତୁର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ସିଙ୍ଗମାପୁରଠାରେ ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସିଡ଼ୋ ପରିଡ଼ା ସାହି ରାସ୍ତାର ଶୁଭ ଶିଳାନ୍ୟାସ, ମିର୍ଜାପୁର-ଛୋଟିପଡ଼ା ଖଣ୍ଡାୟତ ସାହି ରାସ୍ତାର ଶୁଭଶିଳାନ୍ୟାସ, ଗୋବରୀ ନଦୀ ଉପରେ ଚାଷୀମାନଙ୍କ ଜଳସେଚନ ସୁବିଧା ପାଇଁ ଡ୍ରେନେଜ୍‌ର ଶିଳାନ୍ୟାସ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇସୁଣ୍ଡଡ଼ା-କୁସମ୍ବୀ ରାସ୍ତାର ଶିଳାନ୍ୟାସ, କରମୁଆଁ-ଝରମୁହଁ ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ସାଲେପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ୪୦କୋଟି ଟଙ୍କା ବ୍ୟୟରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସେହିପରି ବ୍ଲକ କଲୋନୀ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ମିଶନ୍ ଶକ୍ତି ଭବନକୁ ଉଦ୍‌ଘାଟନ କରି ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ନାରୀମାନଙ୍କ ବିକାଶ ଦିଗରେ ନବୀନ ସରକାର ସବୁବେଳେ ସବୁ ସମୟରେ କାର୍ଯ୍ୟ କରିବା ସହ ନାରୀମାନେ ସଶକ୍ତ ହେଲେ ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବିଡିଓ ଖଗେଶ୍ୱର ପାତ୍ର, ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ସିଡିପିଓ ସୁଷମା ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ମଧ୍ୟକଚ୍ଛ ସରପଞ୍ଚ ସଞ୍ଜୟ ବେହୁରା, ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ନବକିଶୋର କର, ଦ୍ୱୀପାଞ୍ଚଳର ଯୁବନେତା ଚିତ୍ତରଞ୍ଜନ ପୁହାଣ, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ସମିତିସଭ୍ୟା ଗୌତମୀ ମଲ୍ଲିକ, ପୁଷ୍ପିତା ଭୂୟାଁ, ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ସାଂସଦ ପ୍ରତିନିଧି ଗୁଲରେଜ ଅଲୀ, ବିଜେଡି ନେତା ପୁଷ୍ପକ ମହାନ୍ତି, ଯୁବନେତା ବିରଞ୍ଚିନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, ପୂର୍ବତନ ସମିତିସଭ୍ୟ ବିଭୂତିଭୂଷଣ ଦାଶ, ରାଜେଶ ମହାନ୍ତି, ଆମ୍ରୋ ସଭାପତି ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଯୁବନେତା ବିଶ୍ୱଜିତ୍ ଚାଟାର୍ଜୀ, ସେକ୍ ସମିମ୍ ଅଖତର, ରଣଜିତ୍ ଦାସଙ୍କ ସମେତ ସାଲେପୁର ବ୍ଲକର ଏମ୍‌ବିକେ, ସିଆର୍‌ପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟା ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ମାହାଙ୍ଗା ମହିଳା ବିଜେଡିର ନୂତନ କର୍ମକର୍ତ୍ତା



ମାହାଙ୍ଗ, ୩।୩(ସମିସ)

୨୦୨୪ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ମାହାଙ୍ଗା ମହିଳା ବିଜେଡିର ୫୨ ଜଣିଆ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସୁପାରିଶ ଏବଂ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ଅନୁମୋଦନକ୍ରମେ ବ୍ଲକର ୫୨ ଜଣ ଓ ୩୭ଟି ପଞ୍ଚାୟତର ୭୪ ଜଣ ପଞ୍ଚାୟତ ସଭାନେତ୍ରୀ ଓ ସମ୍ପାଦିକା ନିଯୁକ୍ତି କରାଯାଇଛି। ଏହି ଅବସରରେ ମାହାଙ୍ଗା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ସୁସ୍ମିତା ଦାସଙ୍କ ସଭାପତିତ୍ୱରେ କୁଆଁପାଳସ୍ଥିତ 'ପ୍ରତିଭା' ପରିସରରେ ଏକ ବୈଠକରେ ଏହି ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବ୍ଲକର ୫୨ ଜଣିଆ କମିଟିରେ ଜଣେ ସଭାପତିଙ୍କ ସହ ୨୦ଜଣ ଉପସଭାପତି ଏବଂ ୧୪ ସାଧାରଣ ସମ୍ପାଦକ ଓ ୧୭ ଜଣ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ମହିଳା ଫେଡେରେସନ୍ ସଭାପତି ସସ୍ମିତା ମହାନ୍ତି, ସମ୍ପାଦିକା ମମତା ରାଉତ, ଜୟନ୍ତୀ ସାହୁ, ସନ୍ଧ୍ୟାରାଣୀ ମହାନ୍ତି, ରାଧାରାଣୀ ଜେନା, ଯଶୋଦା ମହାନ୍ତି, ବନଲତା ଦଳାଇ, ମନ୍ଦାକିନୀ ସ୍ୱାଇଁ, କବିତା ଦାସ, ସସ୍ମିତା ସ୍ୱାଇଁ, ଆରତୀ ନାୟକଙ୍କ ସମେତ ବହୁ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେଣୁ ମାହାଙ୍ଗା ନବଗଠିତ ମହିଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ପରିବାର ପକ୍ଷରୁ ଯୁବ ଭୋଟର ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୩।୩(ସମିସ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିବାର' ଆନୁକୂଲ୍ୟରେ ନେହେରୁ ଯୁବକେନ୍ଦ୍ର କଟକଙ୍କ ସହଯୋଗରେ ଯୁବ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନତକାଇ ପଞ୍ଚାୟତର ଏକରୁଖି, ବଣୁଆ ସାହି, ଖସାଅଣ୍ଟା ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରି ନୂତନ ଯୁବ ଭୋଟର ତାଲିକା ସଂଯୋଗ ଏବଂ ଭୋଟର ସଚେତନତା ବିଷୟରେ ବିଭିନ୍ନ ସ୍ଲୋଗାନ ଦିଆଯାଇ ସଚେତନ କରାଯାଇଥିଲା। ପରିବାରର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଶକ୍ତିଶ୍ୱର ପୀଠରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଶିକ୍ଷାବିତ୍ ଶାରଦାପ୍ରସାଦ ମିଶ୍ର, ଅନୁଷ୍ଠାନର ସଭାପତି ବଲ୍ଲଭଚରଣ ପଲେଇ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ରାଉତ, ଯୁବ ସଂଗଠକ ସୁଧାଂଶୁ ବେଜ ପ୍ରମୁଖ ଯୋଗଦେଇ ଭୋଟଦାନର ଗୁରୁତ୍ୱ, ଭାରତୀୟ ସମ୍ବିଧାନରେ ଥିବା ମୌଳିକଅଧିକାର ଓ ଏହାର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ବେହେରା, ବିଷ୍ଣୁଚରଣ ବେହେରା, ଜୟରାମ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ କବିପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଜାତୀୟ ପୋଲିଓ ଦିବସ

ଚୌଦ୍ୱାର, ୩।୩(ସମିସ): ଜାତୀୟ ପୋଲିଓ ଦିବସ ଅବସରରେ ରବିବାର ଠାରୁ ଚୌଦ୍ୱାର ପୌରପାଳିକାରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରବିବାର ପୌରପାଳିକାର ୧୯ଟି ୱାର୍ଡରେ ଖୋଲା ଯାଇଥିବା ବୁଥ୍‌ମାନଙ୍କରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀ ପିଲାମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ପ୍ରଥମ ଦିବସରେ ପୌରାଞ୍ଚଳର ମୋଟ ୨୭୯୫ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଆସନ୍ତା ସୋମବାର, ମଙ୍ଗଳବାର ଓ ବୁଧବାର ପୋଲିଓ ଦଳର ସଦସ୍ୟମାନେ ଘରକୁ ଘର ଯାଇ ପୋଲିଓ ଖାଇ ନଥିବା ପିଲାମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ପ୍ରକାଶ।




## ଯୁବତୀଙ୍କୁ ଗର୍ଭବତୀ କରାଇ ଯୁବକ ଗିରଫ

ସାଲେପୁର, ୩।୩ (ସମିସ): ଜଣେ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରି ୫ମାସର ଗର୍ଭବତୀ କରିବା ଅଭିଯୋଗରେ ରବିବାର ସାଲେପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଯୁବତୀର ପିତାଙ୍କ ଅଭିଯୋଗ କ୍ରମେ ସାଲେପୁର ପୁଲିସ ୧୦୪/୨୦୨୪ରେ ଏକ ମାମଲା ରୁଜୁ କରି ସାଲେପୁର ଥାନା ଅଞ୍ଚଳର ରାଜେନ୍ଦ୍ର ସାହୁକୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ରାଜେନ୍ଦ୍ର ସାହୁ ନିଜ ଗ୍ରାମର ଜଣେ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ତାକୁ ୫ମାସର ଗର୍ଭବତୀ କରିଥିବାର ଯୁବତୀର ପିତା ଜାଣିବାପରେ ଏ ସମ୍ପର୍କରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଯୁବତୀଙ୍କୁ ଗିରଫ କରି ଡାକ୍ତରୀମାଇନା କଳାପରେ ଆଜି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

### ଯୁବ ଅହମଦୀୟା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଶରଧାପୁରକୁ ହରାଇ ୟୁଥ୍ କ୍ଲବ୍ ଚାମ୍ପିଅନ୍

ଟିଗିରିଆ, ୩।୩ (ସମିସ)




ଟିଗିରିଆ ବ୍ଲକ କରଡ଼ାପଲ୍ଲୀ ଫୁଟବଲ ପଡ଼ିଆଠାରେ ଯୁବ ଅହମଦିୟା କରଡ଼ାପଲ୍ଲୀ ଦ୍ୱାରା ଆୟୋଜିତ ୭ମ ଯୁବ ଅହମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏସନ (ଖୋର୍ଦ୍ଧା) କୁ ୧-୦ ଗୋଲରେ ପରାସ୍ତ କରି ୟୁଥ୍ କ୍ଲବ୍ କରଡ଼ାପଲ୍ଲୀ ଦଳ ଚଳିତ ବର୍ଷ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ଖେଳଟି ସଂଘର୍ଷପୂର୍ଣ୍ଣ ଥିଲା। ଖେଳର ୩ ମିନିଟ୍‌ରେ କରଡ଼ାପଲ୍ଲୀ ଦଳର ୧୫ ନଂ ଖେଳାଳି ଅମିତ ନାୟକ ଏକମାତ୍ର ଗୋଲ ସ୍କୋର୍ କରି ଦଳକୁ ବିଜୟୀ କରିଥିଲେ। ପରାଜିତ ଶରଧାପୁର ଦଳ ଗୋଲ ସ୍କୋର କରିବାକୁ ବହୁତ ସୁଯୋଗ ପାଇଥିଲେ ହେଁ ଖେଳ ଶେଷ ସୁଦ୍ଧା କୌଣସି ଗୋଲ ସ୍କୋର କରିନପାରି ପରାଜୟ ବରଣ କରିଥିଲା। ଆଜିର ଖେଳରେ ମୁଖ୍ୟଅତିଥି ରୂପେ ବିଜୁ ଜନତା ଦଳର ଆଠଗଡ଼-ଟିଗିରିଆ ନିର୍ବାଚନ ମଣ୍ଡଳୀ ଯୁବ ସଂଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମିଶନଶକ୍ତି ସଭାନେତ୍ରୀ ସମସୁରା ବେଗମ, ଯୁବନେତା ପନିଆଁ ଖାଁ, ବୃଦ୍ଧ ଅହମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ, କରଡ଼ାପଲ୍ଲୀ ଗ୍ରାମ୍ୟ ଉପସଭାପତି ସେକ୍ ଅବଦୁଲ ତୋୟବ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ରନର୍ସଅପ୍ ଶରଧାପୁର ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଚାମ୍ପିଅନ୍ ୟୁଥ୍ କ୍ଲବ କରଡ଼ାପଲ୍ଲୀ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା, ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଶରଧାପୁର ଦଳର ସୌମ୍ୟରଞ୍ଜନ ସ୍ୱାଇଁ, ଶ୍ରେଷ୍ଠ ଗୋଲ କିପର ଭାବେ ସେକ୍ କମାଲ, ସେକ୍ ଫରିଦଙ୍କୁ ପୁରସ୍କୃତ କରିଥିଲେ। ସଞ୍ଜୀବ କୁମାର ଦାଶଙ୍କ ପରିଚାଳନାରେ ଆୟୋଜିତ ଫାଇନାଲ୍ ମ୍ୟାଚରେ ଶକ୍ତିରଞ୍ଜନ ମହାପାତ୍ର ଓ ସିରୋଜ୍ ବକ୍ସ ଲାଇନ୍‌ରେ ସହାୟତା କରିଥିଲେ।

## ଯୁବକ ସଂଘ ରୌପ୍ୟ ଜୟନ୍ତୀରେ କ୍ରିକେଟ ପ୍ରତିଯୋଗିତା




ନିଶ୍ଚିନ୍ତକୋଇଲି, ୩।୩ (ସମିସ): ରାମକୃଷ୍ଣପୁର ପଞ୍ଚାୟତସ୍ଥିତ ଦହପଡ଼ା ଯୁବକ ସଂଘର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ଏବଂ ଚଳିତ ବର୍ଷର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଯୁବନେତା ସେକ୍ ସଦାମ୍‌ଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମକୁ ପିସିସିର ସଭ୍ୟ ତଥା ମାହାଙ୍ଗା କଂଗ୍ରେସ ନେତା ପ୍ରଦୀପ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ କଂଗ୍ରେସ ନେତା ଇଂ. ସିଦ୍ଧାର୍ଥସ୍ୱରୂପ ଦାସ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ତଫିମୁଲ କନିଅନ୍, ସୟଦ ଅବଦୁଲ କୁଦୁସ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ରାଉତ, କଂଗ୍ରେସ ଯୁବନେତା ସଞ୍ଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଗ୍ରାମାଞ୍ଚଳ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଚାମ୍ପିଅନ୍ ଓ ରନସର୍‌ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଯୁବକ ସଂଘର ସଭାପତି, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହରିନାଥପୁର ପ୍ରିମିୟର ଲିଗ୍ କ୍ରିକେଟ



ଚୌଦ୍ୱାର, ୩।୩(ସମିସ): ଚୌଦ୍ୱାର ପୌରପାଳିକା ୧୪ ନମ୍ବର ୱାର୍ଡ ହରିନାଥପୁରରେ ଏକଦିବସୀୟ ଦିବାରାତ୍ର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ୬ଟି କ୍ରିକେଟ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ସିଲୁ ଟାଇଗର ଓ ଷ୍ଟାଇଲ୍ ଟାଇଗର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସିଲୁ ଟାଇଗର ଦଳ ଷ୍ଟାଇଲ୍ ଟାଇଗର ଦଳକୁ ହରାଇ ଚାମ୍ପିଅନ୍ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ବିଜେଡି ମହିଳାମୋର୍ଚ୍ଚା ସମ୍ପାଦିକା ସବିତା ନାୟକ, କାଉନସିଲର ଆଶୁତୋଷ ଦାସ, ପ୍ରକାଶ ନାୟକ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସ୍ଥାନୀୟ ଗୋଲଡେନ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ବଳ, ତାପସ ପାତ୍ର, ଅନୀଲ ଖୁଣ୍ଟିଆ, ସଞ୍ଜିତ୍ ମହାନ୍ତି, ପପୁନା ପାତ୍ରଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୧୫ • ପାଉଣ୍ଡ ୧୦୪.୫୫
- ୟୁରୋ ୮୯.୯୪ • ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୭୫୦ (ନୂଆଦିଲ୍ଲୀ)
- ରୁପା : ୭୩,୬୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୮୦୬.୦୦
- ନିଫ୍ଟି ୨୨,୩୭୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

# କର୍ମଚାରୀଙ୍କୁ ଫେବୃଆରୀ ମାସର ଦରମା ଦେବାକୁ ଅସମର୍ଥ ବାଇଜୁସ୍

## ଚିଠି ଲେଖି କର୍ମଚାରୀଙ୍କୁ ଜଣାଇଲେ ରବୀନ୍ଦ୍ରନ

**ନୂଆଦିଲ୍ଲୀ,୩।୩(ଏଜେନ୍ସି):** ଦୀର୍ଘ ଦିନ ହେବ ବାଇଜୁସ୍ ସମସ୍ୟା ଦେଇ ଗତି କରୁଛି। ଏବେ କମ୍ପାନୀର କର୍ମଚାରୀମାନଙ୍କ ପାଇଁ ଆଉ ଏକ ଖରାପ ଖବର ସାମ୍ନାକୁ ଆସିଛି। କମ୍ପାନୀର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନ ଶନିବାର ଦିନ ନିଜ କର୍ମଚାରୀମାନଙ୍କୁ ସୂଚନା ଜାରି କରିଛନ୍ତି ଯେ, ସେ ଫେବୃଆରୀ ମାସର ଦରମା ଦେବାକୁ ଅସମର୍ଥ। ରବୀନ୍ଦ୍ରନ ଏବଂ କମ୍ପାନୀର କିଛି ନିବେଶକଙ୍କ ମଧ୍ୟରେ ବହୁ ସମୟରୁ ବିବାଦ ଚାଲିଆସୁଛି। ପ୍ରତିଷ୍ଠାତା କହିଛନ୍ତି ଯେ, କିଛି ନିବେଶକଙ୍କ ସହ ଚାଲୁଥିବା ବିବାଦ କାରଣରୁ ରାଇଟ୍ସ ଇସ୍ୟୁର ରାଶି ଅଲଗା ଆକାଉଣ୍ଟରେ ଲକ ହୋଇଯାଇଛି, ଯେଉଁ କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବାଇଜୁସ୍ ପ୍ରତିଷ୍ଠାତା ରବୀନ୍ଦ୍ରନ କର୍ମଚାରୀମାନଙ୍କୁ ମାମଲାକୁ ନେଇ ଚିଠି ଲେଖି ସୂଚନା ଦେଇଛି ଯେ, କମ୍ପାନୀର ନିଜର କିଛି ନିବେଶକଙ୍କ ମଧ୍ୟରେ ବିବାଦ ଚାଲିଛି। ନିବେଶକମାନେ ରାଇଟସ ଇସ୍ୟୁର ରାଶିକୁ ଅନ୍ୟ ଆକାଉଣ୍ଟରେ ରଖି ଲକ୍ କରିଦେଇଛନ୍ତି। ଏହି କାରଣରୁ କମ୍ପାନୀ ଏହି ଟଙ୍କାକୁ ଉପଯୋଗ କରିବା ଲାଗି ଅସମର୍ଥ। ଏହାବ୍ୟତୀତ କମ୍ପାନୀ ପାଖରେ ଯେତିକି ପାଣ୍ଠି ରହିଛି, ସେଥିରୁ ସେ ନିଜ ସ୍ୱଳ୍ପକାଳୀନ ଆବଶ୍ୟକତାକୁ ପୂରଣ କରାଯାଉଛି। ରବୀନ୍ଦ୍ରନ୍ ତାଙ୍କ ଚିଠିରେ ମଧ୍ୟ କହିଛନ୍ତି ଯେ, କମ୍ପାନୀ ଫେବୃଆରୀ ମାସର ଦରମା କର୍ମଚାରୀମାନଙ୍କୁ ମାର୍ଚ୍ଚ ମାସ ସୁଦ୍ଧା ଦେବାକୁ ଯଥା ସମ୍ଭବ ଚେଷ୍ଟା କରୁଛି, କିନ୍ତୁ ଯେତେବେଳେ ଆଇନ ସେମାନଙ୍କୁ ଅନୁମତି ଦେବ ସେତେବେଳେ ସେମାନେ ତାହା କରିପାରିବେ। ରବୀନ୍ଦ୍ରନ୍ କହିଛନ୍ତି ଯେ ଗତ ମାସରେ କମ୍ପାନୀକୁ ଆଇନଗତ ପ୍ରକ୍ରିୟା ହେତୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ବର୍ତ୍ତମାନ ଅର୍ଥ ଥାଇ ମଧ୍ୟ ଏହା ସମସ୍ୟାର ସମ୍ମୁଖୀନ ହେଉଛି।

## ପାରିବାରିକ ଉପଯୋଗିତା ବ୍ୟୟ ସର୍ବେକ୍ଷଣ ରିପୋର୍ଟ

# ପାନ, ତମାଖୁରେ ଲୋକଙ୍କ ଖର୍ଚ୍ଚ ବଢ଼ିଛି

**ନୂଆଦିଲ୍ଲୀ,୩।୩(ଏଜେନ୍ସି)**

ସମ୍ପ୍ରତି ଦେଶରେ ଲୋକେ ପାନ ଏବଂ ତମାଖୁ ଆଦି ନିଶାଦ୍ରବ୍ୟରେ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ ପାନ, ତମାଖୁ ଭଳି ଅନ୍ୟ ନିଶାଦ୍ରବ୍ୟ ଖାଇବାରେ ୧୦ବର୍ଷ ତଳେ(୨୦୧୧-୧୨ରେ) ସେମାନଙ୍କର ଆୟର ଯେତେ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଥିଲେ ବର୍ତ୍ତମାନ ୨୦୨୨-୨୩ରେ ତାହାଠାରୁ ଅଧିକ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟର ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା(ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ପ୍ରକାଶିତ ପାରିବାରିକ ଉପଯୋଗିତା ବ୍ୟୟ



ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ୨୦୧୧-୧୨ରେ ଲୋକେ ସେମାନଙ୍କ ଆୟର ୩.୨୧% ପାନ, ତମାଖୁ ଭଳି ଅନ୍ୟ ନିଶାଦ୍ରବ୍ୟ କିଣିବାରେ ଖର୍ଚ୍ଚ କରିଛନ୍ତି। ତେବେ ୨୦୨୨-୨୩ରେ ଗ୍ରାମାଞ୍ଚଳର ଲୋକଙ୍କର ଏହି ବାବଦ ଖର୍ଚ୍ଚ ବୃଦ୍ଧି ପାଇ ୩.୭୯%ରେ ପହଞ୍ଚିଛି। ସହରାଞ୍ଚଳରେ ଏହି ସମୟରେ ନିଶାଦ୍ରବ୍ୟ କିଣିବାରେ ଲୋକଙ୍କ ଖର୍ଚ୍ଚ ୧.୬୧%ରୁ ବଢ଼ି

**ଆୟର ୩.୭୯% ଅର୍ଥ ନିଶା ସେବନରେ ଖର୍ଚ୍ଚ : ଏନ୍‌ଏସ୍‌ଏସ୍‌ଓ**

୨.୪୩%ରେ ପହଞ୍ଚିଯାଇଛି।

ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସହରାଞ୍ଚଳରେ ୨୦୧୧-୧୨ରେ ହାରାହାରି ମାସିକ ମୁଣ୍ଡପିଛା ଉପଯୋଗିତା ବ୍ୟୟ ୨୬୩୦ ଟଙ୍କା ରହିଥିବାବେଳେ ୨୦୨୨-୨୩ରେ ତାହା(ଦରଦାମ୍ ବୃଦ୍ଧିକୁ ଆଡଜଷ୍ଟ କରାଯାଇ) ୩୫୪୪ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଏହି ସମାନ ସମୟରେ ସହରାଞ୍ଚଳରେ ପରିବାରଗୁଡ଼ିକର ଶିକ୍ଷା ବାବତ ଖର୍ଚ୍ଚ ଆୟର ୬.୯୦%ରୁ ୫.୭୮%କୁ ହ୍ରାସ ପାଇଛି। ତେବେ ଗ୍ରାମାଞ୍ଚଳର ପରିବାରଗୁଡ଼ିକରେ ମଧ୍ୟ ଶିକ୍ଷା ବାବଦ ବ୍ୟୟ ଗତ ୧୦ ବର୍ଷରେ ଆୟର ୩.୪୯%ରୁ ହ୍ରାସ ପାଇ ୩.୩୦%ରେ ପହଁଞ୍ଚିଛି। ସେହିଭଳି ସହରାଞ୍ଚଳରେ ଲୋକେ ୨୦୨୨-୨୩ରେ ଆୟର ୧୦.୬୪% ମୃଦୁ ପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟ ବାବଦରେ ବ୍ୟୟ କରିଛନ୍ତି ଯାହା ୧୦ବର୍ଷ ତଳେ ଆୟର ୮.୯୮% ରହିଥିଲା। ଗ୍ରାମାଞ୍ଚଳରେ ଏ ସମ୍ପର୍କିତ ଖର୍ଚ୍ଚ ହାର ୧୦ ବର୍ଷରେ ୭.୯୦%ରୁ ୯.୬୨%କୁ ବୃଦ୍ଧି ପାଇଛି। ସେହିପରି ଗମନାଗମନ କ୍ଷେତ୍ରରେ ସହରାଞ୍ଚଳରେ ଲୋକେ ୨୦୨୨-୨୩ରେ ଆୟର ୮.୫୯% ବ୍ୟୟ କରିଛନ୍ତି, ଯାହା ୧୦ବର୍ଷ ତଳେ ଆୟର ୬.୫୨% ରହିଥିଲା। ଗ୍ରାମାଞ୍ଚଳରେ ଏହି ହାର ୧୦ ବର୍ଷରେ ୪.୨୦%ରୁ ବଢ଼ି ୭.୫୫% ହୋଇଛି।

# ଗ୍ରୀଷ୍ମ ପାଇଁ ଟିପିସିଓଡିଏଲ୍‌ର ବ୍ୟାପକ ପ୍ରସ୍ତୁତି



**ଭୁବନେଶ୍ୱର, ୩।୩(ସମିସ):** ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଚାହିଦାକୁ ପୂରଣ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୩୨୯ ମେଗାୱାଟ୍ ଚାହିଦା ପୂରଣ କରିବା ଦିଗରେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ନିଜର ଭିତ୍ତିଭୂମି ଓ ବୈଷୟିକ ଦକ୍ଷତା ବୃଦ୍ଧି ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଂଟର (ସିପିଏସସିସି) ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ର ସମଗ୍ର ବିତରଣ ନେଟୱାର୍କର ବାସ୍ତବ ସମୟ ନିରୀକ୍ଷଣ ପାଇଁ ହବ୍ ଭାବେ କାର୍ଯ୍ୟ କରୁଛି। ସୁପରଭାଇଜରି ନିୟନ୍ତ୍ରଣ ଏବଂ ଡାଟା ଅଧିଗ୍ରହଣ (ଏସସିଏଡ଼ିଏ) ଏବଂ ଉନ୍ନତ ବିତରଣ ପରିଚାଳନା ପ୍ରଣାଳୀର ବ୍ୟବହାର ମାଧ୍ୟମରେ ଟିପିସିଓଡିଏଲ୍ ସବ୍‌ଷ୍ଟେସନ୍ ଏବଂ ନେଟୱାର୍କଗୁଡିକୁ ପ୍ରଭାବଶାଳୀ ଭାବରେ ନିରୀକ୍ଷଣ କରିପାରୁଛି ଏବଂ ଅବଶିଷ୍ଟ ସବ୍‌ଷ୍ଟେସନଗୁଡ଼ିକୁ ଧୀରେ ଧୀରେ ସ୍ୱୟଂଚାଳିତ କରିବାର ଯୋଜନା ରହିଛି।

# ୪୪ ହଜାର ରେଳ ବଗିରେ ଲାଗିବ କ୍ୟାମେରା

## ମାସ୍କ ପିନ୍ଧିଥିଲେ ବି ଅପରାଧିଙ୍କୁ ଚିହ୍ନଟ କରିବ ଇମେଜ୍ କ୍ରପିଂ ଟୁଲ୍

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି):** ଏବେ ଟ୍ରେନ୍ ବିମାନବନ୍ଦର ଭଳି ହାଇଟେକ୍ ହେବାକୁ ଯାଉଛି। ରେଳବାଇ ୪୪ ହଜାର ବଗିରେ ମୁହଁ ଚିହ୍ନଟ କରିପାରୁଥିବା ସିସିଟିଭି କ୍ୟାମେରା ଲଗାଇବା ପାଇଁ ନିଷ୍ପତ୍ତି ନେଇଛି। ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହା ଅଧିନରେ ସେଣ୍ଟ୍ରାଲ ରେଳବାଇ, ପଶ୍ଚିମ ରେଳବାଇ, ପୂର୍ବ ରେଳବାଇ ସହିତ ଅନ୍ୟ ରେଳମାର୍ଗରେ ଚାଲୁଥିବା ଟ୍ରେନ୍‌ରେ କ୍ୟାମେରା ଲଗାଯିବ। ୩୮ ହଜାରରୁ ଅଧିକ ବଗିରେ ୮ଟି ଲେଖାଏଁ କ୍ୟାମେରା, ୨୭୦୦ ବଗିରେ ୫ଟି ଲେଖାଏଁ, ୨ ହଜାର ବଗିରେ ୪ଟି ଲେଖାଏଁ ଏବଂ ୯୬୦ ବଗିରେ ୬ଟି ଲେଖାଏଁ କ୍ୟାମେରା ଲାଗିବ। ଏହା ଲାଗିବା ପରେ ଆପରାଧିକ କାର୍ଯ୍ୟକଳାପ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଟେଣ୍ଡର ସର୍ତ୍ତ ଅନୁଯାୟୀ ଲାଗିବାକୁ ଥିବା କ୍ୟାମେରାରେ 'ଇମେଜ କ୍ରପିଂ ଟୁଲ୍' ରହିବା ଜରୁରୀ। କାରଣ ଏହା ମାସ୍କ, ଚଷମା, ସ୍କାର୍ଫ ପିନ୍ଧା ଅପରାଧୀଙ୍କୁ ମଧ୍ୟ ଚିହ୍ନଟ କରିଦେବ। ଫେସ ରିକଗନେସନ କ୍ୟାମେରା ଉଠାଇଥିବା ଫଟୋକୁ ରିୟଲ ଟାଇମ (ବାସ୍ତବ ସମୟ)ରେ ଅପରାଧିଙ୍କ ଡାଟାବେସ୍ ସହ ସଂଯୋଗ କରାଯିବ। ଏହା ଦ୍ୱାରା ଫଟୋ ଚିହ୍ନଟ କରିବାରେ ସହାୟକ ହେବ। ଫେସ ମାସ୍କ ଲାଗିଥିଲେ ବି ୯୫ ପ୍ରତିଶତ ପର୍ଯ୍ୟନ୍ତ ଚିହ୍ନଟ କରିହେବ।



## ନିର୍ମାଣ ହେବ ୧୦୦୦ରୁ ଅଧିକ ଅମୃତ ଭାରତ ଟ୍ରେନ୍ :ରେଳ ମନ୍ତ୍ରୀ

**ନୂଆଦିଲ୍ଲୀ,୩।୩(ଏଜେନ୍ସି):** ଆସନ୍ତା ବର୍ଷଗୁଡିକରେ ଭାରତରେ ଅତି କମରେ ୧୦୦୦ ନୂତନ ପିଢ଼ିର ଅମୃତ ଭାରତ ଟ୍ରେନ୍ ଉତ୍ପାଦନ କରାଯିବ, ଯାହାର ବେଗ ୨୫୦ କିଲୋମିଟର ରହିବ। ବର୍ତ୍ତମାନ ଏଭଳି ଟ୍ରେନର ନିର୍ମାଣ କାର୍ଯ୍ୟ ଚାଲିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରେଳବାଇ ବନ୍ଦେ ଭାରତ ଟ୍ରେନର ରପ୍ତାନି ଉପରେ କାମ ଆରମ୍ଭ କରିସାରିଛି। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଦେଶ ଏହି ଟ୍ରେନର ପ୍ରଥମ ରପ୍ତାନି ଦେଖିବାକୁ ଯାଉଛି। ନରେନ୍ଦ୍ର ମୋଦୀ ସରକାର ଗତ ୧୦ ବର୍ଷ ମଧ୍ୟରେ ରେଳବାଇ ଦ୍ୱାରା ହୋଇଥିବା କେତେକ ପରିବର୍ତ୍ତନମୂଳକ ପଦକ୍ଷେପ ବିଷୟରେ ସୂଚନା ଦେଇ ସେ କହିଛନ୍ତି ଯେ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ ବ୍ରିଜ ଏବଂ କୋଲକାତା ମେଟ୍ରୋ ପାଇଁ ପ୍ରଥମ ନଦୀ ଜଳ ଟନେଲ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ।

# ଡକ୍ଟର ଅଗ୍ରୱାଲ୍ସ ଆଇ ହସ୍ପିଟାଲ୍ ପକ୍ଷରୁ ମହିଳାଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୩।୩(ସମିସ):** ମାର୍ଚ୍ଚ ୮ ରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭାରତର ସର୍ବବୃହତ ଚକ୍ଷୁ ଚିକିତ୍ସାଳୟ ମଧ୍ୟରୁ ଅନ୍ୟତମ ଡକ୍ଟର ଅଗ୍ରୱାଲ୍ସ ଆଇ ହସ୍ପିଟାଲ୍ ପକ୍ଷରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଶାଖାରେ ସମସ୍ତ ବୟସବର୍ଗର ମହିଳାଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ଗର୍ଭାବସ୍ଥା ଜନିତ ଉଚ୍ଚ ରକ୍ତ.ପ, ମେନୋପୋଜ୍ ଏବଂ ପେରିମେନୋପୋଜ କାରଣରୁ ଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟା ସମେତ ମହିଳାମାନଙ୍କ ମଧ୍ୟରେ ଅନ୍ୟ ସାଧାରଣ ଚକ୍ଷୁ ରୋଗ ଏବଂ ବ୍ୟାଧିଗୁଡିକର ସ୍କ୍ରିନିଂ ପାଇଁ ଡାକ୍ତରଖାନା ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମାଗଣା ଚକ୍ଷୁ ପରୀକ୍ଷା ପାଇଁ ୯୫୯୪୯୨୪୧୦୨ ରେ ପଞ୍ଜୀକରଣ କରାଯାଇପାରିବ। ପୁରୁଷ ଏବଂ ମହିଳାଙ୍କ ଆଖିରେ ଗଠନ ଠାରୁ ଆରମ୍ଭ କରି ଜିନ୍ ଅଭିବ୍ୟକ୍ତି ଏବଂ ଅନ୍ୟାନ୍ୟ ଅଭିପ୍ରାୟରେ ପାର୍ଥକ୍ୟ ଥାଏ। ବାୟୋଲୋଜି, ହରମୋନ୍ ଏବଂ ଜୀବନର ପର୍ଯ୍ୟାୟ ବା ଘଟଣା ଭଳି ବିଭିନ୍ନ କାରଣ ପ୍ରଭାବିତ କରିପାରେ ଏବଂ କେତେକ ମହିଳାମାନେ କେତେକ ଦୃଷ୍ଟି ସମସ୍ୟା ପାଇଁ ଅଧିକ ସମ୍ବେଦନଶୀଳ ହୋଇପାରନ୍ତି। ଡକ୍ଟର ଅଗ୍ରୱାଲ୍ସ ଆଇ ହସ୍ପିଟାଲ୍ ପକ୍ଷରୁ ଚକ୍ଷୁ ରୋଗର ବିପଦକୁ କମ୍ କରିବା ପାଇଁ ମହିଳାମାନେ କ'ଣ ପଦକ୍ଷେପ ନେଇପାରିବେ ସେ ସମ୍ପର୍କରେ ସଚେତନତା ଅଧିବେଶନ ଆୟୋଜନ କରାଯିବ। ସମଗ୍ର ଓଡ଼ିଶାରେ ଏହି ହସ୍ପିଟାଲର ମାଗଣା ଚକ୍ଷୁ ପରୀକ୍ଷା ଏବଂ ସଚେତନତା ଅଭିଯାନ ମହିଳାମାନଙ୍କୁ ବିପଦ ବିଷୟରେ ସଚେତନ କରାଇବ, ଭଲ ଭାବରେ ଅବଗତ କରାଇବ ଏବଂ ଉନ୍ନତ ଚକ୍ଷୁ ସ୍ୱାସ୍ଥ୍ୟ ଫଳାଫଳ ପାଇଁ ଶୀଘ୍ର ରୋଗ ନିରୂପଣ ଏବଂ ଏହାର ପ୍ରତିକାର ବ୍ୟବସ୍ଥା କରିବ। ଗର୍ଭାବସ୍ଥାଜନିତ ଉଚ୍ଚ ରକ୍ତଚାପ ପ୍ରାୟ ୫-୮% ଗର୍ଭବତୀ ମହିଳାଙ୍କୁ ପ୍ରଭାବିତ କରିଥାଏ। ସେମାନେ ଏକ ପ୍ରସବ ପୂର୍ବ ସ୍କ୍ରିନିଂ ଆବଶ୍ୟକ କରନ୍ତି, ଏବଂ ଗର୍ଭାବସ୍ଥାରେ ଏହି ଅବସ୍ଥାର ଅଗ୍ରଗତି ଏବଂ ପରିଚାଳନା ବିଷୟରେ ପରାମର୍ଶ ପ୍ରାପ୍ତ କରିବା ଉଚିତ୍। ସେହିଭଳି ଲୁପସ୍, ସୋରିଆସିସ୍, ରେଇଟର୍ସ ସିଣ୍ଡ୍ରୋମ, ରିଉମାଟଏଡ୍ ଆର୍ଥ୍ରାଇଟିସ୍ ଓ ୟୁଭାଇଟିସ୍ ଭଳି ଅଟୋଇମ୍ୟୁନ ସମସ୍ୟାରେ ପୀଡ଼ିତ ଲୋକଙ୍କ ମଧ୍ୟରୁ ପ୍ରାୟ ୮୦% ହେଉଛନ୍ତି ମହିଳା।

# ଏଆଇ ମଡେଲ ଶୁଭାରମ୍ଭ ପୂର୍ବରୁ ନେବାକୁ ହେବ ଅନୁମତି

## କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩।୩(ଏଜେନ୍ସି):** ଆର୍ଟିଫିସିଆ ଇଣ୍ଟେଲଇଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମଡେଲର ଶୁଭାରମ୍ଭ ପୂର୍ବରୁ ଏଣିକି ନେବାକୁ ହେବ ସରକାରଙ୍କ ଅନୁମତି। ଶୁକ୍ରବାର କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଗୋଟିଏ ସଂସ୍ଥା ଏଆଇ ପ୍ଲାଟଫର୍ମରେ ଦେଶରେ ଏଆଇ ଉତ୍ପାଦ ଶୁଭାରମ୍ଭ କରିବା ପୂର୍ବରୁ ସରକାରଙ୍କ ଅନୁମତି ନେବାକୁ ହେବ। ଏହାସହ ସେ ୧୫ ଦିନ ମଧ୍ୟରେ ମନ୍ତ୍ରାଳୟକୁ କାର୍ଯ୍ୟାନୁଷ୍ଠାନ ସହ ସ୍ଥିତି ରିପୋର୍ଟ ପ୍ରସ୍ତୁତ କରିବାକୁ ମଧ୍ୟ କହିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, ଏଆଇ ଏଭଳି ପରିବର୍ତ୍ତନକାରୀ ଟେକନିକ୍, ଯାହାର କୌଣସି ସୀମା ନାହିଁ। ଏହା ଲାବ୍‌ରେ ପ୍ରସ୍ତୁତ ହେଉଛି ଏବଂ



ସିଧାସଳଖ ଜନତାଙ୍କ ପାଖରେ ପହଞ୍ଚିଯାଉଛି। ତେଣୁ ଏହା ଉପରେ ନିୟନ୍ତ୍ରଣ ମଧ୍ୟ ରହିବା ଦରକାର। ସରକାର ଏହା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ, କୌଣସି ସଂସ୍ଥା ନିଜର ଏଆଇ ମଡେଲକୁ ଟ୍ୟାଗ୍ ଦେବାକୁ ହେବ।ଯେଉଁଥିରେ ସେମାନଙ୍କୁ ଲେଖିବାକୁ ହେବ ଯେ, ଏହି ମଡେଲ ବର୍ତ୍ତମାନ ପରୀକ୍ଷଣ ସ୍ଥିତିରେ ଅଛି। ସେମାନଙ୍କୁ ସରକାରଙ୍କ ଅନୁମତି ନେବାକୁ ହେବ ଏବଂ ସ୍ପଷ୍ଟ ଭାବରେ ବ୍ୟବହାରୀଙ୍କୁ ସହମତି ନେବାକୁ ହେବ ଯେ, ପ୍ଲାଟଫର୍ମରେ ତ୍ରୁଟି ମଧ୍ୟ ଦେଖିବାକୁ ମିଳିପାରେ।

# ୫ ବର୍ଷରେ ଏଆଇ ମଣିଷ ଭଳି ଚିନ୍ତା ଓ କାର୍ଯ୍ୟ କରିବ

**ୱାଶିଂଟନ୍ ୩।୩ (ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଜେନେରାଲ ଇଣ୍ଟେଲିଜେନ୍ସ ବା ଏଜିଆଇ)ର କ୍ଷିପ୍ର ବିକାଶ ହେଉଛି। ଆସନ୍ତା ୫ବର୍ଷରେ ଏହି ପ୍ରାଦ୍ୟୋଗିକୀ କ୍ଷେତ୍ର ଏତେ ବିକଶିତ ହୋଇସାରିଥିବ ଯେ ମଣିଷ କରାଉଥିବା ଗଣିତ, ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଆଇନ, ମେଡିକାଲ, ଇଂଜିନିୟରିଂ, ମହାକାଶ ବିଜ୍ଞାନ ଆଦି ସମସ୍ତ ଧରଣର ଜଟିଳରୁ ଜଟିଳତର ପରୀକ୍ଷାରେ ଏଜିଆଇ ଅନାୟସରେ ପାସ୍ କରିବ। ମଣିଷ ଭଳି ଚିନ୍ତା କରୁଥିବା ଓ କାର୍ଯ୍ୟ କରୁଥିବା କମ୍ପ୍ୟୁଟର ଆଗାମୀ ଦିନରେ ଆସିବ। ବିଶ୍ୱବିଖ୍ୟାତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ




ଆୟୋଜିତ ଇକୋନୋମିକ୍ ଫୋରମ୍ ବୈଠକରେ ଏହା କହିଛନ୍ତି ଏନଭିଡିଆ କମ୍ପାନୀର ସଂସ୍ଥାପକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର(ସିଇଓ) ଜେନସନ୍ ହୁଆଙ୍ଗ୍। ହୁଆଙ୍ଗଙ୍କ କମ୍ପାନୀ ହେଉଛି ଏକ ଅଗ୍ରଣୀ ଏଆଇ ଚିପ୍-ମେକର କମ୍ପାନୀ। ହୁଆଙ୍ଗ କହିଛନ୍ତି ଏଆଇ ଆଗାମୀ ଦିନରେ କୋଡିଂକୁ ସମ୍ପୂର୍ଣ୍ଣ ଶେଷ କରିଦେବ। ବର୍ତ୍ତମାନ ଏଆଇ ଉପଯୋଗରେ ପ୍ରତ୍ୟେକ ବ୍ୟକ୍ତି ଜଣେ ପ୍ରୋଗାମର୍ ହୋଇପାରୁଛନ୍ତି। ତେବେ ମଣିଷର ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ତାହା ଉପରେ ବର୍ତ୍ତମାନ ଡାକ୍ତରୀ ଗବେଷଣା ଚାଲିଛି। ସେ ଗବେଷଣା ଯେତେଶୀଘ୍ର ଫଳପ୍ରଦ ହେବ ଏଆଇ ସେତେଶୀଘ୍ର ମଣିଷ ଭଳି ଚିନ୍ତା ଓ କାର୍ଯ୍ୟ କରିବାକୁ ସକ୍ଷମ ହେବ। ଆଗାମୀ ୫ବର୍ଷରେ ଏହା ସମ୍ଭବ ହୋଇପାରିବା ନେଇ ସେ ଆଶାବାଦୀ ବୋଲି ହୁଆଙ୍ଗ କହିଛନ୍ତି।

## ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ ବ୍ରୁକିଙ୍ଗ୍‌ସ ରିପୋର୍ଟ

# ଭାରତରେ ଆଉ ଅତି ଗରିବୀ ନାହିଁ

**ନୂଆଦିଲ୍ଲୀ,୩।୩(ଏଜେନ୍ସି)**

ଧୀରେ ଧୀରେ ଅତି ଗରିବୀରୁ ମୁକୁଳୁଛି ଭାରତ। ଦେଶରେ ଆଉ ଅତି ଗରିବ ଲୋକ ନାହାନ୍ତି। ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ୍ ବ୍ରୁକିଙ୍ଗ୍‌ସ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଦେଶ ଏବେ ଅତି ଗରିବି ସ୍ଥିତିରୁ ସମ୍ପୂର୍ଣ୍ଣ ରୂପେ ବାହାରିଯାଇଛି। ଭାରତରେ ଗରିବ ଲୋକଙ୍କ ସଂଖ୍ୟାରେ କ୍ରମାଗତ ଭାବେ ହ୍ରାସ ଘଟିବାରେ ଲାଗିଛି ।

ଅର୍ଥନୀତିଜ୍ଞଙ୍କ ସୁରଜିତ ଭାଲ୍ଲା ଏବଂ କରଣ ଭାସିନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଅତି ଗରିବି ହ୍ରାସ ମୁଖ୍ୟ କାରଣ ହେଉଛି ସରକାରଙ୍କ ମଜଭୁତ ନୀତି। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଯୋଗୁ ଗତ ଦଶନ୍ଧିରେ ଭାରତ ଦ୍ରୁତ ଗତିରେ ଉନ୍ନତି କରିଛି ଏବଂ ତି ଗରିବିରୁ ବାହାରି



ପାରିଛି ଦେଶ। ଭାରତ ଇତିମଧ୍ୟରେ ୨୦୨୨-୨୩ ପାଇଁ ଏହାର 'କଞ୍ଜମ୍ପସନ୍ ଏକ୍ସପେଣ୍ଡିଚର ଡାଟା' ଜାରି କରିଛି। ତଥ୍ୟ ଅନୁସାରେ, ୨୦୧୧-୧୨ ତୁଳନାରେ ୨୦୨୨-୨୩ରେ ବ୍ୟକ୍ତି ପିଛା ଘରୋଇ ମାସିକ ଖର୍ଚ୍ଚ ଦୁଇଗୁଣାରୁ ଅଧିକ ବଢ଼ିଛି। ବର୍ତ୍ତମାନ ମୂଲ୍ୟରେ ୨୦୧୧-୧୨ରୁ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡ ପିଛା ବ୍ୟୟ ୧୬୪% ବୃଦ୍ଧି ପାଇଛି। ୨୦୧୧-୧୨ରେ ଏହା ୧,୪୩୦ ଟଙ୍କା ଥିବାବେଳେ ୨୦୨୨-୨୩ରେ ୩,୭୭୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ସହରାଞ୍ଚଳରେ ଏହା ୨,୬୩୦ ଟଙ୍କାରୁ ୬,୪୫୯ ଟଙ୍କାକୁ ବୃଦ୍ଧି ପାଇଛି।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଭାରତ ପାଇଁ ଏବେ ସମୟ ହେଉଛି, ଏହା ଅନ୍ୟ ଦେଶଗୁଡ଼ିକ ଭଳି ଦାରିଦ୍ର୍ୟର ଉଚ୍ଚ ରେଖାକୁ ଆପଣାଉ। ଦାରିଦ୍ର୍ୟର ଉଚ୍ଚ ରେଖା ଆପଣାଇବା ଦ୍ୱାରା ସରକାରଙ୍କୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ପୁଣି ଥରେ ପରିଭାଷିତ କରିବାର ସୁଯୋଗ ମିଳିବ। ଫଳରେ ଅଭାବୀ ଲୋକଙ୍କୁ ଠିକ୍ ଭାବେ ଚିହ୍ନଟ କରାଯାଇପାରିବ ଏବଂ ସେମାନଙ୍କୁ ଅଧିକ ସହାୟତା ପ୍ରଦାନ କରାଯାଇପାରିବ ବ୍ରୁକିଙ୍ଗ୍‌ସ ରିପୋର୍ଟ ଅନୁସାରେ, ସହର ଏବଂ ଗ୍ରାମୀଣ ଉଭୟ କ୍ଷେତ୍ରରେ ଅସମାନତାରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସହରୀ ଗିନି ସୂଚକାଙ୍କ ୩୬.୭ରୁ ଖସି ୩୧.୯ ହୋଇଛି । ସେହିଭଳି ଗ୍ରାମୀଣ ଗିନି ସୂଚକାଙ୍କ ୨୮.୭ରୁ ଖସି ୨୭.୦ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଗିନି ଇଣ୍ଡେକ୍ସକୁ ସାଧାରଣତଃ ଆର୍ଥିକ ଅସମାନତାକୁ ମାପିବା ପାଇଁ ବ୍ୟବହାର କରାଯାଇଥାଏ, ଯାହାକି ଏକ ଜନସଂଖ୍ୟା ମଧ୍ୟରେ ଆୟ କିମ୍ବା ସମ୍ପତ୍ତିର ବିତରଣକୁ ମାପିଥାଏ। ରିପୋର୍ଟରେ କୁହାଯାଇଛି ଯେ, ଉଚ୍ଚ ବିକାଶ ହାର ଏବଂ ଅସମାନତାରେ ବଡ଼ ହ୍ରାସ ଯୋଗୁ ଭାରତରେ ଅତି ଗରିବୀ ଶେଷ ହୋଇଛି। ହେଡ୍‌କାଉଣ୍ଟ ଗରିବି ହାରକୁ ଯଦି ବିଚାରକୁ ନିଆଯିବ ତେବେ ଏହା ୨୦୧୧-୧୨ରେ ୧୨.୨% ରହିଥିବାବେଳେ ୨୦୨୨-୨୩ରେ ୨%କୁ ହ୍ରାସ ପାଇଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱ ବ୍ୟାଙ୍କ ଅନୁମାନ ତୁଳନାରେ ଭାରତରେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଅନେକ ମାତ୍ରାରେ ହ୍ରାସ ପାଇଛି। ରିପୋର୍ଟ ଅନୁସାରେ, ୨୦୧୧-୧୨ରୁ ବାସ୍ତବ ମୁଣ୍ଡ ପିଛା ଖର୍ଚ୍ଚ ବାର୍ଷିକ ହାରରେ ୨.୯% ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଏହି ଅଭିବୃଦ୍ଧି ହାର ୩.୧% ଥିବାବେଳେ ସହରାଞ୍ଚଳରେ ୨.୬% ରହିଛି।

# ଟାଟା ଷ୍ଟିଲ୍ ଓଡ଼ିଶା ୟୁନିଟ୍ ପକ୍ଷରୁ ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ପାଳନ

**ଭୁବନେଶ୍ୱର, ୩।୩(ସମିସ):** ଭାରତୀୟ ଶିଳ୍ପର ଜନକ ଭାବେ ପରିଚିତ ଟାଟା ଷ୍ଟିଲ୍‌ର ପ୍ରତିଷ୍ଠାତା ଜାମସେଟ୍ ଜି ନୁସେରୱାନୀ ଟାଟାଙ୍କ ୧୮୫ତମ ଜୟନ୍ତୀ ଅବସରରେ ତାଙ୍କୁ କମ୍ପାନୀ କର୍ମଚାରୀଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାରା ରାଜ୍ୟରେ ଟାଟା ଷ୍ଟିଲ୍ କାର୍ଯ୍ୟ କ୍ଷେତ୍ରଗୁଡ଼ିକ ଏହି ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି। ଭୁବନେଶ୍ୱରରେ ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ, ଟାଟା ଷ୍ଟିଲ୍ ଟେକ୍ନିକାଲ ସର୍ଭିସ ଲିମିଟେଡ ସମେତ ଭୁବନେଶ୍ୱର ପାୱାର ପ୍ରାଇଭେଟ୍ ଲିମିଟେଡ୍ ଓ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ କାର୍ଯ୍ୟାଳୟଗୁଡିକରେ କର୍ମଚାରୀଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନଟିଏଚଏଚପିସି)ର ଅଧିକାରୀ ଓ କ୍ୟାଡେଟମାନେ ମଧ୍ୟ ଏହି ଦୂରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିଭଳି ଓଡ଼ିଶାର କଳିଙ୍ଗନଗର, ମେରାମଣ୍ଡଳୀ ଓ ର-ମାଟେରିଆଲ୍ ସମେତ ଟାଟା ଷ୍ଟିଲର ବିଭିନ୍ନ କାର୍ଯ୍ୟାଳୟ ଓ ସ୍ଥାନରେ ଉତ୍ସବ ପାଳନ



କରାଯାଇଥିଲା। ଏହି ଅବସରରେ ଯାଜପୁର ଜିଲ୍ଲା ଟାଟା ଷ୍ଟିଲ୍ କଳିଙ୍ଗନଗର, ଢେଙ୍କାନାଳର ଟାଟା ଷ୍ଟିଲ୍ ମେରାମାଣ୍ଡଳୀ(ଟିଏସ୍‌ଏମ୍), ଯୋଡ଼ାରେ ଓର ମାଇନ୍ସ ଆଣ୍ଡ କ୍ୱେରିଜ (ଓଏମକ୍ୟୁ) ଡିଭିଜନ୍ ଯୋଡ଼ା ୟୁନିଟ୍, ଯୋଡାସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟ, ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ, ଏନ୍‌ଆଇଏନ୍‌ଏଲ୍ ଖଣି, ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମଡି) ଭୁବନେଶ୍ୱର, ସୁକିନ୍ଦା ଏବଂ ଟାଟା ଷ୍ଟିଲ୍ ସ୍ପେସାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ ଗୋପାଳପୁର କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟକ୍ଷେତ୍ରରେ ଇଚ୍ଛାନୁସାରେ ସଫଳତା ମିଳିବ। ଦୀର୍ଘ ସମୟ ଧରି ଅଟକି ଥିବା କାର୍ଯ୍ୟ ପୂରା ହେବ। ନୂତନ ଚାକିରି ପାଇଁ ପ୍ରସ୍ତାବ ପାଇପାରନ୍ତି। ବୈବାହିକ ଜୀବନରେ ଖୁସି ମିଳିବ।

**ବୃଷ:** ସନ୍ତାନଙ୍କ ଉନ୍ନତିରେ ଅଭିଭାବକ ଖୁସି ହେବେ। ଅଫିସ୍‌ରେ ବସ୍ ଆପଣଙ୍କ କାର୍ଯ୍ୟର ପ୍ରଶଂସା କରିବେ। ବିଦ୍ୟାର୍ଥୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ମିଥୁନ:** ଉଚ୍ଚ ଶିକ୍ଷା ଲାଭ ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଅଟକି ଥିବା କାର୍ଯ୍ୟ ପୂରା ହେବ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଆର୍ଥିକ ଦୃଷ୍ଟିରୁ ଶୁଭ। ନୂତନ ବସ୍ତ୍ର କ୍ରୟ କରିପାରନ୍ତି।

**କର୍କଟ:** ଏହି ମାସଟି ସବୁଠୁ ଭାଗ୍ୟଶାଳୀ ରହିବ। କୌଣସି ଶୁଭ ସମାଚାର ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଜମିଜମା କ୍ରୟ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** କର୍ମକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହେବେ। ମାର୍କେଟିଂ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଅନୁକୂଳ ସମୟ। ଅଚାନକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିପାରନ୍ତି। ନୂତନ ବ୍ୟବସାୟରୁ ଲାଭ ମିଳିବ। ସାମାନ୍ୟ କଥାରୁ ପରିବାରରେ ପାଟିତୁଣ୍ଡ ହେବ। ଧାର୍ମିକ ଯାତ୍ରା କରିପାରନ୍ତି। ଶ୍ରୀ ବିଷ୍ଣୁସହସ୍ରନାମ ପାଠ କରନ୍ତୁ।

**ତୁଳା:** ଶୁକ୍ର ଏବଂ ମଙ୍ଗଳ ଶୁଭ ପ୍ରଭାବରୁ ବ୍ୟବସାୟରେ ବିଶେଷ ଲାଭ ମିଳିବ। କର୍ମକ୍ଷେତରେ ପଦୋନ୍ନତି ଯୋଗ ରହିଛି। ଧନ ଲାଭ ଯୋଗ ରହିଛି। ପ୍ରତିଦିନ ଭଗବାନ ଶିବଙ୍କ ପୂଜାର୍ଚ୍ଚନା କରନ୍ତୁ।

**ବିଛା:** ଆଇଟି ଏବଂ ବ୍ୟାଙ୍କିଂ ଚାକିରିରେ ପଦୋନ୍ନତି ହେବ। ବ୍ୟବସାୟରେ ସଫଳତା ମିଳିବ। ଆର୍ଥିକ ପ୍ରଗତିରେ ପ୍ରସନ୍ନ ହେବେ। ଦାନ ଧର୍ମ କରିବେ। ପିତାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ନିଅନ୍ତୁ।

**ଧନୁ:** ଆର୍ଥିକ ପ୍ରଗତିରେ ଖୁସି ମିଳିବ। ଅନ୍ନ ଦାନ କରିବେ। ଦୀର୍ଘ ଦିନ ଧରି ଲାଗି ରହୁଥିବା ସମସ୍ୟାର ସମାଧାନ ପାଇଁ ନିୟମିତ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରନ୍ତୁ। ଜମି କିଣାରେ ଧନ ନିବେଶ କରିବେ।

**ମକର:** ବ୍ୟବସାୟରୁ ଆଶାତୀତ ଫଳ ମିଳିବ। ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ସ୍ୱାସ୍ଥ୍ୟ ସୁଖ ମିଳିବ। ଶନିବାର ଦିନ ହଳଦିଆ ରଙ୍ଗର ବସ୍ତ୍ର ପିନ୍ଧିବା ଶୁଭ।

**କୁମ୍ଭ:** ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିବେ। ଯେକୌଣସି କ୍ଷେତ୍ରରେ ଟଙ୍କା ନିବେଶ କରିବା ପୂର୍ବରୁ ଭଲ ଭାବେ ଯାଞ୍ଚ କରିବା ଜରୁରି। ଗୃହ ନିର୍ମାଣ ପୂର୍ବରୁ ମାଟି ପରୀକ୍ଷା କରିନେବା ଭଲ।

**ମୀନ:** ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିବେ। ଆର୍ଥିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସକାଳୁ କୁଆଙ୍କୁ ଖାଇବାକୁ ଦିଅନ୍ତୁ।

## ଆଜିର ଇତିହାସ

- ୧୭୮୮-ପଶ୍ଚିମବଙ୍ଗରେ କଲିକତା ଗ୍ୟାଜେଟ୍‌ର ପ୍ରକାଶନ ଆରମ୍ଭ ହେଲା।
- ୧୮୩୭- ସିକାଗୋ ସହରର ସ୍ଥାପନା।
- ୧୯୩୦- ଫ୍ରାନ୍ସରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୭୦୦ ଲୋକଙ୍କ ମୃତ୍ୟୁ।
- ୧୯୫୧- ନୂଆଦିଲ୍ଲୀରେ ଏସୀୟ ଖେଳର ଆୟୋଜନ କରାଗଲା।
- ୧୯୭୭- ରୋମାନିଆରେ ଭୂମିକମ୍ପ ଯୋଗୁଁ ୧୫୪୧ ଜଣଙ୍କ ମୃତ୍ୟୁ।
- ୨୦୧୨- ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ନିର୍ବାଚନ ଜିତିଲେ।

# ଏମିତି ହୋଟେଲକୁ ବି ଯାଆନ୍ତି ଗ୍ରାହକ



ପ୍ରତ୍ୟେକ ହୋଟେଲର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାହକଙ୍କୁ ଉପଯୁକ୍ତ ଆତିଥେୟତା ପ୍ରଦାନ। କାରଣ ଗ୍ରାହକ ସନ୍ତୁଷ୍ଟି ହିଁ ହୋଟେଲ ବ୍ୟବସାୟ ଅଭିବୃଦ୍ଧି ଉପରେ ନିର୍ଭରଶୀଳ। କିନ୍ତୁ ଏପରି ହୋଟେଲ ବାବଦରେ ଜଣାପଡ଼ିଛି, ଯେଉଁଠି ଗ୍ରାହକଙ୍କୁ ଅପମାନିତ କରାଯାଏ। ଏପରିକି ହୋଟେଲ କର୍ମଚାରୀଙ୍କୁ କିଛି କହିଲେ ତାଙ୍କଠାରୁ ଓଲଟା ଜବାବ ଶୁଣିବାକୁ ପଡ଼େ। ଯଦିଓ ସେମାନେ ଏହା ଉଦ୍ଦେଶ୍ୟ ରଖି କରନ୍ତି ନାହିଁ, କିନ୍ତୁ ଏପରି କରିବାପାଇଁ ତାଙ୍କୁ ତାଲିମ୍ ଦିଆଯାଇଛି। ଏହି ଅଜବ ହୋଟେଲ ଲଣ୍ଡନର ବର୍ଣ୍ଣେଟରେ ରହିଛି। ଯାହା କ୍ୟାରେନ୍ସ ହୋଟେଲ ନାମରେ ବେଶ୍ ପରିଚିତ। ତେବେ ସେହି ସ୍ଥାନରେ ପୂର୍ବରୁ କ୍ୟାରେନ୍ସ ଡାଇନର ନାମରେ ଏକ ରେଷ୍ଟୋରାଁ ରହିଥିଲା, ଯାହା ସହିତ ଏବେ ଏହି ହୋଟେଲ ଯୋଡ଼ି ହୋଇଛି। ଏହି ସ୍ଥାନକୁ ଆସୁଥିବା ଅତିଥିଙ୍କୁ ଖାଦ୍ୟ ପରଷିବା ସହ ଦୁର୍ବ୍ୟବହାର ମଧ୍ୟ କରାଯାଏ। ୱେଟର୍‌ମାନେ ଡାଇନିଂ ଟେବୁଲ୍‌ରେ ଖାଦ୍ୟ ଫୋପାଡ଼ି ଦେଲାଭଳି ଦେଇ ଯାଇଥାନ୍ତି। କେବଳ ସେତିକି ନୁହେଁ, ହୋଟେଲରେ ରହୁଥିବା ଅତିଥି ଯଦି କର୍ମଚାରୀଙ୍କୁ ପାଣି ମାଗନ୍ତି, ଉତ୍ତର ଆସେ ସିଙ୍କ୍‌ରୁ ନେଇଯାଅ। ହୋଟେଲ ଗ୍ରାହକଙ୍କୁ ଟାୱେଲ୍, ଟଏଲେଟ୍ ପେପର ପରି ଜରୁରୀ ସାମଗ୍ରୀ ମଧ୍ୟ ଦେଇ ନ ଥାଏ। ହୋଟେଲ କୋଠରି ମଧ୍ୟରେ କୌଣସି ଜିନିଷ ବ୍ୟବସ୍ଥିତ ହୋଇ ରହି ନ ଥାଏ। ରୋଚକ କଥାଟି ହେଲା, ଏହି ହୋଟେଲ ବିଶ୍ୱର ସବୁଠୁ ଖରାପ ହୋଟେଲ ଭାବରେ ନିଜର ବିଜ୍ଞାପନ ମଧ୍ୟ ଦେଇଥାଏ। ଏସବୁ ସତ୍ତ୍ୱେ ମଧ୍ୟ ହୋଟେଲ ଭଡ଼ା କମ୍ ହୋଇ ନ ଥାଏ। ଏଠାରେ ଗୋଟିଏ ରାତି ରହିବାପାଇଁ ଭଡ଼ା ବାବଦରେ ୨୦ ହଜାର ଟଙ୍କା ଗଣିବାକୁ ପଡ଼ିଥାଏ। ତେବେ ଏହି ହୋଟେଲଟି ପ୍ରଥମେ ୨୦୨୧ ମସିହାରେ ଅଷ୍ଟ୍ରେଲିଆରେ ଖୋଲାଯାଇଥିଲା, ଯାହାର ଚେନ୍ ବର୍ତ୍ତମାନ ବ୍ରିଟେନରେ ପହଞ୍ଚିଛି। ଜାଣିଲେ ଆଶ୍ଚର୍ଯ୍ୟ ଲାଗେ, ଅତିଥିଙ୍କୁ ଅସମ୍ମାନ କରିବାପାଇଁ ଏଠାରେ ଉଭୟ ପୁରୁଷ ଓ ମହିଳା ୱେଟର୍‌ଙ୍କୁ ତାଲିମ ଦିଆଯାଏ।

# 'ଜିଗ୍‌ରା'ର ସୁଟିଂ ସାରିଲେ ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ୧୨ ବର୍ଷ ପୂର୍ବରୁ କରନ୍ ଜୋହର୍‌ଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ପୁଣି ଥରେ ଏବେ ଆଲିଆ ଧର୍ମା ପ୍ରଡକ୍ସନ୍‌ଙ୍କ ସହ କାମ କରିବାକୁ ଯାଉଛନ୍ତି। ଫିଲ୍ମର ନାମ ରହିଛି 'ଜିଗ୍‌ରା'। ଗତବର୍ଷ କରନ୍ ଫିଲ୍ମ ବିଷୟରେ ଘୋଷଣା କରିଥିଲେ। ଇତିମଧ୍ୟରେ ଫିଲ୍ମର ସୁଟିଂ ସରି ଯାଇଛି। ନିକଟରେ ଖୋଦ୍ ଆଲିଆ ଏବିଷୟରେ ସୂଚନା ଦେଇଛନ୍ତି। ଏହାସହିତ ଅଭିନେତା ବେଦାଙ୍ଗ ରୈନାଙ୍କ ସହିତ ଏକ ଫଟୋ ସେ ପୋଷ୍ଟ କରିଛନ୍ତି। 'ଗଙ୍ଗୁବାଇ କାଠିଆୱାଡି', 'ବ୍ରହ୍ମାସ୍ତ୍ର' ଓ 'ରକି ଔର୍ ରାନୀ ପ୍ରେମ୍ କହାନୀ' ଆଦି ଲଗାତାର ହିଟ୍ ଫିଲ୍ମ ଦେଇଥିବା ଆଲିଆଙ୍କର ଫିଲ୍ମ 'ଜିଗ୍‌ରା'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମଟି ସେପ୍ଟେମ୍ବର ୨୭ରେ ମୁକ୍ତିଲାଭ କରିବ।

# ଲାଲ୍ ସ୍ୟାହିରେ ଲେଖିବା ମନା



ମଣିଷର ସାମାଜିକ ଚଳଣି ସହିତ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସ ତା' ଜୀବନରେ ଯୋଡ଼ି ହୋଇଯାଇଛି। ଯଦିଓ ଶିକ୍ଷା, ସଂସ୍କାର ଓ ବିଜ୍ଞାନର ପ୍ରଭାବରେ ମଣିଷ ଧୀରେ ଧୀରେ ଏଇ ଅର୍ଗଳିରୁ ବାହାରିବାକୁ ଚେଷ୍ଟା କରୁଛି, ତଥାପି ମଣିଷ ମନରେ ଅନେକ ଅନ୍ଧବିଶ୍ୱାସ ବସା ବାନ୍ଧି ତା'କୁ ପଛକୁ ଟାଣୁଛି। ଏହି ପରିପ୍ରେକ୍ଷୀରେ ପର୍ତ୍ତୁଗାଲ, ଦକ୍ଷିଣ କୋରିଆ ଓ ଜାପାନ ଭଳି ଦେଶର ଲୋକେ ନାଲି କାଳିରେ ନ ଲେଖିବାକୁ ଉଚିତ୍ ମନେ କରନ୍ତି। ଦକ୍ଷିଣ କୋରିଆରେ କେହି ନାଲି କାଳିରେ ଲେଖିଲେ ତାଙ୍କର ମୃତ୍ୟୁ ହୋଇଯାଏ ବୋଲି ସେଠାରେ ବିଶ୍ୱାସ ରହିଛି। ଏହି ଦେଶରେ ନାଲି କାଳିରେ ଲେଖିବା ଅଶୁଭ ବୋଲି ବିଚାର କରାଯାଏ। ସାମାଜିକ ଭାବେ ଏଠାରେ ଏହାକୁ ଅଶୁଭ ଧରାଯାଇଥାଏ। ଛୋଟ ଛୋଟ ଛୁଆଙ୍କୁ ବି ସେଥିପାଇଁ ଲାଲ ରଙ୍ଗର କଲମଠୁ ଦୂରରେ ରଖାଯାଏ। ଯଦି କେହି ନାଲି ରଙ୍ଗର କଲମରେ ଜଣକର ନାଁ ଲେଖିଦିଅନ୍ତି, ନାଁ ଲେଖାଯାଇଥିବା ଲୋକଟିର ମୃତ୍ୟୁ ହୋଇଯାଏ ବୋଲି ସେଠାରେ ବିଶ୍ୱାସ ରହିଛି। ଖାସ୍ ସେଥିପାଇଁ କେହି ଘରକୁ ଲାଲ୍ ରଙ୍ଗର କଲମ ଆଣନ୍ତି ନାହିଁ। ଏହା ଦକ୍ଷିଣ କୋରିଆରେ ଦୀର୍ଘ ବର୍ଷରୁ ଚାଲିଆସିଛି। ଯଦି ଭୁଲରେ ବି କେହି ଏହି ଦେଶରେ ନାଲି ରଙ୍ଗର କଲମରେ କାହାର ନାମ ଲେଖିଦିଏ, ତେବେ ଏହି ଦେଶର ଲୋକେ ଭାବନ୍ତି ଯେ, ନାମ ଲେଖୁଥିବା ଲୋକଟି ଯାହାର ନାମ ଲେଖିଥାଏ ତାହାକୁ ମାରିବାକୁ ପ୍ରୟାସ କରୁଛି। ସେହିଭଳି ପର୍ତ୍ତୁଗାଲରେ ନାଲି ରଙ୍ଗରେ ଲେଖିବାକୁ ଅଶିଷ୍ଟତା ମନାଯାଇଥାଏ। ଜାପାନରେ ମଧ୍ୟ ଏହି ଧରଣର ଅନ୍ଧବିଶ୍ୱାସ ରହିଛି। ଏନେଇ ବିଶେଷଜ୍ଞଙ୍କ କହିବାନୁସାରେ, କେତେକ ଦେଶର ସଂସ୍କୃତିରେ ନାଲି ରଙ୍ଗର କାଳିକୁ ନକାରାତ୍ମକତା ସହିତ ଦେଖାଯାଇଥାଏ। ତେଣୁ କିଛି ଦେଶରେ ଏହି କାଳି ବ୍ୟବହାରକୁ ବାଦ୍ ଦିଆଯାଇଛି।

# ଶ୍ୱାନ ମେଳେ ଶୈଶବ

## ବଦଳୁନି ସ୍ୱଭାବ

ପ୍ରତିଟି ମଣିଷର ଶୈଶବ ତା'ର ଶିଖିବାର ବେଳ। ପିଲାଟି ଯେଉଁ ସଂସ୍କାର, ପରିବେଶ ନେଇ ବଢ଼େ, ତାହାର ପ୍ରଭାବ ଜୀବନସାରା ରହିଯାଏ। ଏଥିପାଇଁ ପରିବାରର ଗୁରୁଦାୟିତ୍ୱ ରହିଛି। ତେବେ ପିତାମାତାଙ୍କ ଅବହେଳାରୁ ନକାରାତ୍ମକ ପରିବେଶରେ ବାଲ୍ୟକାଳ କାଟିଥିବା ଜଣେ ଯୁବତୀଙ୍କ ଜୀବନଚର୍ଯ୍ୟା ଯେ, କେତେ ଦୟନୀୟ, ତାହା ନ ଦେଖିଲେ କେହି ବିଶ୍ୱାସ କରିବେନି। ୟୁକ୍ରେନ୍‌ର ଓକ୍‌ସାନା ମଲାୟା ନାମ୍ନୀ ଜଣେ ଯୁବତୀଙ୍କ କ୍ଷେତ୍ରରେ ଏଭଳି କିଛି ଘଟଣା ଦେଖିବାକୁ ମିଳିଛି। ଓକ୍‌ସାନାଙ୍କୁ ଏବେ ୪୩ ବର୍ଷ ବୟସ। ତେବେ ତାଙ୍କର ସ୍ୱଭାବ କୁକୁରଙ୍କ ଭଳି। କାରଣ ତାଙ୍କ ପିଲାଦିନ କୁକୁରଙ୍କ ଗହଣରେ ବିତିଛି। କହିବାକୁ ଗଲେ କୁକୁର ମେଳରେ ସେ ବଡ଼ ହୋଇଛନ୍ତି। ଓକ୍‌ସାନାଙ୍କ ମାଆ ବାପା ସବୁବେଳେ ନିଶାସକ୍ତ ରହୁଥିବାରୁ ପିଲାଟିର ଠିକ୍ ଯତ୍ନ ନ ନେଇ



ପାରି ସେମାନେ ତାଙ୍କୁ ଅତି ଛୋଟବେଳୁ କୁକୁରଙ୍କ ଗହଣରେ ଛାଡ଼ିଦେଲେ। ଫଳସ୍ୱରୂପ ଓକ୍‌ସାନାଙ୍କ ପିଲାଦିନ କୁକୁରଙ୍କ ସହିତ ବିତିଲା। ଯାହାର ଅଭାବନୀୟ ପରିଣତି ତାଙ୍କୁ ଭୋଗିବାକୁ ପଡୁଛି। ସେ କୁକୁରଙ୍କ ଭଳି ଭୁକିବା, ଚାଲିବା ସହ ସେଭଳି ଖାଦ୍ୟ ବି ଖାଆନ୍ତି। ସେହିପରି ଓକ୍‌ସାନାଙ୍କୁ ଥଣ୍ଡା ଲାଗିଲେ ସେ କୁକୁରଘରେ ଶୁଅନ୍ତି। ୧୯୯୧ରେ ଏହି ଘଟଣା ସାମାଜିକ କର୍ମୀମାନଙ୍କ ନଜରକୁ ଆସିଥିଲା। ସେତେବେଳକୁ ଓକ୍‌ସାନାଙ୍କ ଜୀବନର ମୂଲ୍ୟବାନ ୬ ବର୍ଷ କୁକୁରଙ୍କ ସହ କଟି ସାରିଥିଲା। ଯଦିଓ ପରେ ସେ ମଣିଷଙ୍କ ସହ ଖାପଖୁଆଇ ଚଳିଲେ, ତଥାପି ତାଙ୍କର ଅନେକ ପୁରୁଣା ଅଭ୍ୟାସ ସେ ଛାଡ଼ି ପାରୁନାହାନ୍ତି। ଏବେ ଲୋକଙ୍କ ଗହଣରେ ରହିଲେ ବି ଏକାକୀ ଅନୁଭବ କଲେ ସେ କୁକୁରଙ୍କ ସହ ସମୟ ମିଶି ରହିବାକୁ ଚାଲିଯାଆନ୍ତି।

## ଗୀତାବାଣୀ



ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥୩୫॥

ଯେଉଁ ତତ୍ତ୍ୱଜ୍ଞାନ ଅନୁଭବ କଲା ପରେ ତୁମେ ଆଉ ଏଭଳି ମୋହଗ୍ରସ୍ତ ହେବ ନାହିଁ, ଏବଂ ହେ ଅର୍ଜୁନ! ଯାହା (ତତ୍ତ୍ୱଜ୍ଞାନ) ସାହାଯ୍ୟରେ ତୁମେ ସମସ୍ତ ପ୍ରାଣୀଙ୍କୁ ସର୍ବଭାବରେ ପ୍ରଥମେ ନିଜଠାରେ ଏବଂ ପରେ ମୋ'ଠାରେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ଦେଖିବ।

(ଚତୁର୍ଥୋଽଧ୍ୟାୟଃ – ଶ୍ଲୋକ - ୩୫)

# ମହାଶିବରାତ୍ରିର ମହତ୍ତ୍ୱ

ମହାଶିବରାତ୍ରି ହେଉଛି ଦେବ ଦେବ ମହାଦେବଙ୍କ ପ୍ରମୁଖ ଉତ୍ସବ। ଓଡ଼ିଶାରେ ଏହା ଜାଗର ଯାତ୍ରା ନାମରେ ବେଶ୍ ପ୍ରସିଦ୍ଧ। ଶ୍ରଦ୍ଧାଳୁମାନେ ଅତି ନିଷ୍ଠାର ସହ ଉପବାସ ରଖି ଶିବଙ୍କ ଅରାଧନା କରିଥାନ୍ତି। ରାତ୍ରି ଉଜାଗର ପୂର୍ବକ ଶିବାଳୟରେ ଜାଗରଦୀପ ଜାଳିଥାନ୍ତି। ମହାଦୀପ ଦର୍ଶନ କରି ବ୍ରତ ଶେଷ କରିଥାନ୍ତି। ସର୍ବତ୍ର ଶୁଭୁଥାଏ 'ଓଁ ନମଃ ଶିବାୟ' ଧ୍ୱନି। 'ଶିବ ପୁରାଣ' ଅନୁଯାୟୀ ଏହି ରାତ୍ରରେ ଶିବ ସୃଷ୍ଟି, ସ୍ଥିତି ଓ ସଂହାରର ମହାତାଣ୍ଡବ ନୃତ୍ୟ କରିଥିଲେ। ଏବେ ଜାଣିବା ଶିବରାତ୍ରୀ, ମହାଶିବରାତ୍ରୀର ମହତ୍ତ୍ୱ ଏବଂ ମହାଦେବଙ୍କ ପୂଜାର ନୀତିନିୟମ ବିଷୟରେ...

**ପ୍ରତି ମାସରେ ଶିବରାତ୍ରୀ:** ଶିବରାତ୍ରୀ ପ୍ରତି ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପଡ଼ିଥାଏ। ଏହା ଶିବରାତ୍ରୀ 'ବୋଧୋତ୍ସବ' ନାଁରେ ମଧ୍ୟ ପରିଚିତ। ବହୁ ଶ୍ରଦ୍ଧାଳୁ ଶିବ ଚତୁର୍ଦ୍ଦଶୀ ବ୍ରତ ପାଳନ କରିବା ସହ ବେଢ଼ା ପରିକ୍ରମା କରିଥାନ୍ତି। କୁହାଯାଏ, ସୃଷ୍ଟି ପ୍ରାରମ୍ଭରେ ଉକ୍ତ ଦିନ ଅଧରାତିରେ ଭଗବାନ ଶିବ ନିରାକାରରୁ ସାକାର ରୂପ ବା ବ୍ରହ୍ମାରୁ ରୁଦ୍ର ରୂପରେ ଅବତରଣ କରିଥିଲେ।

**ମହାଶିବରାତ୍ରୀ:** ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପଡ଼ିଥାଏ ମହାଶିବରାତ୍ରୀ। ଭୋଳାନାଥଙ୍କ ଭକ୍ତମାନେ ଏହି ଦିନକୁ ବେଶ୍ ଶ୍ରଦ୍ଧା ଓ ଭକ୍ତିରେ ପାଳନ କରନ୍ତି। ଭକ୍ତମାନେ ରାତ୍ରି ଉଜାଗର ରହି ଦୀପ ପ୍ରଜ୍ୱଳନ କରୁଥିବାରୁ ଏହାକୁ 'ଜାଗର' ବୋଲି କୁହାଯାଏ।

**ଶିବ ବିବାହ:** ଏହିଦିନ ଶିବ ଓ ମାତା ପାର୍ବତୀଙ୍କ ବାହାଘର ହୋଇଥିଲା। ବିଭିନ୍ନ ସ୍ଥାନରେ ଶିବ ବାହାଘର ଦେଖିବାକୁ ମିଳିଥାଏ। ହିନ୍ଦୁ ଧର୍ମରେ ଏହା ସହ ଜଡ଼ିତ ବହୁ ପ୍ରାଚୀନ କଥା ରହିଛି। ଶିବ ବୈରାଗ୍ୟ ଜୀବନ ତ୍ୟାଗ କରି ଗୃହସ୍ଥ ଜୀବନରେ ପ୍ରବେଶ କରିଥିଲେ।



**ମହାଦେବଙ୍କ ନାମକରଣ :** ସାଧାରଣତଃ ଶିବଙ୍କ ନାଁ ଶଙ୍କର ସହ ଯୋଡ଼ା ଯାଇଥାଏ। ଲୋକମାନେ ହିଁ କହିଥାନ୍ତି- ଶିବ, ଶଙ୍କର, ଭୋଳାନାଥ। ଅଧିକାଂଶ ଶିବ ଓ ଶଙ୍କରଙ୍କୁ ଗୋଟିଏ ସତ୍ତାର ଦୁଇଟି ନାଁ କହନ୍ତି। ଅସଲରେ କିନ୍ତୁ ଦୁହିଁଙ୍କ ପ୍ରତିମା ଓ ଆକୃତି ଭିନ୍ନ ଭିନ୍ନ। ଶଙ୍କରଙ୍କୁ ସର୍ବଦା ତପସ୍ୱୀ ରୂପରେ ଦର୍ଶାଯାଇଥାଏ। ଅନ୍ୟପକ୍ଷରେ ଶଙ୍କରଙ୍କୁ ଶିବଲିଙ୍ଗଙ୍କ ଧ୍ୟାନ କରୁଥିବାର ଦେଖାଯାଇଥାଏ। ଶିବ ସୃଷ୍ଟିର ସ୍ଥାପନା, ପାପ ଓ ବିନାଶ ପାଇଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନାମରେ ତିନି ସୂକ୍ଷ୍ମ ଦେବତାଙ୍କ ସଂରଚନା କରିଥିଲେ। ଏହିପ୍ରକାରେ ଶିବ ବ୍ରହ୍ମାଣ୍ଡର ରଚୟିତା ଏବଂ ଶଙ୍କର ତାଙ୍କର ହିଁ ରଚନା। ଭଗବାନ ଶିବଙ୍କୁ ଏଥିପାଇଁ 'ମହାଦେବ' ବୋଲି କୁହାଯାଏ। ଏହା ବ୍ୟତୀତ ଶିବ ୧୦୮ ଅନ୍ୟ ନାମରେ ପରିଚିତ ଓ ପୂଜିତ।

**ଶିବପୂଜା ପାଇଁ ନୀତିନିୟମ**

- ସୋମବାର ଦିନ ଶିବ ପୂଜା ପାଇଁ ସବୁଜ, ଲାଲ୍, ଧଳା, ଗେରୁଆ, ହଳଦିଆ କିମ୍ବା ହାଲ୍‌କା ନୀଳ ରଙ୍ଗର ବସ୍ତ୍ର ପିନ୍ଧନ୍ତୁ।
- କଳାରଙ୍ଗର ବସ୍ତ୍ର ପିନ୍ଧନ୍ତୁ ନାହିଁ।
- ଶିବପୂଜାରେ ତୁଳସୀ ପତ୍ର ବ୍ୟବହାର କରନ୍ତୁ ନାହିଁ।
- ପୂଜା ସମୟରେ ନଡ଼ିଆ ବା ଶ୍ରୀଫଳ ଭୋଗ କରିପାରିବେ। କିନ୍ତୁ ନଡ଼ିଆ ପାଣିରେ ଶିବଙ୍କ ଅଭିଷେକ କରନ୍ତୁ ନାହିଁ।
- ସୁଖସମୃଦ୍ଧି ବୃଦ୍ଧି ପାଇଁ ସ୍ନାନ ପରେ ୧୦୮ ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତୁ।

# ସ୍ୱସ୍ତି

## କ୍ରୋଧ ଓ ଗର୍ବ ଦୁଃଖର କାରଣ



ଆଜିକାଲି ସମସ୍ତେ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି। ସେଥିପାଇଁ ଧନୀ ହେବାକୁ ଇଚ୍ଛା ରଖୁଛନ୍ତି। ଏସବୁ ନ ମିଳିଲେ, ଜଣେ ଦୁଃଖରେ ରହିଥାଏ। ତେବେ ଦୁଃଖର କାରଣ ଅର୍ଥୋପାର୍ଜନ ନୁହେଁ। କାମନାବାସନା, ଗର୍ବ, ଅହଂକାର, କ୍ରୋଧ, ଈର୍ଷା ସ୍ୱଭାବ ଯୋଗୁଁ ଜୀବନ ଅଶାନ୍ତି ଦେଇ ଗତି କରେ। ଯେଉଁମାନଙ୍କ ପାଖରେ ଏହି ଦୁର୍ଗୁଣ ଥାଏ, ସେମାନଙ୍କୁ କଦାପି ମାନ-ସମ୍ମାନ ମିଳି ନ ଥାଏ। ତା'ସହ ବାଦବିବାଦ ଲାଗି ରହେ। ଏପରିକି ଏହି ସ୍ୱଭାବ ନ ଛାଡ଼ିଲେ ଜୀବନରେ ସୁଧାର ଆସି ନ ଥାଏ। ଏଣୁ ଏହି ସବୁ ଅଭ୍ୟାସକୁ ଶୀଘ୍ର ତ୍ୟାଗ କରିବା ଉଚିତ। ଏହା ହୋଇପାରିଲେ ଜୀବନରେ ସୁଖ ଶାନ୍ତି ମିଳିଥାଏ।

## ରାସ୍ତାରେ ଟଙ୍କା ମିଳିଲେ...

**ବେଳେବେଳେ ରାସ୍ତାରେ ଯିବା ସମୟରେ କେହି କେହି ଟଙ୍କା ପାଇଥା'ନ୍ତି। ତେବେ ଏ ଟଙ୍କାକୁ କ'ଣ କରିବା ଦରକାର ଏବଂ ଏଥିରୁ କେଉଁ ସୂଚନା ମିଳିଥାଏ, ତାହା ଅନେକ ଜାଣି ନ ଥାନ୍ତି।**



- ରାସ୍ତାରୁ ଟଙ୍କା ମିଳିଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୋଇଥାଏ।
- ଏହା ଦ୍ୱାରା ଅଚାନକ ଧନଲାଭର ଯୋଗ ସୃଷ୍ଟି ହୁଏ।
- କୌଣସି ଶୁଭ ସମାଚାର ମିଳିବାର ସଙ୍କେତ ମିଳେ।
- ଜୀବନରେ କିଛି ଭଲ ଘଟଣା ଘଟିବାର ସଙ୍କେତ ଦିଏ।



## କେଉଁ ପୁଷ୍ପ ଶିବଙ୍କ ପ୍ରିୟ

**ଶିବଙ୍କ ପ୍ରିୟ ବେଲପତ୍ର। ତେବେ କିଛି ଫୁଲ ଏଭଳି ଅଛି, ଯାହାକୁ ମହାଦେବ ଖୁବ୍ ପସନ୍ଦ କରନ୍ତି। ଏହିସବୁ ପୁଷ୍ପ ଆଶୁତୋଷଙ୍କୁ ଅର୍ପଣ କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ।**

- ଦୁଦୁରା ଫୁଲ ଶିବଙ୍କୁ ଚଢ଼ାଇବା ଶୁଭ। ଏହାକୁ ଅର୍ପଣ କଲେ ସନ୍ତାନ ସୁଖ ପ୍ରାପ୍ତି ହୁଏ।
- କନିଅର ପୁଷ୍ପ ଶିବଙ୍କୁ ଅର୍ପଣ କଲେ ଜୀବନରେ ସୁଖ, ସମୃଦ୍ଧି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ।
- ନୀଳ ଓ ଧଳା ରଙ୍ଗର ଅରଖ ଫୁଲ ଶିବଙ୍କ ପୂଜାରେ ଦେଖିବାକୁ ମିଳେ। ଏହାକୁ ଅର୍ପଣ କଲେ ମୋକ୍ଷ ପ୍ରାପ୍ତି ହୁଏ।
- କେବଳ ମହଶିବରାତ୍ରୀରେ ଶିବଙ୍କୁ ଗୋଟିଏ ଦିନ ପାଇଁ କେତକୀ ଫୁଲ ଲାଗି କରାଯିବାର ପରମ୍ପରା ରହିଛି।
- ଏହାବାଦ୍ ଗଙ୍ଗଶିଉଳି, ଜୁହି, ଅଳସୀ ଚମ୍ପା, ମଲ୍ଲୀ ଫୁଲ ଅର୍ପଣ କଲେ ଶିବଙ୍କ କୃପା ପ୍ରାପ୍ତି ହୁଏ।

## ଗଜାନନଙ୍କ ପୂଜାରେ କ'ଣ କରିବେନି

**ହିନ୍ଦୁ ଧର୍ମରେ ସମସ୍ତ ଦେବତାଙ୍କ ମଧ୍ୟରେ ଅଗ୍ର ପୂଜ୍ୟ ହେଉଛନ୍ତି ବିଘ୍ନରାଜ ଶ୍ରୀଗଣେଶ। ତେବେ ଅନ୍ୟ ସମସ୍ତ ଦେବୀ ଦେବତାଙ୍କ ଭଳି ଗୌରୀ ନନ୍ଦନ ଶ୍ରୀଗଣେଶଙ୍କ ପୂଜା ପାଇଁ ବି ସ୍ୱତନ୍ତ୍ର ନୀତି ନିୟମ ରହିଛି। ମୁଖ୍ୟତଃ ବିଘ୍ନବିନାଶକଙ୍କ ପୂଜା ସମୟରେ କ'ଣ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

**ତୁଳସୀ ଲାଗି କରନ୍ତୁ ନାହିଁ:** ଗଣେଶଙ୍କ ପୂଜାରେ ତୁଳସୀ ପତ୍ର ଲାଗି କରିବା ଅନୁଚିତ। କାରଣ ତୁଳସୀଙ୍କ ବିବାହ ପ୍ରସ୍ତାବକୁ ଗଣେଶ ଏଡ଼ାଇ ଦେଇଥିଲେ। ତା'ସହ ତୁଳସୀ ଗଣେଶଙ୍କୁ ଦୁଇଟି ବିବାହ କରିବା ଅଭିଶାପ ଦେଇଥିଲେ।

**କଳା ବସ୍ତ୍ର ପିନ୍ଧିବା ମନା:** କଳା ପୋଷାକ ପରିଧାନ କରି କେବେ ବି ଗଣେଶଙ୍କ ପୂଜା କରିବା ଠିକ୍ ନୁହେଁ। କଳା ରଙ୍ଗ କୌଣସି ପୂଜାରେ ଶୁଭ ହୋଇ ନ ଥାଏ। ଏଣୁ ଗଣେଶଙ୍କ ପୂଜାରେ ହଳଦିଆ, ଧଳା, ନାଲି ରଙ୍ଗ ପୋଷାକ ପିନ୍ଧିବା ଶୁଭ।

**ବ୍ରତରେ ଲୁଣ ଖାଇବା ଅନୁଚିତ:** ବୁଧବାର ହେଉଛି ଗଣେଶଙ୍କୁ ସମର୍ପିତ। ଏହିଦିନ ବ୍ରତଧାରୀ ଲୁଣ ଖାଇବା ଅନୁଚିତ। ପୂଜା ପରେ ଶୁଦ୍ଧ ସାତ୍ତ୍ୱିକ ଭୋଜନ ଗ୍ରହଣ କରିବା ଉଚିତ।







#ନୂଆ-ଓ ଛାତ୍ରବୃତ୍ତି

Government of Odisha | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

# ଯୁବ ପିଢ଼ିଙ୍କୁ 'ନବୀନ' କ୍ଷମତା



ଯୁବ ପିଢ଼ି ହେଉଛନ୍ତି ଆଗାମୀ ଓଡ଼ିଶାର ମେରୁଦଣ୍ଡ । ଆଗାମୀ ଦଶକ ଯୁବପିଢ଼ିଙ୍କ ଯୁଗ ହେବ । ସେମାନଙ୍କ ସମୃଦ୍ଧ ଭବିଷ୍ୟତ ଓଡ଼ିଶାକୁ ସୁଦୃଢ଼ କରିବ । ଏଥିପାଇଁ କଲେଜରେ ପଢୁଥିବା ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସଶକ୍ତିକରଣ ଓ ଲକ୍ଷ୍ୟ ହାସଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି 'ନୂଆ-ଓ' କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଆସନ୍ତା ୧୦ ବର୍ଷ ମଧ୍ୟରେ ଯୁବକମାନଙ୍କ ଯୋଗଦାନ, ସଶକ୍ତିକରଣ ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ ହେବ । ଗତ ବର୍ଷ ଆରମ୍ଭ ହୋଇଥିବା 'ନୂଆ-ଓ' କାର୍ଯ୍ୟକ୍ରମର ବଡ଼ ସଫଳତା ଭାବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ 'ନୂଆ-ଓ' ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ୩ ଜିଲ୍ଲାର ୩୭୧୬୦ ଛାତ୍ରଛାତ୍ରୀ ଉପକୃତ

ରବିବାର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ୮୦ଟି କଲେଜରେ ୩୬.୮୧ କୋଟି ଟଙ୍କା 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କରିଛନ୍ତି । ଏହି ୩ଟି ଜିଲ୍ଲାର ୩୭୧୬୦ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହୋଇଛନ୍ତି । ଏହି ଅବସରରେ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ମଧ୍ୟ ପ୍ରଦାନ କରିଛନ୍ତି । ପିଲାମାନେ ବଡ଼ ସ୍ୱପ୍ନ ଦେଖନ୍ତୁ, ଭଲ ପାଠ ପଢ଼ନ୍ତୁ ଓ ପିତାମାତା, ପରିବାରର ନାମ ଗୌରବୋଜ୍ଜ୍ୱଳ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଚାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ ଉଲ୍ଲେଖ କରିଛନ୍ତି । ଏହାକୁ ମିଶାଇ ପ୍ରାୟ ୧୦ଟି ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ 'ନୂଆ- ଓ' ଛାତ୍ରବୃତ୍ତି ପ୍ରଦାନ କରାଯାଇ ସାରିଛି ।



## ପାଠ ପାଇଁ ଆର୍ଥିକ ସମସ୍ୟା ଦୂର

ପାଠ ପଢ଼ା ପାଇଁ ଆର୍ଥିକ ସମସ୍ୟା ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟୁଥିବା ବେଳେ ନବୀନଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଏକ ସଶକ୍ତ ଯୁବ ସମାଜ ଗଠନ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି । ଓଡ଼ିଶାର ପ୍ରତିଟି ପିଲା ପାଠ ପଢ଼ିବେ, ନିଜ ପରିବାର ପାଇଁ, ସମାଜ ପାଇଁ, ରାଜ୍ୟ ପାଇଁ ସୁନାମ ଆଣିବେ । ଏକ ନୂଆ, ସଶକ୍ତ ଏବଂ ନବୀନ ଓଡ଼ିଶା ଗଠନର ପ୍ରମୁଖ ସାରଥି ସାଜିବେ । ପିଲାଙ୍କୁ କଲେଜରେ ପାଠ ପଢ଼ାଇବାକୁ କୌଣସି ଅଭିଭାବକଙ୍କୁ ଆଉ ଜମି ବନ୍ଧା ପକାଇବାକୁ ପଡ଼ିବ ନାହିଁ । ଏଥିପାଇଁ ମୁଖ୍ୟମନ୍ତ୍ରୀ 'ନୂଆ ଓ' ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।



## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର

ବିଭିନ୍ନ କଲେଜରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ବୃତ୍ତିରାଶି ପ୍ରଦାନ କରାଯାଉଛି । ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ବୃତ୍ତିରାଶି ପ୍ରଦାନ କରାଯାଉଛି । ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଝିଅଙ୍କୁ ଯଥାକ୍ରମେ ବାର୍ଷିକ ୧୦ହଜାର ଓ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇଛନ୍ତି । ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯାଉଛି ।

## ପ୍ରତିଭା 'ପାସପୋର୍ଟ' ହେବ 'ମ୍ୟାଜିକ୍ କାର୍ଡ'

'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ ସହ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ '୫-ଟି' ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ । ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି କାର୍ଡ ପରିଚାଳିତ ହେବ । ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜୀକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ତାରିଖରେ ବଣ୍ଟନ କରାଯିବ ।









ରଣଜୀ ଟ୍ରଫି ସେମିଫାଇନାଲ

# ଶାର୍ଦ୍ଦୁଳଙ୍କ ଶତକ; ମୁମ୍ବାଇ ପ୍ରଥମ ପାଳି ଅଗ୍ରଣୀ



ମୁମ୍ବଇ,୩।୩(ଏଜେନ୍ସି)

ରଣଜୀ ଟ୍ରଫି ସେମିଫାଇନାଲ ରବିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଚାଲିଥିବା ତାମିଲନାଡୁ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ମୁମ୍ବାଇ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ତାମିଲନାଡୁ ପ୍ରଥମ ପାଳିରେ ୬୪.୧ ଓଭରରେ ୧୪୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ମୁମ୍ବାଇ ପ୍ରଥମ ପାଳି ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦୦ ଓଭରରେ ୯ ୱିକେଟ ହରାଇ ୩୫୩ ରନ ସଂଗ୍ରହ କରିଛି। ଫଳରେ ମୁମ୍ବାଇ ୨୦୭ ରନର ଅଗ୍ରଣୀ ହାସଲ କରିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ତନୁଶ କୋଟିଆନ୍ ୭୪ ଓ ତୁଷାର ଦେଶପାଣ୍ଡେ ୧୭ ରନକରି ଅପରାଜିତ ରହିଛନ୍ତି।

## ସାଇ କିଶୋରଙ୍କୁ ୬ ୱିକେଟ

ଅସମାପ୍ତ ପ୍ରଥମ ପାଳି ସ୍କୋର ୪୫/୨ରୁ ମୁମ୍ବାଇ ବ୍ୟାଟିଂ ଆରମ୍ଭ କରିଥିଲା। ଅପରାଜିତ ଥିବା ବ୍ୟାଟର ମୁସିର ଖାନ୍ ୨୪ ଓ ମୋହିତ ଅବସ୍ଥି ୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୫୫ ଓ ୨ ରନକରି ଆଉଟ ହୋଇଥିଲେ। ଅଧିନାୟକ ଆଜିଙ୍କ୍ୟ ରାହାଣେ ଓ ତାରକା ବ୍ୟାଟର ଶ୍ରେୟସ ଆୟର ବିଫଳ ହୋଇଥିଲେ। ରାହାଣେ ୧୯ ଓ ଆୟର ୩ ରନକରି ପ୍ୟାଭିଲିୟନ ଫେରିଥିଲେ। ୱିକେଟ ରକ୍ଷକ ବ୍ୟାଟର ହାର୍ଦ୍ଦିକ ତୋମାର ୩୫ ରନକରି ଆଉଟ ହେବା ପରେ ଦ୍ରୁତ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ଅଷ୍ଟମ, ୯ମ ଓ ୧୦ମ ୱିକେଟରେ ମୁମ୍ବାଇ ବ୍ୟାଟର ଦୃଢ ବ୍ୟାଟିଂ କରି ତାମିଲନାଡୁ ବୋଲରଙ୍କୁ ନିରାଶ କରିଥିଲେ। ଅଷ୍ଟମ ୱିକେଟରେ ଠାକୁର ଓ ତୋମାର ୧୦୫, ୯ମ ୱିକେଟରେ ଠାକୁର, କୋଟିଆନ ୭୯ ଓ ୧୦ମ ୱିକେଟରେ ତୁଷାର ଓ କୋଟିଆନ ଅପରାଜିତ ୬୩ ରନ ସଂଗ୍ରହ କରିଛନ୍ତି। ବୋଲିଂରେ ତାମିଲନାଡୁର ଅଧିନାୟକ ସାଇ କିଶୋର ସର୍ବାଧିକ ୬ ଓ କୁଲଦୀପ ସେନ୍ ୨ ୱିକେଟ ଅକ୍ତିଆର କରିଥିଲେ।

## ହିମାଂଶୁଙ୍କ ଶତକରେ ମଧ୍ୟପ୍ରଦେଶ ଆଗୁଆ



ନାଗପୁରରେ ଚାଲିଥିବା ବିଦର୍ଭ ବିପକ୍ଷ ପ୍ରଥମ ସେମିଫାଇନାଲରେ ମଧ୍ୟପ୍ରଦେଶ ପ୍ରଥମ ପାଳି ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଟସ୍ ଜିତି ବିଦର୍ଭ ପ୍ରଥମ ପାଳିରେ ୫୬.୪ ଓଭରରେ ୧୭୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ମଧ୍ୟପ୍ରଦେଶ ୯୪.୩ ଓଭରରେ ୨୫୨ ରନକରି ଅଲଆଉଟ ହେବା ସହ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବିଦର୍ଭ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଓଭରରେ ଗୋଟିଏ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଶୋରେ ୧୦ ଓ ଅକ୍ଷୟ ୱାଖରେ ୧ ରନକରି ଅପରାଜିତ ରହିଛନ୍ତି। ଓପନର ଅଥର୍ବ ତାଇଡେ ୨ ରନକରି ଆଭେସ ଖାନ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ଅସମାପ୍ତ ପ୍ରଥମ ପାଳି ସ୍କୋର ୪୭/୧ରୁ ଖେଳ ଆରମ୍ଭ କରି ମଧ୍ୟପ୍ରଦେଶ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ହିମାଂଶୁ ମନ୍ତ୍ରୀ ୨୬ରୁ ଖେଳ ଆରମ୍ଭ କରି ୧୨୬ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ହର୍ଷ ଗାୱଲି ୧୦ରୁ ଖେଳ ଆରମ୍ଭ କରି ୨୫ରେ ଆଉଟ ହୋଇଥିଲେ। ସାଗର ସୋଲାଙ୍କି ୨୬ ଓ ସାରାଂଶ ଜୈନ ୩୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ବିଦର୍ଭ ଦ୍ରୁତ ବୋଲର ଉମେଶ ଯାଦବ ଓ ୟଶ ଠାକୁର ୩ଟି ଲେଖାଏ, ଅକ୍ଷୟ ୱାଖରେ ୨ ଓ ଆଦିତ୍ୟ ସରୱାତ ଗୋଟିଏ ୱିକେଟ ନେଇଥିଲେ।

# ୱେଲିଂଟନ୍ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

- ନ୍ୟୁଜିଲାଣ୍ଡ ୧୭୨ ରନରେ ପରାସ୍ତ
- ଗ୍ରୀନ ଶ୍ରେଷ୍ଠ ଖେଳାଳି

**ୱେଲିଂଟନ୍,୩।୩(ଏଜେନ୍ସି):** ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବୃହତ୍ ୧୭୨ ରନରେ ବିଜୟ ହାସଲ କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ଏଥିସହ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୫.୧ ଓଭରରେ ୩୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୩.୧ ଓଭରରେ ୧୭୯ ରନକରି ଅଲଆଉଟ ହୋଇ ୨୦୪ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସରେ ୫୧.୧ ଓଭରରେ ୧୬୪ ରନକରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୩୬୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଚତୁର୍ଥ ଦିବସରେ ୬୪.୪ ଓଭରରେ ୧୯୬ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। ପ୍ରଥମ ପାଳିରେ ୧୭୪ ରନର ବୃହତ୍ ଶତକୀୟ ପାଳି ଓ ଦ୍ୱିତୀୟରେ ୩୪ ରନ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଷ୍ଟ୍ରେଲୀୟ ମଧ୍ୟକ୍ରମ ବ୍ୟାଟର କାମରେନ ଗ୍ରୀନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆସନ୍ତା ୮ ତାରିଖ ଶୁକ୍ରବାରଠାରୁ ଖ୍ରୀଷ୍ଟଚର୍ଚ୍ଚରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

## ନାଥନ ଲାୟନଙ୍କୁ ୬ ୱିକେଟ



ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୧୧/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ରଚିନ ରବିନ୍ଦ୍ର ୫୬ ଓ ଡାରିଲ ମିଚେଲ ୧୨ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୫୯ ଓ ୩୮ ରନକରି ଆଉଟ ହୋଇଥିଲେ। ଏହାପରେ ସ୍କଟ କୁଗେଲେଜିନ୍ ୨୬ ଓ ମ୍ୟାଟ୍ ହେନେରୀ ୧୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନଥିଲେ। ଟମ୍ ବ୍ଲଣ୍ଡେଲ ଖାଥା ଖୋଲିପାରି ନଥିବା ବେଳେ ଗ୍ଲେନ୍ ଫିଲିପ୍ସ ୧ ଓ ଟିମ୍ ସାଉଦି ୭ ରନକରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଅଭିଜ୍ଞ ସ୍ପିନର ନାଥନ ଲାୟନ ସର୍ବାଧିକ ୬, ଜୋଶ ହାଜେଲଉଡ ୨, ଟ୍ରାଭିସ ହେଡ ଓ କାମେରନ ଗ୍ରୀନ୍ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

- ବିଶ୍ୱ ବିଜେତା ପ୍ରମୋଦଙ୍କୁ ସମ୍ବର୍ଦ୍ଧନା

# ‘କ୍ରୀଡ଼ା ବିକାଶରେ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ’

ଭୁବନେଶ୍ୱର, ୩।୩ (ସମିସ)



ଥାଇଲାଣ୍ଡରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ବିଜୟୀ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପ୍ରମୋଦଙ୍କ ପ୍ରଶିକ୍ଷକ ଶିବ ପ୍ରସାଦ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଲିମ୍ପିଆନ ପ୍ରମୋଦ ଭଗତ କହିଛନ୍ତି, କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ଏଥିସହ ନିଜର ସଫଳତା ଓ ଆଗାମୀ ପାରା ଅଲିମ୍ପିକ୍ସ ଲକ୍ଷ୍ୟ ବିଷୟରେ ସେ ଉପସ୍ଥିତ କ୍ରୀଡ଼ାବିତ୍‌ମାନଙ୍କୁ କହିଥିଲେ। ସେହିଭଳି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି କହିଛନ୍ତି, ‘ସଫଳତା ପାଇବା ଲାଗି କୌଣସି ସହଜ ମାର୍ଗ ନାହିଁ। କଠିନ ପରିଶ୍ରମ ଓ ଏକାଗ୍ରତା ହିଁ ସଫଳତା ପାଇବାରେ ସାହାଯ୍ୟ କରେ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପ୍ରମୋଦ। ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଆଗକୁ ନେବାପାଇଁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନୂତନ ଯୁବ ପିଢ଼ି ଏହାର ଲାଭ ଉଠାଇବା ସହ ପ୍ରମୋଦଙ୍କ ଭଳି ରାଜ୍ୟ ପାଇଁ ଗୌରବ ଆଣିପାରିବେ।’ ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଦୀପଙ୍କର ମହାପାତ୍ର, ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଏହାକୁ ସଞ୍ଚାଳନା କରିଥିଲେ।

- ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ ଉଦ୍‌ଘାଟିତ

# ୮୮ ପ୍ରତିଯୋଗୀ, ପୁରସ୍କାର ୨.୫ ଲକ୍ଷ



ଭୁବନେଶ୍ୱର, ୩।୩ (ସମିସ)

ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ସର୍ବଭାରତୀୟ ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। ଗୁରୁକୁଳ ଟେନିସ ରିସର୍ଟ ଓ କଣ୍ଟ୍ରି କ୍ଲବ୍ ପରିସରରେ ସୋମବାରଠାରୁ ଖେଳାଯିବାକୁ ଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ଟେନିସ ସଂଘର ଉପଦେଷ୍ଟା ମଧୁସୂଦନ ଷଡଙ୍ଗୀ ଆନୁଷ୍ଠାନିକ ଭାବେ ରବିବାର ଉଦ୍‌ଘାଟନ କରିଛନ୍ତି। ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ଏଆଇଟିଏ ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତାରେ ସମଗ୍ର ଭାରତବର୍ଷରୁ ମୋଟ ୮୮ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥିରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ୨.୫ ଲକ୍ଷ ଟଙ୍କାର ପୁରସ୍କାର ସହ ଏଆଇଟିଏ ପଏଣ୍ଟ ମଧ୍ୟ ମିଳିବ। ରାଜ୍ୟରେ ଆୟୋଜିତ ହେଉଥିବା ଏସମସ୍ତ ଏଆଇଟିଏ ପ୍ରତିଯୋଗିତାରେ ଏହି ରାଶି ସର୍ବାଧିକ ବୋଲି ରିସର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ପ୍ରକାଶ କରିଛନ୍ତି। ରବିବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟି ଅଧ୍ୟକ୍ଷ ଡାକ୍ତର ପ୍ରତାପ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୮ରୁ ରାଜ୍ୟସ୍ତରୀୟ ପାରାବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୩।୩ (ସମିସ):** ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ମାର୍ଚ୍ଚ ୮ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ। ପଟିଆସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ଖେଳାଯିବାକୁ ଥିବା ଏହି ୩ ଦିନିଆ ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଅନ୍ତର୍ଜାତୀୟ ଓ ଜାତୀୟସ୍ତରର ଖେଳାଳି ଅଂଶଗ୍ରହଣ କରିବେ। ପାରା ବ୍ୟାଡ୍‌ମିଣ୍ଟନର ସମସ୍ତ କାଟେଗୋରୀ ଯଥା ହୁଇଲଚେୟାର, ଭିନ୍ନକ୍ଷମ, ଗୋଡର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମତା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା ପ୍ରତିଯୋଗୀମାନେ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ସଂଘ ଅଧ୍ୟକ୍ଷ ଶିବପ୍ରସାଦ ଦାସଙ୍କୁ ଫୋନ ନଂ-୯୮୬୧୦- ୮୯୯୭୦ ସହ ୬ତାରିଖ ସୁଦ୍ଧା ଯୋଗାଯୋଗ କରି ନିଜ ନାମ ପଞ୍ଜିକୃତ କରିପାରିବେ।

- ନଳିନୀ ରାଜଗୁରୁ ରାଜ୍ୟ ଓପନ ଚେସ୍

# ଟାଇଟଲ ଜିତିଲେ ରବୀନ୍ଦ୍ର ଓଝା

**ଭୁବନେଶ୍ୱର, ୩।୩ (ସମିସ):** ବରିଷ୍ଠ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ଓଝା ତୃତୀୟ ନଳିନୀ ରାଜଗୁରୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଭୁବନେଶ୍ୱର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆୟୋଜିତ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ କଟକର ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ଏକାକୀ ପ୍ରଥମସ୍ଥାନରେ ରହି ଟାଇଟଲ ଜିତିଛନ୍ତି। ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, କଟକର ଲଳିତରଞ୍ଜନ ସାହୁ, ଜଟଣୀର ଅବିନାଶ ବଳିଆରସିଂ, ଭୁବନେଶ୍ୱରର ମନୀଷ ମିଶ୍ର ଓ କାର୍ତ୍ତି ଅନୁରାଗ ପ୍ରତିହାରୀ, କଟକର ପ୍ରତ୍ୟୁଷ ନାୟକ ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲାବେଳେ ଯଥାକ୍ରମେ ଦ୍ୱିତୀୟରୁ ୭ମ ସ୍ଥାନ ଅଧିକାର କରିଛନ୍ତି।

ପୂର୍ବରୁ ଏହି ପ୍ରତିଯୋଗିତାକୁ ରବିବାର ସକାଳେ ଟାଟା କ୍ରୋମାର ମାନବ ସମ୍ବଳ ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ଗୋଦରେଜ୍‌ର ସାଧାରଣ ପ୍ରବନ୍ଧକ ଦିବ୍ୟେନ୍ଦୁ ରାଜଗୁରୁ, ଇନ୍‌ଫୋସିସ୍ ଗ୍ରୁପ୍ ମ୍ୟାନେଜର ସିତେନ୍ଦୁ ରାଜଗୁରୁ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ପ୍ରିୟମ୍ବଦା ରାଜଗୁରୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।



ଇଣ୍ଡିଆନ ସୁପର ଲିଗ୍

# ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ବ୍ୟାହତ

ଭୁବନେଶ୍ୱର,୩।୩(ସମିସ)



ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ପାଖା ପାଖି ୫ ମାସପରେ ପ୍ରଥମ ପରାଜୟ ବରଣ କରିଛି। ରବିବାର ଚେନ୍ନଇର ଜବାହରଲାଲ୍ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଘରୋଇ ଚେନ୍ନାଇନ୍ ଏଫ୍‌ସି ୨-୧ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଦୀର୍ଘ ୧୩ଟି ମ୍ୟାଚ୍‌ରେ କ୍ରମାଗତ ଭାବେ ଅପରାଜେୟ ରହିବା ପରେ ଓଡ଼ିଶା ଶେଷରେ ପରାସ୍ତ ହୋଇଛି। ମ୍ୟାଚ୍‌ରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ କେବଳ ଗୋଟିଏ ମାତ୍ର ଗୋଲ ଦେବାକୁ ସକ୍ଷମ ହୋଇଥିଲା।

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଅଙ୍କିତ ମୁଖାର୍ଜୀ ଷଷ୍ଠ ମିନିଟ୍‌ରେ ଗୋଲ ଦେଇ ଚେନ୍ନାଇନ୍‌କୁ ଅଗ୍ରଣୀ କରାଇଥିଲେ। ଏହାପରେ ଫିଜି ଷ୍ଟ୍ରାଇକର ରଏ କ୍ରିଷ୍ଣା ଓଡ଼ିଶା ତରଫରୁ ୭୮ତମ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଉଭୟ ପଟରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା। କିନ୍ତୁ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଇଞ୍ଜୁରୀ ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ଅଷ୍ଟ୍ରେଲିଆର ଅଭିଜ୍ଞ ଷ୍ଟ୍ରାଇକର ଜୋର୍ଡାନ ମୁରେ ଗୋଲ ଦେଇ ଚେନ୍ନାଇକୁ ବିଜୟୀ କରାଇଥିଲେ। ଏହି ପରାଜୟରେ ଓଡ଼ିଶା ଖେଳାଳିମାନେ ନିରାଶ ହୋଇଥିଲେ। ସଟ୍ ଓ ଲକ୍ଷ୍ୟ ସ୍ଥଳକୁ ସଟ୍ ମାରିବାରେ ଚେନ୍ନାଇନ ଆଗରେ ରହିଥିଲା। ଘରୋଇ ଦର୍ଶକଙ୍କ ସମର୍ଥନ ଦଳକୁ ଉତ୍ସାହିତ କରିଥିଲା। କିନ୍ତୁ ଓଡ଼ିଶା ଖେଳାଳିମାନେ ଅଧିକ ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିବାରେ ସକ୍ଷମ ହୋଇଥିଲେ। ପାସ୍ ଦେବାରେ ଓ ନିର୍ଭୁଲ ପାସ୍‌ରେ ଓଡ଼ିଶା ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଓଡ଼ିଶା ବିଜୟୀ ହୋଇପାରି ନଥିଲା। ଓଡ଼ିଶାର ରକ୍ଷଣଭାଗରେ ସନ୍ତୁଳନ ଥିବା ପରି ମନେହେଉ ନଥିଲା ଓ ଦୁର୍ବଳ ପ୍ରଦର୍ଶନ କରିଥିଲା।

ପରାଜୟ ସତ୍ତ୍ୱେ ଓଡ଼ିଶା ଅଙ୍କ ସାରଣୀରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଏପର୍ଯ୍ୟନ୍ତ ୧୮ଟି ମ୍ୟାଚ୍ ଖେଳି ଓଡ଼ିଶା ୧୦ ବିଜୟ, ୫ ଡ୍ର ଓ ୩ ପରାଜୟ ସହ ୩୫ ଅଙ୍କ ସହ ନଂ ୧ ସ୍ଥାନରେ ରହିଛି। ସେହିପରି ଚେନ୍ନାଇନ ୧୭ ମ୍ୟାଚ୍ ଖେଳି ୫ ବିଜୟ, ୩ ଡ୍ର ଓ ୯ ପରାଜୟ ସହ ୧୮ ଅଙ୍କ ପାଇ ୧୦ମ ସ୍ଥାନରେ ରହିଛି। ମୁମ୍ବାଇ ସିଟି ଏଫ୍‌ସି ୧୭ ମ୍ୟାଚ୍ ଖେଳି ୩୫ ଅଙ୍କ ପାଇଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏବେ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ମାର୍ଚ୍ଚ ୩୦ରେ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ। ସେହିପରି ଆସନ୍ତା ୯ ତାରିଖରେ ଚେନ୍ନାଇନ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ସାରଣୀ**

# ନ୍ୟୁଜିଲାଣ୍ଡକୁ ହଟାଇ ଭାରତ ଏକ ନମ୍ବର

**ଦୁବାଇ, ୩।୩(ଏଜେନ୍ସି)**

ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ କ୍ରିକେଟ ଦଳ ଚଳିତ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ସାଇକଲ (୨୦୨୩-୨୦୨୫) ପଏଣ୍ଟ ସାରଣୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ରବିବାର ୱେଲିଂଟନ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ନ୍ୟୁଜିଲାଣ୍ଡ ପରାଜିତ ହେବା ପରେ ସଦ୍ୟପ୍ରକାଶିତ ଆଇସିସି ପଏଣ୍ଟ ସାରଣୀରେ ଭାରତ ନଂ-୧ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ଟେଷ୍ଟ ପରେ ଭାରତର ବିଜୟ ଶତକଡ଼ା ୬୪.୫୮ ପଏଣ୍ଟ ରହିଛି। ରାଞ୍ଚିରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡକୁ ହରାଇବା ପରେ ଭାରତକୁ ଏହି ପଏଣ୍ଟ ମିଳିଥିଲା। କିନ୍ତୁ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ପରେ ନ୍ୟୁଜିଲାଣ୍ଡର ବିଜୟ ହାର ପଏଣ୍ଟ ୬୦ ଶତକଡ଼ାକୁ କମି ଆସିଥିଲା। ଫଳରେ ଏହା ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବିଜୟୀ ଅଷ୍ଟ୍ରେଲିଆର ବିଜୟ ଶତକଡା ହାର ୫୯.୦୯ ପଏଣ୍ଟକୁ ଉନ୍ନୀତ ହୋଇଛି। ଏହି ପଏଣ୍ଟ ଶତକଡ଼ା ସହ ଅଷ୍ଟ୍ରେଲିଆ ପଏଣ୍ଟ ସାରଣୀରେ ତୃତୀୟ ସ୍ଥାନରେ ରହିଛି।

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୩-୧ ବ୍ୟବଧାନରେ ଆଗୁଆ ସିରିଜ୍ କବ୍‌ଜା କରିଛି। ଏହା ଫଳରେ ପଏଣ୍ଟ ସାରଣୀରେ ଭାରତକୁ ଏକ ନମ୍ବର ହେବାର ସୌଭାଗ୍ୟ ମିଳିଛି। ଧର୍ମଶାଳାରେ ମାର୍ଚ୍ଚ ୭ ତାରିଖରେ ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟ ଖେଳାଯିବ। ଏହି ଟେଷ୍ଟରେ ବିଜୟୀ ହୋଇପାରିଲେ ଭାରତର ପଏଣ୍ଟ ସଂଖ୍ୟା ବୃଦ୍ଧି ପାଇବ। ଏବେ ସୁଦ୍ଧା ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ସାଇକଲରେ ରୋହିତ ଶର୍ମାଙ୍କ ଭାରତୀୟ ଦଳ ୮ଟି ଟେଷ୍ଟ ଖେଳିସାରିଛି। ଏହା ମଧ୍ୟରୁ ଦଳ ୫ଟିରେ ଜିତିଥିଲାବେଳେ ୨ଟିରେ ହାରିଛି ଓ ଗୋଟିଏ ମ୍ୟାଚ୍ ଅମୀମାଂସିତ ରଖିଛି। ଏହି ସମୟ ମଧ୍ୟରେ ଅଷ୍ଟ୍ରେଲିଆ ସର୍ବାଧିକ ୧୧ଟି ଟେଷ୍ଟ ଖେଳିଛି। ଏହି ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇପାରିଲେ ପଏଣ୍ଟ ସାରଣୀର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଗୋଟିଏ ବିଜୟ ଲାଗି ୧୨, ଟାଇ ଲାଗି ୬ ଓ ଅମୀମାଂସିତ ଲାଗି ୪ ପଏଣ୍ଟ ଦିଆଯାଇଥାଏ। ବିଜୟ ହାରକୁ ନେଇ ପଏଣ୍ଟ ସାରଣୀ ପ୍ରସ୍ତୁତ କରାଯାଇଥାଏ। ପଏଣ୍ଟ ସାରଣୀର ପ୍ରଥମ ଦୁଇଟି ସ୍ଥାନରେ ରହିଥିବା ଦୁଇ ଦଳ ଆସନ୍ତାବର୍ଷ ଇଂଲଣ୍ଡର ଲର୍ଡ୍ସ ପଡ଼ିଆରେ ଫାଇନାଲ ମ୍ୟାଚ୍ ଖେଳିବେ।



### କିଶାନଙ୍କ ଲାଗି ଆଇପିଏଲ ସୁଯୋଗ

ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଉଦୀୟମାନ ୱିକେଟରକ୍ଷକ/ବ୍ୟାଟର ଇଶାନ କିଶାନଙ୍କର ଦଳକୁ ଫେରିବା କଷ୍ଟକର ହୋଇପଡ଼ିଛି। ରିପୋର୍ଟ ଅନୁଯାୟୀ ତାଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଖେଳିବା ଲାଗି କୁହାଯାଇଥିଲେ ମଧ୍ୟ ତାହାକୁ ସେ ଏଡ଼ାଇଯାଇଥିଲେ। ଗତ ଡିସେମ୍ବରରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳ ଛାଡ଼ିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ସେ ବିସିସିଆଇ କିମ୍ବା ଝାଡଖଣ୍ଡ ରାଜ୍ୟ କ୍ରିକେଟ ସଂଘକୁ କିଛି ସୂଚନା ଦେଇ ନ ଥିଲେ। ଏହା ମଧ୍ୟରେ ବିସିସିଆଇର ଚୁକ୍ତିବଦ୍ଧ ଖେଳାଳିମାନେ ଘରୋଇ କ୍ରିକେଟ ଖେଳିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଝାଡଖଣ୍ଡ ପକ୍ଷରୁ ସେ ଗୋଟିଏ ହେଲେ ରଣଜୀ ମ୍ୟାଚ୍ ଖେଳି ନ ଥିଲେ। ଟି-୨୦ ବିଶ୍ୱକପ୍ ଏବେ ଆଉ ୩ ମାସ ବାକି ରହିଛି। ଏଭଳି ସମୟରେ ତାଙ୍କ ନାମ ବିଚାରକୁ ନେବା ଲାଗି ଏବେ କେବଳ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଭଲ ପ୍ରଦର୍ଶନ କରିବାର ସୁଯୋଗ ରହିଛି। କିଶାନ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଛନ୍ତି। ଏହି ଟିମ୍‌ର ଘରୋଇ ପିଚ୍ ହେଉଛି ୱାଙ୍ଖେଡେ ଷ୍ଟାଡିୟମ୍। ଏଠିକାର ପିଚ୍ ଫ୍ଲାଟ ରହିଥାଏ। ଏଣୁ ପାଳି ଆରମ୍ଭ କରୁଥିବା କିଶାନଙ୍କ ଲାଗି ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଏକମାତ୍ର ରାସ୍ତା ରହିଛି। ସହଜେ କିଶାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ଆଉ କିଛି ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ନାହିଁ, ଏଣୁ ଭାରତୀୟ ଦଳକୁ ଫେରିବାକୁ ହେଲେ ଇଶାନ କିଶାନଙ୍କ ଲାଗି ଆଇପିଏଲ ପ୍ରଦର୍ଶନ ଏକମାତ୍ର ସୁଯୋଗ ବୋଲି ପ୍ରାକ୍ତନ କ୍ରିକେଟର ଆକାଶ ଚୋପ୍ରା କହିଛନ୍ତି।

### ପ୍ରତ୍ୟାବର୍ତ୍ତନରେ ଆୟର ଫେଲ୍

ଘରୋଇ କ୍ରିକେଟ ନ ଖେଳିବାକୁ ମିଛ କହିଥିବା ମୁମ୍ବଇର ଶ୍ରେୟସ ଆୟରଙ୍କୁ ମଧ୍ୟ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯାଇଥିଲା। ତାଙ୍କୁ ରଣଜୀ ଟ୍ରଫି ଖେଳିବାକୁ କୁହାଯାଇଥିଲେ ମଧ୍ୟ ସେ ଆଘାତର ବାହାନା ଦେଖାଇ କ୍ୱାର୍ଟର ଫାଇନାଲ ଖେଳି ନ ଥିଲେ। ଏନ୍‌ସିଏରେ ତାଙ୍କ ଫିଟ୍‌ନେସ ଟେଷ୍ଟ କରାଯିବା ପରେ ସେ ଫିଟ୍ ଥିବାର ଜଣାପଡ଼ିଥିଲା। ଏଣୁ ଆହତ ହେବାର ମିଛ ବାହାନା ଧରାପଡ଼ିଯାଇଥିଲା। ଏହି ସମୟରେ ସେ କୋଲକାତା ନାଇଟ୍ ରାଇଡର୍ସ ଏକାଡେମୀରେ ଟ୍ରେନିଂ କରୁଥିବା ଜଣାପଡ଼ିବା ପରେ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯାଇଥିଲା। ଏହା ପରେ ସେ ବାଧ୍ୟ ହୋଇ ତାମିଲନାଡୁ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲ ଖେଳିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସେ ମାତ୍ର ୮ଟି ବଲ ଖେଳି ୩ ରନ୍ କରିଥିଲେ। ସନ୍ଦୀପ ୱାରିୟର ତାଙ୍କୁ ବୋଲ୍ଡ ଆଉଟ କରିଥିଲେ। କିଶାନଙ୍କ ପରି ଏବେ ମଧ୍ୟ ଜାତୀୟ ଦଳକୁ ଫେରିବାକୁ ହେଲେ ଆୟରଙ୍କ ଲାଗି ଆଇପିଏଲ ଭରସା ବୋଲି ଜଣାଯାଇଛି।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ପଏଣ୍ଟ | ବିଜୟହାର |
|---|---|---|---|---|---|---|
| ଭାରତ | ୮ | ୫ | ୨ | ୧ | ୬୨ | ୬୪.୫୮ |
| ନ୍ୟୁଜିଲାଣ୍ଡ | ୫ | ୩ | ୨ | ୦ | ୩୬ | ୬୦.୦୦ |
| ଅଷ୍ଟ୍ରେଲିଆ | ୧୧ | ୭ | ୩ | ୧ | ୭୮ | ୫୯.୦୯ |
| ବାଂଲାଦେଶ | ୨ | ୧ | ୧ | ୦ | ୧୨ | ୫୦.୦୦ |
| ପାକିସ୍ତାନ | ୫ | ୨ | ୩ | ୦ | ୨୨ | ୩୬.୬୬ |
| ୱେଷ୍ଟଇଣ୍ଡିଜ୍ | ୪ | ୧ | ୨ | ୧ | ୧୬ | ୩୩.୩୩ |
| ଦକ୍ଷିଣ ଆଫ୍ରିକା | ୪ | ୧ | ୩ | ୦ | ୧୨ | ୨୫.୦୦ |
| ଇଂଲଣ୍ଡ | ୯ | ୩ | ୫ | ୧ | ୨୧ | ୧୯.୪୪ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | ୦.୦୦ |

**● ମୋଟର ସାଇକେଲ ଦୁର୍ଘଟଣା**

## ଗୁଜରାଟ ଟାଇଟନ୍ସର ରବିନ ମିଞ୍ଜ୍ ଆହତ



**ରାଞ୍ଚି,୩।୩(ଏଜେନ୍ସି):** ଝାଡଖଣ୍ଡ ୱିକେଟକିପର ବ୍ୟାଟର ରବିନ ମିଞ୍ଜ ଶନିବାର ରାଞ୍ଚିରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଆହତ ହୋଇଛନ୍ତି। ରବିନ ଗୁଜରାଟ ଟାଇଟନ୍ସ ତରଫରୁ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ୩ କୋଟି ୬୦ ଲକ୍ଷ ଟଙ୍କା ବିନିମୟରେ ସେ ଗୁଜରାଟ ଦଳରେ ସାମିଲ ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଛି। ପ୍ରଥମ ଆଦିବାସୀ ଖେଳାଳି ଭାବେ ସେ ଆଇପିଏଲର କୌଣସି ଦଳରେ ସାମିଲ ହୋଇଛନ୍ତି। ରବିନଙ୍କ ପିତା ଫ୍ରାନସିସ ମିଞ୍ଜ୍ ଏ ନେଇ ସୂଚନା ଦେଇଛନ୍ତି। ତାଙ୍କ ମୋଟର ସାଇକେଲ ଅନ୍ୟ ଏକ ମୋଟର ସାଇକେଲ ସହ ଧକ୍କା ଖାଇଥିଲେ। ଫଳରେ ନିୟନ୍ତ୍ରଣ ହରାଇ ସେ ଆଗକୁ ପଡିଯାଇଥିଲେ। ତାଙ୍କ ମୋଟର ସାଇକଲର ଆଗ୍ରଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି ଓ ଡାହାଣ ଆଣ୍ଠୁରେ ହାଲ୍‌କା ଆଘାତ ଲାଗିଛି ବୋଲି ସେ କହିଛନ୍ତି। ରବିନ ରଣଜୀ ଟ୍ରଫିରେ ଏପର୍ଯ୍ୟନ୍ତ ପଦାର୍ପଣ କରିନାହାନ୍ତି। ଗତ ଦୁଇବର୍ଷ ହେବ ସେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ରବିନ ଏପର୍ଯ୍ୟନ୍ତ ୩୬ଟି ଟି-୨୦ ମ୍ୟାଚ୍ ଖେଳି ୧୩୯.୭୭ ହାରରେ ୧୩୪୬ ରନ ସଂଗ୍ରହ କରିଛନ୍ତି।

## ଫ୍ରାଙ୍କଲିନ୍ ସନରାଇଜର୍ସ ବୋଲିଂ ପ୍ରଶିକ୍ଷକ



**ହାଇଦରାବାଦ୍,୩।୩(ଏଜେନ୍ସି):** ପୂର୍ବତନ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଜେମ୍ସ ଫ୍ରାଙ୍କଲିନ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦର ନୂଆ ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ ଦ୍ରୁତ ବୋଲର ଡେଲ ଷ୍ଟେନ୍‌ଙ୍କ ସ୍ଥାନରେ ଏହି ଗୁରୁ ଦାୟିତ୍ୱ ବହନ କରିବେ। ବ୍ୟକ୍ତିଗତ କାରଣ ଦର୍ଶାଇ ଷ୍ଟେନ୍ ଆଇପିଏଲରୁ ଓହରିଯାଇଛନ୍ତି। ହାଇଦ୍ରାବାଦ୍ ନିଜ ଅଧିନାୟକ ବଦଳାଇପାରେ ବୋଲି ଚର୍ଚ୍ଚା ହେଉଛି। ଦକ୍ଷିଣ ଆଫ୍ରିକାର ଏଡେନ ମାର୍କରାମଙ୍କ ବଳଦରେ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ନେତୃତ୍ୱ ପ୍ରଦାନ କରିବ ହାଇଦ୍ରାବାଦ। ୪୩ ବର୍ଷୀୟ ଫ୍ରାଙ୍କଲିନ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଇପିଏଲ ଖେଳିସାରିଛନ୍ତି। ଫ୍ରାଙ୍କଲିନ୍ ନ୍ୟୁଜିଲାଣ୍ଡ ତରଫରୁ ୩୧ ଟେଷ୍ଟ, ୧୧୦ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ମାର୍ଚ୍ଚ ୨୩ରେ ହାଇଦ୍ରାବାଦ କୋଲକାତାରେ ତା'ର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଖେଳିବ।

**● ମେକ୍ସିକାନ ଓପନ୍ ଟେନିସ**

## ମିନାଉରଙ୍କୁ କ୍ରମାଗତ ଦ୍ୱିତୀୟ ଟାଇଟଲ

**ମେକ୍ସିକୋ ସିଟି,୩।୩(ଏଜେନ୍ସି):** ମେକ୍ସିକାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୨୫ ବର୍ଷୀୟ ତୃତୀୟ ସିଡ୍ ଖେଳାଳି ମିନାଉର ୬-୪, ୬-୪ ସିଧାସଳଖ ସେଟ୍‌ରେ ଷଷ୍ଠ ସିଡ୍ ନରୱେର କାସ୍ପେର ରୁଡ୍‌ଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ଏଥିସହ ସେ କ୍ୟାରିୟରର ଅଷ୍ଟମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ପୂର୍ବରୁ ସେ ସେମିଫାଇନାଲରେ ଡେନମାର୍କର ଦ୍ୱିତୀୟ ସିଡ୍ ଖେଳାଳି ହୋଲଗାର ରୁନ୍‌ଙ୍କୁ ହରାଇ ଫାଇନାଲକୁ ଉଠିଥିଲେ।

## ନିଖିଳ ଓଡ଼ିଶା ଓପନ ସ୍ନୁକର ଆଜିଠାରୁ



**ଭୁବନେଶ୍ୱର, ୩।୩ (ସମିସ):** ବିଲିୟାର୍ଡ୍‌ସ ଓ ସ୍ନୁକର ଆସୋସିଏସନ (ବିଓଏସ୍‌ଓ) ଆନୁକୂଲ୍ୟରେ ପ୍ରଥମ ନିଖିଳ ଓଡ଼ିଶା ୬ ରେଡ୍‌ବଲ ଓପନ ସ୍ନୁକର ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଭୁବନେଶ୍ୱର କ୍ଲବ୍ ପରିସରରେ ସୋମବାରଠାରୁ ଖେଳାଯିବ। ପ୍ରଥମଥର ଲାଗି ଏହି ପ୍ରତିଯୋଗିତାରେ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ବିଓଏସ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ମୋଟ ୩୩ ଜଣ ଖେଳାଳି ଅଂଶଗ୍ରହଣ କରୁଥିଲାବେଳେ ପୁରସ୍କାର ରାଶି ଦିଆଯିବ। ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା, ରନସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା, ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୫,୦୦୦ ଲେଖାଏଁ, କ୍ୱାର୍ଟର ଫାଇନାଲରେ ପରାଜିତ ୪ ଜଣ ଖେଳାଳିଙ୍କୁ ୨,୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ସର୍ବାଧିକ ବ୍ରେକ୍ ପଏଣ୍ଟ ହାସଲ କରିଥିବା ଖେଳାଳିଙ୍କୁ ୫,୦୦୦ ଟଙ୍କା ଦିଆଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ବରିଷ୍ଠ ଖେଳାଳି ଯଥା ସୁବ୍ରତ ଦାସ, କୁନାଲ ମହାପାତ୍ର, ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅମିୟ ନାୟକ, ସମ୍ପାଦକ ଅମୀର ଅଲ୍ଲୀ ପ୍ରମୁଖ ଅଂଶଗ୍ରହଣ କରିବେ। ସୋମବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ୍‌ରେ ଏହି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଓଏସ୍‌ଓ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି।

## ମେଘନାଙ୍କ ୪ ୱିକେଟ୍ ବୃଥା, ପୁଣି ହାରିଲା ଗୁଜରାଟ

**ମହିଳା ପ୍ରିମିଅର୍ ଲିଗ୍**

**ବେଙ୍ଗାଲୁରୁ, ୩।୩ (ଏଜେନ୍ସି)**



ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ)ରେ ଗୁଜରାଟ ଜାଏଣ୍ଟ୍ସ କ୍ରମାଗତ ୪ର୍ଥ ପରାଜୟବରଣ କରିଛି। ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନରେ ଗୁଜରାଟକୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୬୪ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ବେଥ୍ ମୁନୀଙ୍କ ଗୁଜରାଟ ଦଳ ୮ ୱିକେଟ୍ ହରାଇ ୧୩୮ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଆସଲେ ଗାର୍ଡନର ସର୍ବାଧିକ ୪୦ ରନ କରିଥିଲେ। ବୋଲିଂରେ ଜେସ୍ ଜନସେନ ଓ ରାଧା ଯାଦବ ୩ଟି ଲେଖାଏ ୱିକେଟ ନେଇ ଦିଲ୍ଲୀକୁ ଜିତାଇଥିଲେ। ପୂର୍ବରୁ ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ଓପନର୍ ତଥା ଅଧିନାୟିକା ଲାନ୍ନିଙ୍ଗଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୮ ୱିକେଟ୍‌ରେ ୧୬୩ ରନର ସମ୍ମାନଜନକ ସ୍କୋର କରିଥିଲା। ଲାନ୍ନିଙ୍ଗ ଗୋଟିଏ ଛକା ଓ ୬ଟି ଚୌକା ବଳରେ ୪୧ ବଲରୁ ୫୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲିସେ କାପ୍‌ସେ ୨୭, ଆନାବେଲ୍ ସଦରଲାଣ୍ଡ ୨୦, ଶେପାଳି ବର୍ମା ୧୩ ରନ କରିଥିଲେ। ବୋଲିଂରେ ଗୁଜରାଟ ପକ୍ଷରୁ ଦ୍ରୁତ ବୋଲର ମେଘନା ସିଂ ସର୍ବାଧିକ ୪ ୱିକେଟ୍ ସଫଳତା ପାଇଥିଲେ। ଆସଲେ ଗାର୍ଡନରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଦିଲ୍ଲୀ ୪ର୍ଥ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷକୁ ଉଠିଛି। ଅପରପକ୍ଷରେ ଗୁଜରାଟ କ୍ରମାଗତ ୪ର୍ଥ ପରାଜୟ ସହ ଖାତା ଖୋଲିବାରେ ବିଫଳ ହୋଇଛି।

## ୯ ହଜାର ଟି-୨୦ ରନରେ ମେଗ୍ ଦ୍ରୁତତମ



**ବେଙ୍ଗାଲୁରୁ, ୩।୩ (ଏଜେନ୍ସି):** ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା କ୍ରିକେଟର୍ ମେଗ୍ ଲାନ୍ନିଂ ଓଭରଅଲ୍ ଟି-୨୦ କ୍ରିକେଟ୍ (ଅନ୍ତର୍ଜାତୀୟ, ଜାତୀୟ ଓ ଲିଗ୍ ଟୁର୍ଣ୍ଣାମେଣ୍ଟ)ରେ ଦ୍ରୁତତମ ବ୍ୟାଟର୍ ଭାବେ ୯ ହଜାର ରନ ପୂରଣ କରିଛନ୍ତି। ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଥିବା ଲାନ୍ନିଂ ରବିବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ଖେଳିବା ଅବସରରେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ୩୧ ବର୍ଷୀୟ ଲାନ୍ନିଂ ଏହି ମ୍ୟାଚରେ ୪୧ ବଲରୁ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଟି-୨୦ରେ ଏହା ତାଙ୍କର ୬୭ତମ ଅର୍ଦ୍ଧଶତକୀୟ ପାଳି ଥିଲା। ଏଥିସହ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ସେ ୯ ହଜାର ରନ ଅତିକ୍ରମ କରିଛି। ଲାନ୍ନିଂ ତାଙ୍କ ୨୮୯ତମ ଟି-୨୦ ମ୍ୟାଚରୁ ଏହି ସ୍କୋର ହାସଲ କରିଛନ୍ତି। ଏହିକ୍ରମରେ ସେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ (୨୯୭ ମ୍ୟାଚ୍) ଓ ସାଥୀ ଅଷ୍ଟ୍ରେଲୀୟ ଖେଳାଳି ବେଥ୍ ମୁନୀ (୨୯୯ ମ୍ୟାଚ୍)ଙ୍କ ନାମରେ ଥିବା ରେକର୍ଡକୁ ପଛରେ ପକାଇଛନ୍ତି। ୨୦୨୩ ନଭେମ୍ବରରେ ଲାନ୍ନିଂ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ।

## ଆଜିଠାରୁ ବାଂଲା-ଶ୍ରୀଲଙ୍କା କ୍ରିକେଟ ସିରିଜ୍

**ଢ଼ାକା, ୩।୩(ଏଜେନ୍ସି):** ଆୟୋଜକ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଏକମାସ ବ୍ୟାପୀ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ସୋମବାରଠାରୁ ସିଲହଟରୁ ଆରମ୍ଭ ହେବ। ଦୁଇ ଦେଶ ମଧ୍ୟରେ ୩ଟି ଟି-୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ସିରିଜ୍‌ରୁ ଉଭୟ ଦେଶ ଆସନ୍ତା ଜୁନ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି କରିବେ। ଟି-୨୦ ମ୍ୟାଚ୍ ଗୁଡିକ ମାର୍ଚ୍ଚ ୪, ୬ ଓ ୯ରେ, ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ମାର୍ଚ୍ଚ ୧୩, ୧୫ ଓ ୧୮ରେ ଖେଳାଯିବ। ସେହିପରି ୨ଟି ଟେଷ୍ଟ ମ୍ୟାଚ୍ ସିଲହଟରେ ମାର୍ଚ୍ଚ ୨୨ରୁ ୨୬ ଓ ଚଟ୍ଟୋଗ୍ରାମ୍‌ରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୩ ତାରିଖଯାଏ ଖେଳାଯିବ।

# ୧୦୦ତମ ଟେଷ୍ଟ ପୂର୍ବରୁ ଅଶ୍ୱିନଙ୍କ ୫ ରେକର୍ଡ

**ଧର୍ମଶାଳା, ୩।୩ (ଏଜେନ୍ସି)**

ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ମାର୍ଚ୍ଚ ୭ରୁ ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ୩-୧ରେ ଅଗ୍ରଣୀ ରହି ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ତେଣୁ ଏହି ମ୍ୟାଚ୍ ଭାରତୀୟ ଦୃଷ୍ଟିରୁ ଗୁରୁତ୍ୱ ହରାଇଛି। ତେବେ ଭେଟେରାନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ପାଇଁ ଏହି ମ୍ୟାଚ୍ ମାଇଲଖୁଣ୍ଟ ହେବାକୁ ଯାଉଛି। ଟେଷ୍ଟ କ୍ରିକେଟ୍‌ରେ ଅଶ୍ୱିନଙ୍କ ଏହା ହେବ ୧୦୦ତମ ମ୍ୟାଚ୍। ବିଶ୍ୱର ୭୭ତମ ଓ ଭାରତର ୧୪ତମ ଖେଳାଳି ଭାବେ ଅଶ୍ୱିନ ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିବେ। ଶେଷ ଭାରତୀୟ ଭାବେ ଚେତେଶ୍ୱର ପୂଜାରା ଏହି ମାଇଲଖୁଣ୍ଟ ଛୁଇଁଥିଲେ।

୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ଅଶ୍ୱିନ ବର୍ତ୍ତମାନ ୯୯ ଟେଷ୍ଟର ୧୪୦ ପାଳିରୁ ୩୩୦୯ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫ ଶତକ ଓ ୧୪ ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୭ ବର୍ଷୀୟ ଏହି ଭେଟେରାନ ସ୍ପିନରଙ୍କ ନାମରେ ଟେଷ୍ଟରେ ୫୦୭ ୱିକେଟ୍ ଲିପିବଦ୍ଧ ରହିଛି। କପିଳ ଦେବ (୫୨୪୮ ରନ ଓ ୪୩୪ ୱିକେଟ୍)ଙ୍କ ପରେ ଅଶ୍ୱିନ ଦେଶର ୨ୟ ଅଲ୍‌ରାଉଣ୍ଡର ଭାବେ ଟେଷ୍ଟରେ ୩୦୦୦ ରନ ସହ ୩୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ୧୦୦ ଟେଷ୍ଟ ପୂର୍ବରୁ ଅଶ୍ୱିନ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରରେ ହାସଲ କରିଥିବା କିଛି ରେକର୍ଡ ଉପରେ ନଜର ପକାଇବା।



### ସର୍ବାଧିକଥର ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର

ଅଶ୍ୱିନ ତାଙ୍କ ୧୩ ବର୍ଷର ଟେଷ୍ଟ କ୍ୟାରିୟରରେ ୪୧ ସିରିଜ ଖେଳିସାରିଛନ୍ତି। ଯେଉଁଥିରେ ସେ ୧୧ଥର ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଯାହାକି ଭାରତୀୟ ଭାବେ ସର୍ବାଧିକ। ଏହି ତାଲିକାରେ ବୀରେନ୍ଦ୍ର ସେହ୍ୱାଗ ୨ୟ ସ୍ଥାନରେ ରହିଛନ୍ତି। ସେହ୍ୱାଗ ତାଙ୍କ ଟେଷ୍ଟ କ୍ୟାରିୟରରେ ୫ଥର ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ଅଶ୍ୱିନ ୯୯ ଟେଷ୍ଟରେ ୯ଟି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ବିରାଟ କୋହଲି, ଅନିଲ କୁମ୍ବଲେ ଓ ରବୀନ୍ଦ୍ର ଜାଡେଜା କ୍ୟାରିୟରରେ ୧୦ଟି ଟେଷ୍ଟରେ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭାରତୀୟ ଭାବେ ସଚିନ ତେନ୍ଦୁଲକର (୧୪ଥର) ଏହି ତାଲିକା ଶୀର୍ଷରେ ରହିଛନ୍ତି।

### ସର୍ବାଧିକ ୫ ଓ ୧୦ ୱିକେଟ୍ ସଫଳତା

୯୯ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ଅଶ୍ୱିନ ୩୫ଥର ଗୋଟିଏ ପାଳିରେ ୫ ୱିକେଟ୍ ସଫଳତା ପାଇଛନ୍ତି। ଭାରତୀୟ ଭାବେ ଅନିଲ କୁମ୍ବଲେଙ୍କ ସହ ସେ ଯୁଗ୍ମ ଶୀର୍ଷରେ ରହିଛନ୍ତି। ସେହିଭଳି ଅଶ୍ୱିନ ଟେଷ୍ଟରେ ଗୋଟିଏ ମ୍ୟାଚରେ ୮ଥର ୧୦ ୱିକେଟ୍ ନେଇଛନ୍ତି। ବିଶ୍ୱ ତାଲିକାରେ କୁମ୍ବଲେଙ୍କ ସହ ସେ ମିଳିତ ଭାବେ ୫ମ ସ୍ଥାନରେ ରହିଛନ୍ତି।

### ୨୫୦, ୩୦୦, ୩୫୦ ୱିକେଟ୍ ନେବାରେ ଦ୍ରୁତତମ

ପାଳି ଭିତ୍ତିରେ ଦେଖିଲେ ଅଶ୍ୱିନ ଟେଷ୍ଟ କ୍ରିକେଟ୍‌ରେ ୫୦, ୧୦୦, ୧୫୦, ୨୦୦, ୨୫୦, ୩୦୦, ୩୫୦, ୪୦୦, ୪୫୦ ଓ ୫୦୦ ୱିକେଟ ହାସଲ କରିବାରେ ଦ୍ରୁତତମ ଭାରତୀୟ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ୨୫୦, ୩୦୦ ଓ ୩୫୦ ୱିକେଟ୍ ହାସଲ କରିବାରେ ସେ ବିଶ୍ୱର ଦ୍ରୁତତମ ବୋଲର ବିବେଚିତ ହୋଇଛନ୍ତି।

### ଗୋଟିଏ କ୍ୟାଲେଣ୍ଡରେ ସର୍ବାଧିକଥର ୫୦ରୁ ଊର୍ଦ୍ଧ୍ୱ ୱିକେଟ୍

ଏହି ଲିଜେଣ୍ଡ ଭାରତୀୟ ସ୍ପିନର ତାଙ୍କ ଟେଷ୍ଟ କ୍ୟାରିୟରରେ ୪ଥର ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ୱିକେଟ୍ ନେଇଛନ୍ତି। ସେ ୨୦୧୫ରେ ୫୨ଟି, ୨୦୧୬ରେ ୭୨ଟି, ୨୦୧୭ରେ ୫୬ଟି ଏବଂ ୨୦୨୧ରେ ୫୪ଟି ଟେଷ୍ଟ ୱିକେଟ୍ ହାସଲ କରିଥିଲେ।

### ଗୋଟିଏ ଟେଷ୍ଟରେ ୩ଥର ଶତକ ଓ ୫ ୱିକେଟ୍ ସଫଳତା

ଅଶ୍ୱିନ ଏକମାତ୍ର ଭାରତୀୟ କ୍ରିକେଟର୍ ଭାବେ ଟେଷ୍ଟରେ ୩ଥର ଗୋଟିଏ ମ୍ୟାଚରେ ଶତକ ଓ ୫ ୱିକେଟ୍ ସଫଳତା ପାଇଛନ୍ତି। ୨୦୧୧ରେ ମୁମ୍ବଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ସେ ୧୦୩ ରନର ଶତକୀୟ ପାଳି ଖେଳିଥିବାବେଳେ ବୋଲିଂରେ ୫ ୱିକେଟ୍ ନେଇଥିଲେ। ସେହିଭଳି ୨୦୧୬ରେ ୱେଷ୍ଟଇଣ୍ଡିଜ (୧୧୩ ରନ ଓ ୭ ୱିକେଟ୍) ବିପକ୍ଷରେ ଏବଂ ୨୦୨୧ରେ ଇଂଲଣ୍ଡ (୧୦୬ ରନ ଓ ୫ ୱିକେଟ୍) ବିପକ୍ଷରେ ଏହି ଡବଲ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର